


ସୌରଭଙ୍କ ବାୟୋପିକ୍‌ରେ ରାଜକୁମାର

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-7 ♦BHUBANESWAR ♦TUESDAY ♦1 JULY 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୭ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ସୀମା ଟପିଲା ବିଜେପି କର୍ମୀଙ୍କ ଗୁଣ୍ଡାରାଜ

# ଅରାଜକତା

## ବିଏମ୍‌ସି ଅଧିକାରୀଙ୍କୁ ଅଫିସ୍‌ରୁ ଘୋଷାଡ଼ିଆଣି ମରଣାନ୍ତକ ଆକ୍ରମଣ



■ ଭୁବନେଶ୍ୱର, ୩୦।୬ (ସମିସ): ସବୁ ସୀମା ଅତିକ୍ରମ କଲେ ବିଜେପି ନେତା ଓ କର୍ମୀ। ବିଏମ୍‌ସି ଅଫିସରେ ପଶି ବରିଷ୍ଠ ଓଏଏସ୍ ଅଧିକାରୀ ତଥା ଅତିରିକ୍ତ କମିଶନରଙ୍କୁ ଅଫିସ ଭିତରୁ ପର୍ଟିକୋ ପର୍ଯ୍ୟନ୍ତ ଘୋଷାରି ଘୋଷାରି ଆଣିଲେ। ତାଙ୍କ ମୁହଁକୁ ଗୋଇଠା ମାରିଲେ, ଛାତି ଉପରେ ଚଢ଼ିଗଲେ। ତାଙ୍କୁ ଦରମରା କରିଦେଲେ। ବିଜେପି ଗୁଣ୍ଡାଙ୍କ ମାଡ଼ରେ ଅତିରିକ୍ତ କମିଶନରଙ୍କ ମୁଣ୍ଡ, ଛାତି ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପଛରେ ବିଜେପିର ପରାଜିତ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ପ୍ରୋତ୍ସାହନ ଥିବା କୁହାଯାଉଛି। ତାଙ୍କର ଘନିଷ୍ଠ ସହଯୋଗୀ ତଥା ବିଜେପି କର୍ପୋରେଟର ଅପରୂପ ନାରାୟଣ ନାୟକ ଓ ତାଙ୍କ ସହଯୋଗୀମାନେ ଗୁଣ୍ଡାରାଜ ଚଳାଇଥିବା ଅଭିଯୋଗ ହୋଇଛି ।

### ଫୋନ୍ ଛଡ଼ାଇ ନେଇ ଅପ୍‌ଲୋଡ୍ କଲେ ଆପତ୍ତିଜନକ ଫଟୋ, ଭିଡିଓ

### ଧାରଣାରେ ବସିଲେ ବିଏମ୍‌ସି କର୍ମଚାରୀ, ରାସ୍ତାରେ କର୍ପୋରେଟର୍

### ବିଜେଡିର ପ୍ରତିବାଦ; ମେୟର, ୩ ବିଧାୟକଙ୍କୁ ଉଠାଇନେଲା ପୁଲିସ୍

ବିଏମ୍‌ସି ଅଫିସ୍ ସମ୍ମୁଖ ଜନପଥରେ ଆକ୍ରମଣର ପ୍ରତିବାଦ କରି ବିଜେଡି ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ମେୟର ସୁଲୋଚନା ଦାସ, ବିଧାୟକ ଅରୁଣ ସାହୁ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ବିଜେଡି ନେତା ସଂଜୟ ଦାସ ବର୍ମା, ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକଙ୍କ ସମେତ ବହୁ କର୍ପୋରେଟରଙ୍କୁ ପୁଲିସ୍ ଉଠାଇ ନେଇଥିଲା। ▶ପୃଷ୍ଠା-୭


## ବିଏମ୍‌ସି ଅତିରିକ୍ତ କମିଶନର୍‌ଙ୍କ ଏତଲା ୩ ଗିରଫ



■ ଭୁବନେଶ୍ୱର, ୩୦।୬ (ସମିସ): ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଅଫିସ ଭିତରେ ଘୋଷାଡ଼ି ଘୋଷାଡି ଆକ୍ରମଣ କରିବା ଘଟଣାରେ ଖାରବେଳନଗର ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୀବନ ରାଉତ, ରଶ୍ମୀ ମହାପାତ୍ର ଏବଂ ଦେବାଶିଷ ପ୍ରଧାନ। ସେମାନଙ୍କୁ ସହିଦନଗର ଥାନା ଅଞ୍ଚଳରୁ ଗିରଫ କରାଯାଇଥିବା ପୁଲିସ କହିଛି। ଏହି ମାମଲାରେ ସଚ୍ଚିକାନ୍ତ ସ୍ୱାଇଁ, ସଞ୍ଜୀବ ମିଶ୍ର, ଦେବୁ ଏବଂ କାର୍ତ୍ତିକ ଫେରାର ରହିଥିଲା ଜଣାପଡ଼ିଛି। ଗିରଫ ▶ପୃଷ୍ଠା-୭

## ଦୃଢ଼ ନିନ୍ଦା କଲେ ନବୀନ

# ରାଜ୍ୟବାସୀ କେବେ କ୍ଷମା କରିବେ ନାହିଁ



■ ଭୁବନେଶ୍ୱର, ୩୦।୬ (ସମିସ): ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ କମିଶନର (ଓଏଏସ ଅଧିକାରୀ) ରତ୍ନାକର ସାହୁଙ୍କୁ ଆକ୍ରମଣ ଓ ମାଡ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମୁମ୍ବାଇରେ ଚିକିତ୍ସାଧୀନ ନବୀନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଆକ୍ରମଣର ଭିଡିଓ ମୋତେ ଚକିତ କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ସରକାର ପ୍ରତି ବିଶ୍ୱାସ ଫେରାଇ ଆଣିବାକୁ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ। ପୂର୍ବତନ

### ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଦାବି

### ରାଜ୍ୟପାଳଙ୍କ ପୁଅ ମାଡ଼ ଘଟଣା ପରି ଦଣ୍ଡରୁ ନ ବର୍ତ୍ତନ୍ତୁ ଦୋଷୀ

ରାଜ୍ୟପାଳଙ୍କ ପୁଅ ଯେପରି ଜଣେ ଅଧିକାରୀଙ୍କୁ ଆକ୍ରମଣ କରି ଦଣ୍ଡିତ ହେବାରୁ ବର୍ତ୍ତିଗଲେ, ଏହି ଘୃଣ୍ୟ କାର୍ଯ୍ୟ ସହ ଜଡ଼ିତ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସେପରି ଘଟିବାକୁ ଦିଆ ନ ଯାଉ ବୋଲି କହିଛନ୍ତି ନବୀନ। ଏହା ସହ ରାଜ୍ୟବାସୀ ଏପରି ଘଟଣାକୁ ଆଦୌ କ୍ଷମା ▶ପୃଷ୍ଠା-୭

## ୩୦ ବର୍ଷରେ ଏଭଳି କେବେ ହୋଇ ନ ଥିଲା

**ଓଏଏସ୍ ସଂଘର ତୀବ୍ର ନିନ୍ଦା**


### ମନୋବଳ ଭାଙ୍ଗିଯାଇଛି, ବିତୃଷ୍ଣା ଭାବ ସୃଷ୍ଟି ହୋଇଛି

### ପ୍ରରୋଚନାକାରୀ ବି ଗିରଫ ହେବା ଦରକାର

■ ଭୁବନେଶ୍ୱର, ୩୦।୬ (ସମିସ): ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ରାଜ୍ୟ ଓଏଏସ୍ ସଂଘ ତୀବ୍ର ବିରୋଧ କରିଛି। ଏଭଳି ଘଟଣା ପରେ ତୁରନ୍ତ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇ ଆକ୍ରମଣକାରୀ ଓ ଏଥିରେ ସଂଶ୍ଳିଷ୍ଟ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଏହି ବୈଠକ ପରେ ଓଏଏସ୍ ସଂଘର ସଭାପତି ଜ୍ୟୋତିରଞ୍ଜନ ମିଶ୍ର ▶ପୃଷ୍ଠା-୭







# ଭାରତ ବିରୋଧରେ ପୁଣି ଷଡ଼ଯନ୍ତ୍ର

## ମେଳି କରୁଛନ୍ତି ଚୀନ୍, ପାକିସ୍ତାନ, ବାଂଲାଦେଶ

ନୂଆଦିଲ୍ଲୀ, ୩୦।୬(ଏଜେନ୍ସି): ସାର୍କ (ସାଉଥ ଏସିଆ ଆସୋସିଏସନ ଫର ରିଜିଓନାଲ କୋପରେସନ)ର ବିକଳ୍ପ ସଂଗଠନ ଗଠନ କରି ଚୀନ୍, ପାକିସ୍ତାନ ଓ ବାଂଲାଦେଶ ଏବେ ଭାରତକୁ ଜବାବ ଦେବାକୁ ଚକ୍ରାନ୍ତ ଆରମ୍ଭ କରିଛନ୍ତି। ସାର୍କରେ ଭାରତ ଏକ ପ୍ରମୁଖ ସଦସ୍ୟ ଭାବେ ପ୍ରଭାବ ଜାହିର କରିଆସିଛି। କିନ୍ତୁ ପାକିସ୍ତାନର ଆତଙ୍କବାଦୀ ତଥା ଅନ୍ୟ ଭାରତ ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ଭାରତ ସାର୍କରୁ ଦୂରେଇ ଆସିଛି। ଉରି ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସାର୍କକୁ ବଏକଟ କରିଛି। ଫଳରେ ଏବେ ନୂଆ ସଂଗଠନ ଗଠନ କରିବାକୁ ଚୀନ୍ ଓ ପାକିସ୍ତାନ ଆଲୋଚନା ଆରମ୍ଭ କରିଛନ୍ତି ଓ ଏହି କଥା ଆଗକୁ ବଢ଼ିଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଏହି ଅଭିଯାନରେ ବାଂଲାଦେଶକୁ ସାମିଲ କରାଯାଇଛି। ଚୀନ୍‌ର କୁନମିଙ୍ଗ୍‌ରେ ଏହି ବୈଠକ ହୋଇଥିଲା। ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ଏହି ନୂଆ ସଂଗଠନରେ ସାମିଲ କରିବା ହିଁ ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପାକିସ୍ତାନର ଏକ୍ସପ୍ରେସ ଟ୍ରାଇବ୍ୟୁନ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ଉଲ୍ଲେଖଥାଉ



କି, ୧୯୮୫ ଡିସେମ୍ବର ୮ରେ ସାର୍କ ସଂଗଠନ ଗଠନ କରାଯାଇଥିଲା। ସାର୍କରେ ୭ଜଣ ପ୍ରତିଷ୍ଠାତା ସଦସ୍ୟ ରହିଛନ୍ତି। ୨୦୦୭ରେ ଆଫଗାନିସ୍ତାନକୁ ଏଥିରେ ସାମିଲ କରାଯାଇଥିଲା।

### ୨୦୧୪ରେ ଶେଷଥର ପାଇଁ ବୈଠକ ବସିଥିଲା

୨୦୧୬ରେ ସାର୍କ କାର୍ଯ୍ୟ କରିବା ବନ୍ଦ ହୋଇଥିଲା। ୨୦୧୪ରେ ନେପାଳ ରାଜଧାନୀ କଠମାଣ୍ଡୁରେ ସାର୍କର ଶିଖର ସମ୍ମିଳନୀ ଶେଷଥର ପାଇଁ ଅନୁଷ୍ଠିତ ହୋଇଥିଲା। ଭାରତ ସାର୍କ ବଦଳରେ ଏବେ ବିମଷ୍ଟେକକୁ ଅଗ୍ରାଧିକାର ଦେବା ଆରମ୍ଭ କରିଥିଲା। ୨୦୨୦ରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ସାର୍କ ଭିଡିଓ କନଫରେନ୍ସରେ କୋଭିଡ୍-୧୯ ଜରୁରିକାଳୀନ ସ୍ଥିତି ପାଇଁ ୧୦ ମିଲିଅନ ଆମେରିକୀୟ ଡଲାର ପାଣ୍ଠି ଦେବାକୁ ଘୋଷଣା କରିଥିଲେ। ଏହାପରେ ୨୦୨୦ ନଭେମ୍ବରରେ ଇସ୍‌ଲାମାବାଦ୍‌ରେ ହେବାକୁଥିବା ସାର୍କ ବୈଠକକୁ ଭାରତ ବଏକଟ କରିଥିଲା। ଉରିରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଆକ୍ରମଣରେ ୧୭ ଜଣ ଭାରତୀୟ ସୈନିକ ମୃତ୍ୟୁବରଣ କରିଥିବାରୁ ଭାରତ ଏହି ନିଷ୍ପତ୍ତି ନେଇଥିଲା। ସେତେବେଳେ ଆଫଗାନିସ୍ତାନ, ବାଂଲାଦେଶ ଓ ନେପାଳ ମଧ୍ୟ ଆତଙ୍କବାଦ ଓ ଆଞ୍ଚଳିକ ବୈଷମ୍ୟକୁ ବିରୋଧ କରି ଏହି ବୈଠକକୁ ବଏକଟ୍ କରିଥିଲେ।

**■ ସାର୍କ ବଦଳରେ ଗଠନ ହେବ ନୂଆ ସଂଗଠନ**

ଗଠନ ହେବାକୁ ଥିବା ନୂଆ ସଂଗଠନରେ ସାମିଲ ହେବାକୁ ଭାରତକୁ ଆମନ୍ତ୍ରଣ କରାଯାଇପାରେ। କିନ୍ତୁ ଭାରତ ଏହାକୁ ପ୍ରତ୍ୟାଖାନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ସାର୍କକୁ ବାତିଲ କରି ଚୀନ୍‌ର ପ୍ରଭାବ ବିସ୍ତାର କରିବାକୁ ଏହି ନୂଆ ସଂଗଠନ ଗଠନ କରାଯାଉଛି ବୋଲି ଭାରତ ହୃଦୟଙ୍ଗମ କରିଛି। ପୂର୍ବରୁ ଚୀନକୁ ସାର୍କରେ ସାମିଲ କରିବାକୁ ପାକିସ୍ତାନ ଚାହୁଁଥିଲା। କିନ୍ତୁ ପାକିସ୍ତାନର ଏହି ଆଶା ପୂରା ହୋଇ ନଥିଲା। ତେଣୁ ଚୀନ୍‌କୁ ନୂଆ ସଂଗଠନରେ ସାମିଲ କରିବାକୁ ଏବେ ବିଧିବଦ୍ଧ ଭାବେ ଚକ୍ରାନ୍ତ ଆରମ୍ଭ ହୋଇଛି ବୋଲି ଧରି ନେବାକୁ ହେବ। ତେବେ ଆଗକୁ କ'ଣ ହେଉଛି ତାହା ଦେଖିବାକୁ ବାକି ରହିଲା।

## ମଣିପୁରରେ ଗୁଳିମାଡ଼; ୪ ମୃତ

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ହିଂସା ପୀଡ଼ିତ ମଣିପୁର ଚୁରାଚାନ୍ଦପୁର ଜିଲ୍ଲାର ମୋଙ୍ଗଜଙ୍ଗ ଗ୍ରାମ ନିକଟରେ ଗୁଳିମାଡ଼ ହୋଇଛି। ସୋମବାର ଦ୍ୱିପହରେ କିଛି ଅଜ୍ଞାତ ଆକ୍ରମଣକାରୀ ଚାରିପଟୁ ଘେରି ଏକ ଗାଡ଼ି ଉପରେ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ ଜଣେ ମହିଳାଙ୍କ ସମେତ ୪ ଜଣ ପ୍ରାଣ ହରାଇଛନ୍ତି। ଚୁରାଚାନ୍ଦପୁର ସହରରୁ ସାତ କିମି ଦୂରରେ ଏହି ଆକ୍ରମଣ ହୋଇଛି। ପୀଡ଼ିତ କେଉଁଆଡେ ଯାଉଥିବାବେଳେ ଆକ୍ରମଣକାରୀ ଚାରିପଟୁ ଘେରି ଅତି ନିକଟ (ପଏଣ୍ଟ-ବ୍ଲାଙ୍କ ରେଞ୍ଜ)ରୁ ଗୁଳିମାଡ଼ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ପୀଡ଼ିତଙ୍କ ପରିଚୟ ମିଳିନାହିଁ। ପୁଲିସ ୧୨ରୁ ଅଧିକ ଖାଲି କ୍ୟାଟ୍ରିଜ ଜବତ କରିଛି। ଆକ୍ରମଣକାରୀ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲେ ବୋଲି ଜଣାପଡ଼ିଛି। ଏ ପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ପୁଲିସ ଉକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଛି।

## ଶତ୍ରୁ ଉପରେ ନଜର ରଖିବାକୁ ଭାରତ ପଠାଇବ ୫୨ ଉପଗ୍ରହ

ନୂଆଦିଲ୍ଲୀ, ୩୦।୬(ଏଜେନ୍ସି): ଅପରେସନ ସିନ୍ଦୂର ପରେ ଶତ୍ରୁ ଉପରେ ନଜର ରଖିବା ନିହାତି ଜରୁରୀ ବୋଲି ଭାରତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଖାସ୍ ଏଥିପାଇଁ ଭାରତ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଭାରତ ଆଗାମୀ କିଛିବର୍ଷ ମଧ୍ୟରେ ୫୨ଟି ସ୍ୱତନ୍ତ୍ର ଡିଫେନ୍ସ ସର୍ଭିଲେନ୍ସ ସାଟ୍‌ଲାଇଟ୍ ଅନ୍ତରୀକ୍ଷକୁ ଛାଡିବାକୁ ନିଷ୍ପତ୍ତି ନେଇଛି। ଏହି ଉପଗ୍ରହଗୁଡିକ ମଧ୍ୟରୁ ୨୧ଟି ଇସ୍ରୋ ଓ ବାକି ୩୧ଟି ୩ଟି ବେସରକାରୀ କମ୍ପାନୀ ତିଆରି କରିବେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କ୍ୟାବିନେଟ କମିଟି ଗତବର୍ଷ ଅକ୍ଟୋବରରେ ୨୬, ୯୬୮ କୋଟି ଟଙ୍କା ବିନିମୟରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ। ଆସନ୍ତାବର୍ଷ ଏପ୍ରିଲ୍‌ରେ ପ୍ରଥମ ଉପଗ୍ରହ ଛଡ଼ା ଯିବ। ଅନ୍ୟପକ୍ଷରେ ଅପରେସନ ସିନ୍ଦୂରର ମାସେ ପରେ ପାକିସ୍ତାନ ବାହାବଲପୁରସ୍ଥିତ ଜୈସ ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଦେଇଛି।

## ଟ୍ରମ୍ପ, ନେତନ୍ୟାହୁଙ୍କ ବିରୋଧରେ ଫତ୍‌ୱା

ତେହରାନ, ୩୦।୬ (ଏଜେନ୍ସି): ଇରାନର ସବୁଠୁ ବରିଷ୍ଠ ସିୟା ଧର୍ମଗୁରୁ ଗ୍ରାଣ୍ଡ ଅୟାତୁଲ୍ଲା ନାସିର ମକାରିମ ଶିରାଜି ବଡ଼ ପଦକ୍ଷେପ ନେଇଛନ୍ତି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ଫତ୍‌ୱା ଜାରି କରିଛନ୍ତି। ଉଭୟ ନେତାଙ୍କୁ ସେ ଆଲ୍ଲାଙ୍କ ଶତ୍ରୁ କହିଛନ୍ତି। ସାରା ବିଶ୍ୱର ମୁସଲମାନଙ୍କୁ ଏକାଠି ହେବାକୁ ସେ ଆହ୍ୱାନ ଦେଉଛନ୍ତି। ଇରାନ ଆକ୍ରମଣ ପାଇଁ ଏହି ଦୁଇ ନେତାଙ୍କୁ ପସ୍ତାଇବା ପାଇଁ ବାଧ୍ୟ କରାଇବାକୁ ମୁସଲମାନଙ୍କୁ କହିଛନ୍ତି। ମକାରିମ ଶିରାଜି କହିଛନ୍ତି ଯେ ଯିଏ ଇରାନର ସର୍ବୋଚ୍ଚ ନେତା କିମ୍ବା କୌଣସି ମରଜା (ଧାର୍ମିକ କର୍ତ୍ତୃପକ୍ଷ)ଙ୍କୁ କ୍ଷତି କରିବାକୁ କିମ୍ବା ଧମକାଇବାକୁ ପ୍ରୟାସ କରୁଛି ତେବେ ସେ ମୋହରିବ ଅର୍ଥାତ୍ ଯୁଦ୍ଧ ଚାହୁଁଥିବା ଅପରାଧି ହେବ। ଏଭଳି ଧମକ ଦେଇଥିବା ଦୋଷୀଙ୍କୁ ସାମ୍ନା କରିବାକୁ ପଡିବ।

## ଦଳିତ ନାବାଳିକାଙ୍କୁ ଆତଙ୍କୀ ଟ୍ରେନିଂ; ଦୁଇ ଗିରଫ

ପ୍ରୟାଗରାଜ, ୩୦।୬(ଏଜେନ୍ସି): ଉତ୍ତରପ୍ରଦେଶ ପ୍ରୟାଗରାଜ୍‌ରେ ଜଣେ ଦଳିତ ନାବାଳିକାଙ୍କୁ କେରଳ ନିଆଯାଇ ଆତଙ୍କବାଦୀ ଟ୍ରେନିଂ ଦିଆଯାଉଥିଲା। ବ୍ରେନ୍ ୱାସ୍ କରାଯିବା ସହ ନାବାଳିକାଙ୍କର ଜବରଦସ୍ତି ଧର୍ମ ପରିବର୍ତ୍ତନ କରାଯାଇଥିଲା। ଏହାପରେ ଜିହାଦ୍ ନାମରେ ତାଙ୍କୁ ଆତଙ୍କବାଦ ଟ୍ରେନିଂ ଦିଆଯାଇଥିଲା। କିନ୍ତୁ ସୁଯୋଗ ଦେଖି ନାବାଳିକା ଜଣକ ସେଠାରୁ ପଳାଇଆସି କେରଳର ଏକ ରେଳ ଷ୍ଟେସନରେ ପହଞ୍ଚିଥିଲେ ଓ ରେଳବାଇ ପୁଲିସ୍‌ଙ୍କୁ ସବୁକଥା କହିଥିଲେ। ଏହାପରେ କେରଳ ପୁଲିସ୍ ଏ ନେଇ ପ୍ରୟାଗରାଜ ପୁଲିସ୍‌ଙ୍କୁ ସୂଚନା ଦେଇଥିଲେ। ନାବାଳିକ ଜଣକ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇ ନିଖୋଜ ହୋଇଥିଲେ। ସେ ମଧ୍ୟ ଫୋନ କରି ଉଦ୍ଧାର କରିବାକୁ ମାଙ୍କୁ ଫୋନ୍ କରିଥିଲେ। ପୀଡିତାଙ୍କ ମାଙ୍କ ଅଭିଯୋଗ କ୍ରମେ ପୁଲିସ୍ ମହମ୍ମଦ କୈଫ୍ ଓ ତା'ର ନାବାଳିକା ସାଥିଙ୍କୁ ଗିରଫ କରିଛି।

## ସିଦ୍ଧରମୈୟା ଓ ଶିବକୁମାର ପୁଣି ଏକାଠି

ବେଙ୍ଗାଲୁରୁ, ୩୦।୬(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପୁଣି ଥରେ ଏକାଠି ହୋଇଛନ୍ତି। ଦୁହିଁଙ୍କ ମଧ୍ୟରେ ମତପାର୍ଥକ୍ୟ ନେଇ ଚର୍ଚ୍ଚା ହେଉଥିଲା। ତେବେ ଦୁହେଁ ଏହାକୁ ଖଣ୍ଡନ କରିଛନ୍ତି। ଆମ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି ଓ କୌଣସି ମତପାର୍ଥକ୍ୟ ନାହିଁ ବୋଲି ସିଦ୍ଧରମୈୟା କହିଛନ୍ତି। ଚିଳିତ ବର୍ଷ ଶେଷ ଆଡକୁ କଂଗ୍ରେସ ହାଇକମାଣ୍ଡ ରାଜ୍ୟ ସରକାରରେ ନେତୃତ୍ୱ ପରିବର୍ତ୍ତନ କରିପାରିନ୍ତ ବୋଲି ଚର୍ଚ୍ଚା ହେଉଥିଲା। ଏ ନେଇ କଂଗ୍ରେସ ହାଇକମାଣ୍ଡ ଅନ୍ତିମ ନିଷ୍ପତ୍ତି ନେବେ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି। ତେଣୁ ବର୍ତ୍ତମାନ ଏ ନେଇ କୌଣସି ଅନୁମାନ କରିବା ଠିକ୍ ହେବ ନାହିଁ ବୋଲି ସେ କହିଛନ୍ତି। ଏହା ଦ୍ୱାରା ବର୍ତ୍ତମାନ ପାଇଁ ଅତିକମ୍‌ରେ ଦୁହିଁଙ୍କ ମଧ୍ୟରେ ବିବାଦ ଥମିଛି ବୋଲି ଧରି ନେବାକୁ ହେବ। ଇତିମଧ୍ୟରେ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ସିଦ୍ଧରମୈୟା ଶିବକୁକମାରଙ୍କ ହାତ ଉପରେ ଉଠାଇଥିବା ବେଳେ ଶିବ୍‌କୁମାର ହସୁଥିବାର ଦେଖାଯାଇଛି।

## ରାସାୟନିକ କାରଖାନାରେ ବିସ୍ଫୋରଣ
## ୧୨ ଶ୍ରମିକ ମୃତ, ୩୪ ଆହତ



ସଙ୍ଗାରେଡ୍ଡୀ, ୩୦।୬ (ଏଜେନ୍ସି): ତେଲଙ୍ଗାନା ସଙ୍ଗାରେଡ୍ଡୀ ଜିଲ୍ଲାର ପାସାମିଲାରାମ ସ୍ଥିତି ରାସାୟନିକ କାରଖାନା 'ସିଗାଚି ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ'ର ରିଆକ୍ଟରରେ ସୋମବାର ସକାଳେ ଭୟଙ୍କର ବିସ୍ଫୋରଣ ହୋଇଛି। ଏହି ଅଘଟଣରେ ୧୨ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ୩୪ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଆଇଜି ଭି ସତ୍ୟନାରାୟଣ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୬ ମୃତଦେହ ଉଦ୍ଧାର କରାଯାଇଛି। ଏଠାରେ ଓଡ଼ିଶା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗର ଶ୍ରମିକ କାମ କରୁଥିଲେ। ତେବେ ଏ ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରି ନାହିଁ। କାରଖାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦୁର୍ଘଟଣା ସମୟରେ ୧୫୦ ଜଣ କାମ କରୁଥିଲେ। ଏହାର ଆଖପାଖରେ ଆଉ ୯୦ ଜଣ ରହିଥିଲେ। ସକାଳ ୯ଟା ୨୮ରୁ ୯ଟା ୩୫ ଭିତରେ ଏହି ବିସ୍ଫୋରଣ ହୋଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ ସେଠାରେ କାମ କରୁଥିବା ଶ୍ରମିକ ଶହେ ମିଟର ଦୂରରେ ଯାଇ ପଡ଼ିଥିଲେ। ବିସ୍ଫୋରଣରେ ରିଆକ୍ଟର ୟୁନିଟ ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି। ଏହାର ସୂଚନା ପାଇବା ମାତ୍ରେ ଦମକଳ ବିଭାଗ ଏବଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପରେ ଏନ୍‌ଡିଆରଏଫ ଏବଂ ଏସ୍‌ଡିଆରଏଫ ଟିମ୍‌କୁ ଡକା ଯାଇଥିଲା।

### ଓଡ଼ିଶା ଶ୍ରମିକ ବି କାମ କରୁଥିଲେ

ନିଆଁକୁ ନିୟନ୍ତ୍ରଣ କରିବା ପୂର୍ବରୁ ଏକ ପ୍ରକୋଷ୍ଠରେ ଫସି ରହିଥିବା ୧୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ତେବେ କାରଖାନା ଭିତରେ କେତେ ଶ୍ରମିକ ରହିଥିଲେ ତାହାର ସଠିକ୍ ସୂଚନା ମିଳିପାରି ନାହିଁ। କାରଣ ରେକର୍ଡ ରଖୁଥିବା ବ୍ୟକ୍ତି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। ରିଆକ୍ଟରରେ ଦ୍ରୁତଗତିରେ ରାସାୟନିକ ପ୍ରତିକ୍ରିୟା ହେବାରୁ ବିସ୍ଫୋରଣ ହୋଇଥିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପିଏମଏନଆରଏଫ ପାଣ୍ଠିରୁ ପୀଡ଼ିତ ପରିବାରଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ମୋଦୀ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ସିଗାଚି ଏକ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ। ଏହି କମ୍ପାନୀ ବିଭିନ୍ନ ଔଷଧ, ଭିଟାମିନ-ମିନେରାଲ୍ସ ବନାଇବା ସହିତ ଅପରେସନ ଏବଂ ପରିଚାଳନା କାର୍ଯ୍ୟ ସହ ଜଡ଼ିତ ଥିଲା। ଏହି କମ୍ପାନୀ ଏକ ପାଉଡର ମଧ୍ୟ ପ୍ରସ୍ତୁତ କରୁଥିଲା। ଏହାର ଉତ୍ପାଦ ୬୫ ଦେଶକୁ ପଠା ଯାଉଥିଲା। ଏଠାରେ ସିଫ୍ଟରେ କାମ କରୁଥିବା ଲୋକଙ୍କୁ ମୋବାଇଲ ଜମା କରିବାକୁ ପଡୁଥିଲା। ତେଣୁ ଭିତରେ କାମ କରୁଥିବା ଲୋକଙ୍କ କୌଣସି ଖୋଜଖବର ମିଳିପାରି ନାହିଁ।

## ପାଣି ପାଇଁ ଥର୍ ମରୁଭୂମିରେ ପାକ୍ ଦମ୍ପତିଙ୍କ ଜୀବନ ଗଲା

ଜୟସାଲମେର, ୩୦।୬(ଏଜେନ୍ସି): ବେଆଇନ୍ ଭାବେ ଭାରତକୁ ଆସି ଏକ ପାକ୍ ଦମ୍ପତ୍ତି ଅନ୍ତର୍ଜାତୀୟ ସୀମାର ୧୧ କିମି ଦୂରେ ଜୟସାଲମେରର ଥର୍ ମରୁଭୂମିରେ ମୃତ୍ୟୁ ବରଣ କରିଛନ୍ତି। ଶୋଷ ତଥା ପାଣି ନ ପାଇ ଦୁହେଁ ପ୍ରାଣ ହରାଇଛନ୍ତି ବୋଲି କୁହାଯାଇଛି। ସ୍ଥାନୀୟ ଲୋକେ ଦୁହିଁଙ୍କ ମୃତଦେହ ଦେଖି ବିଏସ୍‌ଏଫ୍‌କୁ ସୂଚନା ଦେଇଥିଲେ। ଦୁହିଁଙ୍କ ଭୋଟ ପରିଚୟ ପତ୍ର ଉଦ୍ଧାର କରାଯାଇଥିଲା ଓ ସେମାନେ ପାକିସ୍ତାନର ସିନ୍ଧ୍ ରାଜ୍ୟର ବୋଲି ଜଣାପଡ଼ିଛି। ଏହି ଦୁଇଜଣ ହେଲେ ୧୭ ବର୍ଷୀୟ ରବି କୁମାର ଓ ତାଙ୍କ ପତ୍ନୀ ୧୫ ବର୍ଷୀୟା ଶାନ୍ତି ବାଇ। ପାକିସ୍ତାନର ଏକ ମୋବାଇଲ ସିମ୍ କାର୍ଡ ମଧ୍ୟ ନିକଟରୁ ଉଦ୍ଧାର କରାଯାଇଛି। ମୃତଦେହ କଳା ପଡ଼ିଯାଇଥିଲା। ଫଳରେ ଡିହାଇଡ୍ରେସନ ଓ ଶୋଷ ପାଇଁ ସେମାନ ପ୍ରାଣ ହରାଇଛନ୍ତି ବୋଲି କୁହାଯାଇଛି। ବେଆଇନ୍ ଭାବେ ଭାରତକୁ ଆସିବା ପାଇଁ ପ୍ରୟାସ କରି ଦୁହେଁ ବାଟବଣା ହୋଇଯାଇଥିଲେ। ପୋଷାକରୁ ଦୁହେଁ ନବବିବାହିତ ବୋଲି ଅନୁମାନ କରାଯାଉଛି। ଭାରତ ଆସିବାକୁ ଦୁହେଁ ଭିସା ଆବେଦନ କରିଥିଲେ। କିନ୍ତୁ ଦୁଇ ଦେଶ ମଧ୍ୟରେ ହୋଇଥିବା ଯୁଦ୍ଧ ତଥା ଅପରେସନ ସିନ୍ଦୂର ପାଇଁ ଭିସା ମିଳିବାରେ ବିଳମ୍ବ ହୋଇଥିଲା। ଜୁନ୍ ୨୧ରେ ଏହି ଦମ୍ପତ୍ତି ଘର ଛାଡିଥିଲେ। ପାକିସ୍ତାନ ସୀମାର ନିକଟବର୍ତ୍ତୀ ନୁରପୁର ଦର୍ଘାରେ ସେମାନଙ୍କ ମୋଟରସାଇକଲ ଦେଖିବାକୁ ମିଳିଛି। ପାକିସ୍ତାନରେ ଖାସ୍ କରି ସିନ୍ଧ୍‌ରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାରରୁ ରକ୍ଷା ପାଇଁ ଭାରତ ଏକ ଉନ୍ନତ ଜୀବନଧାରଣ ପାଇଁ ଦୁହେଁ ଭାରତ ଆସିବାକୁ ପ୍ରୟାସ କରିଥିଲେ। ମୃତଦେହଗୁଡିକର ବ୍ୟବଚ୍ଛେଦ କରାଯିବ। ଏବେ ଦୁହିଁଙ୍କ ମୃତଦେହ ଫେରାଇ ଆଣିବାକୁ ସେମାନଙ୍କ ପରିବାର ପାକ ସରକାରଙ୍କୁ ନିବେଦନ କରିଛନ୍ତି।

## ହିମାଚଳରେ ପ୍ରବଳ ବର୍ଷା; ୨୮୫ ରାସ୍ତା ବନ୍ଦ; ୩୯ ମୃତ

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ହିମାଚଳ ପ୍ରଦେଶରେ ଗତ ୪୮ ଘଣ୍ଟା ହେଲା ପ୍ରବଳ ବର୍ଷା ଜାରି ରହିଛି। ଏହାର ପ୍ରଭାବରେ ଅନେକ ଜିଲ୍ଲାରେ ଭୂସ୍ଖଳନ ହୋଇଛି। ପାଣି ଭର୍ତ୍ତି ହୋଇଯିବାରୁ ବନ୍ୟା ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଏଥିଯୋଗୁଁ ରାଜ୍ୟର ୨୮୫ ରାସ୍ତା ବନ୍ଦ ରହିଛି। ଏହି ସବୁ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ କରିଦିଆଯାଇଛି। ମୌସୁମୀ ପରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୩୯ ଜଣ ପ୍ରାଣ ହରାଇଲେଣି। ଗତ ୨୪ ଘଣ୍ଟାରେ କେବଳ ୩ ଜଣଙ୍କ ମୃତ୍ୟୁ ହୋଇଛି। ଆଜି ସକାଳେ ମଣ୍ଡି-କୁଲୁ ଜାତୀୟ ରାଜପଥର ଥଲୌଟର ଭୁବୁ ଜୋତ ସୁଡ଼ଙ୍ଗ ନିକଟରେ ଭୂସ୍ଖଳନ ହୋଇଛି। ଏଥିପାଇଁ ଅନେକ ଗାଡ଼ି ୫ ଘଣ୍ଟା ପର୍ଯ୍ୟନ୍ତ ଫସି ରହିଥିଲା। ସେହିପରି ବର୍ଷା ଯୋଗୁଁ ସିମ୍‌ଲାର ଭଟ୍ଟାକୁପରରେ ଥିବା ଏକ ୫ ମହଲା କୋଠା ଭୁଶୁଡି ଯାଇଛି। ତେବେ କୌଣସି କ୍ଷୟକ୍ଷତି ହୋଇନାହିଁ। କାରଣ ରବିବାର ରାତିରେ ଏହାକୁ ଖାଲି କରିଦିଆଯାଇଥିଲା। ଅନ୍ୟପକ୍ଷରେ ଉତ୍ତରାଖଣ୍ଡର ସିଲାଇ ବ୍ୟାଣ୍ଡ ନିକଟରେ ବାଦଲଫଟା ବର୍ଷା ହୋଇଛି। ଏଥିରେ ୭ ଜଣ ଲୋକ ଭାସି ଯାଇଛନ୍ତି। ସେହିପରି ବିହାରରେ ବଜ୍ରପାତରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏହା ବ୍ୟତୀତ ରାଜସ୍ଥାନ ଚୁରୁରେ ୩ରୁ ୪ ଫୁଟର ପାଣି ଜମା ହୋଇଛି। ଘରେ ଏବଂ ଦୋକାନରେ ପାଣି ପଶି ଯାଇଛି।

## ତେଲଙ୍ଗାନା ବିଜେପିରେ ବିଦ୍ରୋହ ଦଳ ଛାଡିଲେ ବିଧାୟକ ରାଜା ସିଂ



ହାଇଦରାବାଦ୍, ୩୦।୬(ଏଜେନ୍ସି): ତେଲଙ୍ଗାନା ବିଧାୟକ ଟି ରାଜା ସିଂ ସୋମବାର ବିଜେପିରୁ ଇସ୍ତଫା ଦେଇଛନ୍ତି। ଗୋସାମହଲ ନିର୍ବାଚନ ମଣ୍ଡଳୀର ବିଧାୟକ ରାଜା ଅସନ୍ତୋଷ ଜାହିର କରି ଏହି ନିଷ୍ପତ୍ତି ନେଇଛନ୍ତି। ସେ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟ ବିଜେପି ମୁଖ୍ୟ ଜି କିଶନ ରେଡ୍ଡୀଙ୍କୁ ନିଜର ଇସ୍ତଫା ପତ୍ର ପଠାଇଛନ୍ତି। ପୂର୍ବତନ ଏମ୍‌ଏଲ୍‌ସି ଏନ୍ ରାମଚନ୍ଦର ରାଓଙ୍କୁ ତେଲଙ୍ଗାନା ରାଜ୍ୟର ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବ ଖବର ପ୍ରକାଶ ପାଇବା ପରେ ରାଜା ଏହି ନିଷ୍ପତ୍ତି ନେଇଛନ୍ତି। ରାମଚନ୍ଦର ରାଓ ଜଣେ ହାଇକୋର୍ଟ ଓକିଲ ଓ ଲେଜିସଲେଟିଭ କାଉନସିଲର ପୂର୍ବତନ ସଦସ୍ୟ ଥିଲେ। ସେ ମଧ୍ୟ ପୂର୍ବରୁ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ, ଭାରତୀୟ ଜନତା ଯୁବ ମୋର୍ଚ୍ଚା ଓ ବିଜେପି ଲିଗାଲ ସେଲ୍‌ରେ କାର୍ଯ୍ୟ କରିଛନ୍ତି। ସେ ମଧ୍ୟ ପୂର୍ବରୁ ହାଇଦରାବାଦ୍ ପାର୍ଟିର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ବିଜେପି କେନ୍ଦ୍ରୀୟ ନେତୃତ୍ୱ ରାଜ୍ୟ ବିଜେପି ଅଧ୍ୟକ୍ଷ ପଦ ପାଇଁ ତାଙ୍କ ନାମ ଅନୁମୋଦନ କରିଛି। ମଙ୍ଗଳବାର ତାଙ୍କୁ ସର୍ବ ସମ୍ମତିକ୍ରମେ ଅଧ୍ୟକ୍ଷ ପଦକୁ ନିର୍ବାଚିତ କରାଯିବାର କାର୍ଯକ୍ରମ ରହିଛି। କେନ୍ଦ୍ରୀୟ ନେତୃତ୍ୱରେ ଏହି ନିଷ୍ପତ୍ତିରେ ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତା, ନେତା, ଭୋଟର ନିରାଶ ହୋଇଛନ୍ତି ବୋଲି ରାଜା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ରାଜାଙ୍କ ବିରୋଧରେ ୧୦୫ଟି ଅପରାଧିକ ମାମଲା ଦାଏର ହୋଇଛି। ଏଥି ମଧ୍ୟରୁ ୧୮ ଟି ସାମ୍ପ୍ରଦାୟିକ ମାମଲା ସାମିଲ ରହିଛି। ୨୦୨୨ରେ ତାଙ୍କୁ ପାର୍ଟିରୁ ନିଲମ୍ବିତ କରାଯାଇଥିଲା। ରାଜା ଗୋସାମହଲରୁ ୩ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ରାଜା ପୂର୍ବରୁ ନିଜର ସାମ୍ପ୍ରଦାୟିକ ଭାଷଣ ପାଇଁ ବିବାଦୀୟ ହୋଇ ପଡ଼ିଥିଲେ।

## ପୁଣି ଚର୍ଚ୍ଚାରେ ବିହାରର ମୃତ୍ୟୁପଥ



ପାଟନା, ୩୦।୬ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପୁଣି ବିହାର ଚର୍ଚ୍ଚାରେ ରହିଛି। ଏଥର ଜଳଖିଆ ଖାଇ ପଇସା ମାଗିବାରୁ ନାବାଳକ ହତ୍ୟା ପାଇଁ ନୁହେଁ, ବରଂ ଶହେ କୋଟିର ରାସ୍ତାକାମକୁ ନେଇ ମେଣ୍ଟ ସରକାରଙ୍କୁ ନିନ୍ଦା କରାଯାଉଛି। ନୂଆ କରି ନିର୍ମିତ ଏହି ଖାଲଖମା ବିହୀନ ଓସାରିଆ ରାସ୍ତାରେ କେହି ଗାଡ଼ି ଚଲାଇବାକୁ ରାଜି ହେଉନାହାନ୍ତି। କାରଣ ରାସ୍ତାରେ ଖାଲ ନୁହେଁ, ଗଛ ରହିଛି। ଗତି ରୋଧକ ଭାବେ ଦୁଇ ପାର୍ଶ୍ୱ ଏବଂ ମଝିରେ ଗଛ ସେମିତି ଛିଡ଼ା ହୋଇଛି। ଆଉ ଏହି ବିପଜ୍ଜନକ ରାସ୍ତାରେ ଗାଡ଼ି ଚଲାଇଲେ ଜୀବନ ଯିବାର ବିପଦ ରହିଛି। ଏହି ରାସ୍ତା ଠିକ୍ ଭିଡିଓ ଗେମ୍ ପରି ହୋଇଛି। ଟିକେ ନଜର ହଟିଲେ ଦୁର୍ଘଟଣା ହେବାର ଶତ ପ୍ରତିଶତ ସମ୍ଭାବନା ରହିଛି। ଏହି ଅଜବ ରାସ୍ତା ରାଜଧାନୀ ପାଟନାଠାରୁ ୫୦ କିମି ଦୂର ଜେହାନାବାଦରେ ରହିଛି। ୭.୪୮ କିମିର ପାଟନା-ଗୟା ମୁଖ୍ୟ ରାସ୍ତାର ଭିଡିଓ ଏବଂ ଫଟୋ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ରାସ୍ତା ମଝିରେ ଅନେକ ଗଛ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ କିମ୍ବା ଗୋଟିଏ ଧାଡିରେ ଗଛ ଗୁଡିକ ନ ଥିବାରୁ ପ୍ରତିଦିନ ଦୁର୍ଘଟଣା ହେଉଛି। ରାତିରାତି ଏହି ଗଛଗୁଡିକ ଉଠି ନ ଥିବାବେଳେ ଠିକାଦାର ରାସ୍ତା ନ କାଟି କାମ ସାରି ଦେଇଛନ୍ତି। ସୂଚନା ଅନୁଯାୟୀ ଜିଲ୍ଲା ପ୍ରଶାସନ ଶହେ କୋଟି ଟଙ୍କାର ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପ ପାଇଁ ଗଛ କାଟିବାକୁ ବନ ବିଭାଗକୁ ଅନୁମତି ମାଗିଥିଲା। କିନ୍ତୁ ଏହା ଦାବିକୁ ଖାରଜ କରି ଦିଆଯାଇଥିଲା। ଏହା ପ୍ରତି ବଦଳରେ ୧୪ ହେକ୍ଟର ଜଙ୍ଗଲ ଜମି ପାଇଁ କ୍ଷତିପୂରଣ ମାଗିଥିଲା। କିନ୍ତୁ ଜିଲ୍ଲା ପ୍ରଶାସନ ଏହି ଦାବି ମାନି ନ ଥିଲେ। ତେଣୁ ଭୟଙ୍କର ପଦକ୍ଷେପ ନେଇ ପ୍ରଶାସନ ଗଛକୁ ସେମିତି ମଝିରେ ଛାଡ଼ି ଦେଇଥିଲା। ଶହେ କୋଟି ଟଙ୍କାରେ ମୃତ୍ୟୁର ପଥ ତିଆରି କରିଥିଲା। ଏଥିଯୋଗୁଁ ଅନେକ ଦୁର୍ଘଟଣା ଘଟୁଛି। ଏହା ସତ୍ତ୍ୱେ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। ଏହି ରାସ୍ତାରେ ମୃତ୍ୟୁ ପାଇଁ କିଏ ଦାୟୀ ହେବ ତାହା ଏବେ ପ୍ରଶ୍ନ ଉଠୁଛି।

### ଶହେ କୋଟିର ରାସ୍ତା ମଝିରେ ଗଛ ଭର୍ତ୍ତି

### ମାଉସୀ ମା' ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି

## ମତ୍ସ୍ୟ ଓ କୂର୍ମ ବେଶ ଦେଖି ଭକ୍ତ ବିମୋହିତ



**ବାରିପଦା,୩୦।୬(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଗୁଣ୍ଡିଚା ଯାତ୍ରା ଶେଷ ହେବା ପରେ ରାଧାମୋହନ ମନ୍ଦିର ବା ମାଉସୀ ମା' ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ଦିଅଁଙ୍କ ଆଗମନ ପାଇଁ ପରମ୍ପରା ଅନୁସାରେ ରାଧାମୋହନଙ୍କ ପ୍ରତିମୂର୍ତ୍ତିଙ୍କୁ ସ୍ୱତନ୍ତ୍ର ମନ୍ଦିର ଗୃହକୁ ସ୍ଥାନାନ୍ତର କରାଯାଇ ଆଡ଼ପମଣ୍ଡପକୁ ପ୍ରସ୍ତୁତ ରଖାଯାଇଥିଲା। ସମସ୍ତ

### ଆଜି ହେରା ପଞ୍ଚମୀ; ରଥ ଭାଙ୍ଗିବେ ମହାଲକ୍ଷ୍ମୀ

ଦେବନୀତି ପରେ ଦିଅଁଙ୍କ ପହଡ଼ ପଡ଼ିଥିଲା। ସୋମବାର ସକାଳେ ପହଡ଼ ଭଙ୍ଗା ପରେ ମଙ୍ଗଳ ଆଳତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ଅବକାଶ ପୂଜା ସାଙ୍ଗକୁ ସାଧାରଣ ପୂଜା, ପୋଡ଼ପିଠା ଓ ପାଣିଆ ଖେଚୁଡ଼ି ଭୋଗ ଲାଗି ପରେ ଠାଁ କାର୍ଯ୍ୟ ସମ୍ପନ୍ନ ହୋଇ ପହଡ଼ ପଡିଥିଲା। ଅପରାହ୍ଣରେ ସମସ୍ତ ନୀତି ପରେ ଦିଅଁଙ୍କ ବେଶ ଆରମ୍ଭ ହୋଇଥିଲା। ସନ୍ଧ୍ୟା ବେଳକୁ ମତ୍ସ୍ୟ ଓ କୂର୍ମ ବେଶରେ ଦିଅଁ ଭକ୍ତଙ୍କୁ ବିମୋହିତ କରିଥିଲେ। ଏହି ବେଶ ଦେଖିବାକୁ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା।

ମଙ୍ଗଳବାର ହେରା ପଞ୍ଚମୀ ହେତୁ ମହାଲକ୍ଷ୍ମୀ ରଥ ଭାଙ୍ଗିବା ପରମ୍ପରା କାର୍ଯ୍ୟ ହେବାକୁ ଥିବା ବେଳେ ସନ୍ଧ୍ୟାରେ ଦିଅଁ ଲକ୍ଷ୍ମୀ ନୃସିଂହ ବରାହ ବେଶରେ ଭକ୍ତଙ୍କୁ ଦେଖାଦେବେ ବୋଲି ମନ୍ଦିର ପରିଚ୍ଛା ଦୁର୍ଗାଚରଣ ଜିତବାବୁ କହିଛନ୍ତି। ବେଶର ବିଶେଷତ୍ୱ ହେଲା, ଏକଦା ପ୍ରଳୟ କାଳରେ ଜୀବଜଗତ ବିଲୀନ ହେବା ନିଶ୍ଚିତ ହୋଇଥିବା ବେଳେ ଭଗବାନ ରାଜର୍ଷି ମନୁ ଓ ସପ୍ତମହର୍ଷି ସମସ୍ତ ବନସ୍ପତି ବୀଜଙ୍କୁ ଏକ ନାଆରେ ବସାଇ ନିଜେ ମତ୍ସ୍ୟରୂପ ଧାରଣ ପୂର୍ବକ ଶିଙ୍ଘରେ ନାଆକୁ ଧରି ପୁନର୍ବାର ସୃଷ୍ଟିକୁ ସର୍ବୋତ୍ତମ ପୃଥବୀବାସୀଙ୍କୁ ଜନ୍ମ ଦେଇଥିଲେ। ସେହିପରି ସମୁଦ୍ରମନ୍ଥନ ସମୟରେ ମନ୍ଦର ପର୍ବତ ଖୁଆଦଣ୍ଡ ଓ ବାସୁକି ନାଗ ଖୁଆଦଉଡିର ଭାରା ପୃଥବୀ ସହିବାରେ ଅକ୍ଷମ ହେବାରୁ ମହାପ୍ରଭୁ କୂର୍ମ ଅବତାର ଧାରଣ କରି ନିଜ ପିଠିରେ ଭାରାକୁ ସହି ମନ୍ଥନ କାର୍ଯ୍ୟ ସୁରୁଖୁରରେ ହେବାକୁ ଦେଇଥିଲେ।

ଅପରପକ୍ଷେ, ବଡ଼ଦାଣ୍ଡ ସମେତ ସହରରେ ରଥଯାତ୍ରା ପାଇଁ ବାହାରର ମୀନାବଜାର, ଦୋଳି, ବିଭିନ୍ନ ବ୍ୟବସାୟୀ ଓ ଉଠା ଦୋକାନୀ ପସରା ମେଲାଇଛନ୍ତି। ଫଳରେ ଅପରାହ୍ଣରୁ ରାତି ୧୧ଟା ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଲାଗି ରହିଛି। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ୍ ସହରସାରା ମୁତୟନ ରହିଛନ୍ତି।

# ଓଡ଼ିଶାରେ ଜଙ୍ଗଲରାଜ; ଆଇନଶୃଙ୍ଖଳା ଧରାଶାୟୀ

### ବିଜେପି କର୍ମୀଙ୍କୁ ସରକାରୀ କର୍ମଚାରୀଙ୍କ ଭୟ

**ଭୁବନେଶ୍ୱର,୩୦।୬(ସମିସ):** ସାରା ରାଜ୍ୟରେ ଅରାଜକତା। ହତ୍ୟା, ଦୁଷ୍କର୍ମ, ଗଣଦୁଷ୍କର୍ମ ଘଟଣା ରାଜ୍ୟର ଆଇନଶୃଙ୍ଖଳାକୁ ଧରାଶାୟୀ କରିଛି। ଶାସକ ବିଜେପି ଦଳର କର୍ମୀମାନେ ରାଜ୍ୟ ସାରା ଆତଙ୍କରାଜ ଚଳାଇଥିବାବେଳେ ରାଜଧାନୀର ଛାତି ଉପରେ ଘଟିଥିବା ଘଟଣା ସବୁ ବର୍ବରତାର ସୀମା ଟପିଛି। ଶାସକ ଦଳର ଜଣେ ପରାଜିତ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକ ଓ ଶାସକ ଦଳର କର୍ପୋରେଟର ବିଏମ୍‌ସି କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ ତଥା ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଘୋଷାରି ଘୋଷାରି ମାଡ଼ ମାରିବା, ତାଙ୍କ ମୁହଁରେ ଓ ଛାତିରେ ଗୋଇଠା ମାରିବା ପରି ଭୟଙ୍କର ଘଟଣା ମାନବିକତାକୁ ପ୍ରଚଣ୍ଡ ଆଘାତ ଦେଇଛି । ଗତବର୍ଷ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ତତ୍‌କାଳୀନ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଓ ଛେପ ପକାଇ ଚାଟିବାକୁ ବାଧ କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏବେ ବିଜେପି କର୍ମୀ ଓ କର୍ପୋରେଟର ଓଏଏସ୍ ଅଧିକାରୀଙ୍କୁ ବର୍ବର ଆକ୍ରମଣ କରିବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ହତ୍ୟା, ଦୁଷ୍କର୍ମ ଭଳି ଘଟଣା ପାଇଁ ଓଡ଼ିଶା ଏବେ ଜାତୀୟ ସ୍ତରରେ ନିନ୍ଦିତ ହେଉଥିବା ବେଳେ ଦିନକୁ ଦିନ ରାଜ୍ୟରେ ସରକାରୀ କର୍ମଚାରୀଙ୍କ ଉପରେ ବଢ଼ୁଥିବା ଆକ୍ରମଣ ପାଇଁ ରାଜ୍ୟ ସରକାରଙ୍କ ନୂଆ ଆହ୍ୱାନ ସୃଷ୍ଟି କରିଛି। ଓଡ଼ିଶାରେ ଆଇନଶୃଙ୍ଖଳା ସ୍ଥିତି ବର୍ତ୍ତମାନ ଉତ୍ତରପ୍ରଦେଶ ଓ ବିହାର ଭଳି ଜଙ୍ଗଲରାଜ ଆଡ଼କୁ ଗତି କରୁଥିବା ଅଭିଯୋଗ ହୋଇଛି।

ଗୋଟିଏ ବର୍ଷ ପୂର୍ବେ ଅର୍ଥାତ୍ ଠିକ୍ ଗତ ବର୍ଷ ରଥଯାତ୍ରା ସମୟରୁ ଆରମ୍ଭ ହୋଇଥିବା ଏହି ଧାରା ଏବେ ଚରମ ସ୍ଥିତିରେ ପହଞ୍ଚିଛି। ଗତ

**■ ଗତବର୍ଷ ଏଏସ୍‌ଓ ବୈକୁଣ୍ଠ, ଏବେ ଓଏଏସ୍ ରତ୍ନାକର**
**■ ବର୍ଷେ ପରେ ବି ଏଏସ୍‌ଓ ବୈକୁଣ୍ଠଙ୍କୁ ମିଳିଲାନି ନ୍ୟାୟ**

ବର୍ଷ ରଥଯାତ୍ରା ସମୟରେ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲେ ମଧ୍ୟ ଆକ୍ରମଣକାରୀ ତଥା ତତ୍‌କାଳୀନ ରାଜ୍ୟପାଳଙ୍କ ପୁଅଙ୍କ ଉପରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେବାରେ ସାହସ ଜୁଟାଇ ପାରି ନାହାନ୍ତି। ଏହି ଘଟଣାକୁ ନେଇ ବିରୋଧୀ ବିଜେଡି, କଂଗ୍ରେସ ଉଭୟ ବିଧାନସଭା ଓ ରାଜରାସ୍ତାରେ ତୁମ୍ବିତୁଫାନ କରିବା ସହିତ ବହୁ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ରାଜ୍ୟପାଳ ପୁଅଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ହେଲେ ସରକାର ଏହି ଘଟଣାରେ କେବଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନକୁ କାଗଜ କଲମ ଭିତରେ ସୀମିତ ରଖି ଦେଇଛନ୍ତି। ଯାହାକୁ ନେଇ ବିଜେପିର ଗୁଣ୍ଡାଗିରି ସବୁ ସୀମା ଅତିକ୍ରମ କରିଛି। ଅପରାଧୀମାନେ ଆଇନକୁ ଭୟ କରୁନାହାନ୍ତି। ସବୁଠାରୁ ସାଂଘାତିକ କଥା ହେଉଛି ଏଭଳି ଘଟଣାରେ ବିଜେପି ଦଳ ଓ ଦଳୀୟ ନେତାଙ୍କର ସିଧାସଳଖ ସମ୍ପୃକ୍ତି। ଏସ୍‌ଏସଓ ବୈକୁଣ୍ଠଙ୍କୁ ମାଡ଼ ମାରିଥିବା ତତ୍‌କାଳୀନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ହୋଇଥିବାରୁ ପୁଲିସ୍ ତାଙ୍କ ହାତ ଦେବାକୁ ସାହାସ କରିପାରିଲା ନାହିଁ। ବିଏମ୍‌ସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କ ମଧ୍ୟ ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ପ୍ରରୋଚନାରେ ଘଟିଛି ଓ ଘଟଣାରେ ବିଜେପିର କର୍ମୀମାନେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି।

ଏହା ପୂର୍ବରୁ ବିଜେଡି ବରିଷ୍ଠ ବିଧାୟକ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇ ବିଜେପି କର୍ମୀ ଓ ନେତାଙ୍କୁ ଆୟତ୍ତରେ ରଖିବାକୁ ପରାମର୍ଶ ଦେଇଥିଲେ। ଉଭୟ ଗୃହ ଭିତରେ ଓ ଗୃହ ବାହାରେ ବିଜେପିର 'ପାନଖିଆ ଛେତଲ ପାଟିଆ' କର୍ମୀମାନେ କିପରି ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି ତାହା ଚେତାଇ ଦେଇଥିଲେ। ଏଭଳି ସ୍ଥିତି ଦ୍ୱାରା ସାରା ରାଜ୍ୟରେ ବର୍ତ୍ତମାନ ସରକାରୀ କର୍ମଚାରୀଙ୍କ ମନୋବଳ ଭାଙ୍ଗୁଥିବା ବେଳେ ସେମାନେ ଭଲଭାବେ କାମ କରିପାରୁ ନାହାନ୍ତି। ଯାହାଫଳରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେଉଛି। ରାଜ୍ୟ ସରକାରଙ୍କ ପାଇଁ ସରକାରୀ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ବଡ଼ ଆହ୍ୱାନ ସୃଷ୍ଟି କରିଥିବା ବେଳେ ବିଭିନ୍ନ ସରକାରୀ କର୍ମଚାରୀ ସଂଘ ମଧ୍ୟ ନିଜର ସୁରକ୍ଷା ଦାବି କରି ବାରମ୍ବାର ସରକାରଙ୍କୁ ଦାବି ପତ୍ର ଦେଉଛନ୍ତି। ପୂର୍ବରୁ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କ ମାଡ଼ ଘଟଣାରେ ଏଏସ୍‌ଓ ସଂଘ ହସ୍ତକ୍ଷେପ କରିବା ସହିତ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲା। ଏବେ ବିଏମ୍‌ସି ଅତିରିକ୍ତ କମିସନରଙ୍କ ଉପରେ ମାଡ଼ ପରେ ଓଏଏସ୍ ସଂଘ ମଧ୍ୟ ସରକାରଙ୍କ ଉପରେ ଖଡ଼୍‌ଗହସ୍ତ ହୋଇଛି।

### ଶରଧାବାଲି ଦଳାଚକଟା ଘଟଣା

## ତଦନ୍ତ ଆରମ୍ଭ କଲେ ଅନୁ ଗର୍ଗ



**ପୁରୀ,୩୦।୬(ସମିସ):** ଗତ ରବିବାର ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ସୋମବାର ପୁରୀରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ଉନ୍ନୟନ କମିଶନର ଅନୁ ଗର୍ଗ। ସେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ଗୁଣ୍ଡିଚା ମନ୍ଦିର ନିକଟରେ ସ୍ଥିତି ଅନୁଧ୍ୟାନ କରିବା ପରେ ଉନ୍ନୟନ କମିଶନର ପ୍ରତିକ୍ରିୟା ଦେଇ କହିଛନ୍ତି, ବରିଷ୍ଠ ଅଧିକାରୀ, ଜେଟିପି ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରିଛି। କେଉଁ ପରିସ୍ଥିତିରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଲା ଏବଂ ସେ ସମୟରେ ଘଟଣାସ୍ଥଳରେ କେଉଁ ସେବାୟତ, ମନ୍ଦିର କର୍ମଚାରୀ, ସୁରକ୍ଷା କର୍ମଚାରୀ ଥିଲେ, ସେମାନଙ୍କର ତଥ୍ୟ ମାଗିଛି। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହେବ, ସେଥିପାଇଁ କ'ଣ କରାଯାଇପାରିବ, ତାହା ଉପରେ ଆଲୋଚନା ହୋଇଛି। ଏବେ ମହାପ୍ରଭୁଙ୍କ ଯାତ୍ରା ଆହୁରି ବାକି ଅଛି। ଏବେ କିଛି କହିବା ଠିକ୍ ହେବ ନାହିଁ। ସରକାର ତଦନ୍ତ କରିବାକୁ ମାସେ ସମୟ ଦେଇଛନ୍ତି। ଏଣୁ ଯାତ୍ରା ଶେଷ ପରେ ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ। ମୃତକଙ୍କ ପରିବାର ସହ ମଧ୍ୟ ଆଲୋଚନା କରିବି। ସବୁ ପକ୍ଷଙ୍କ ସହ ଆଲୋଚନା ପରେ ଶେଷ ନିର୍ଯାସ ରିପୋର୍ଟ ସରକାରଙ୍କୁ ଦିଆଯିବ। ଏବେ ପ୍ରାଥମିକସ୍ତରରେ କେଉଁ ପରିସ୍ଥିତିରେ ଅଘଟଣ ଘଟିଲା, ତାହା କହିବା କଷ୍ଟ ହେବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି। ଅନ୍ୟପକ୍ଷରେ, ଦଳାଚକଟା ଘଟଣାରେ ରାଜ୍ୟ ମାନବାଧିକାର କମିସନ୍ ନୋଟିସ୍ କରିଛନ୍ତି। ପୁରୀ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଜବାବ ତଲବ କରିଛନ୍ତି କମିସନ। ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାକି ରଥଯାତ୍ରା ସଠିକ୍ ଢଙ୍ଗରେ ସମାପନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି କମିସନ୍।

### ସୁବର୍ଣ୍ଣରେଖାରେ ଦ୍ୱିତୀୟ ବନ୍ୟା

# ଉତ୍ତର ବାଲେଶ୍ୱରର ୭୦ ଗାଁ ଜଳବନ୍ଦୀ



**■ ତଳିଆ ଅଞ୍ଚଳର ଲୋକଙ୍କୁ ଆଗୁଆ ସ୍ଥାନାନ୍ତର**
**■ ଓଡ୍ରାଫ୍ ଟିମ୍ ମୁତୟନ**

**ବାଲେଶ୍ୱର (ଉତ୍ତର), ୩୦।୬(ସମିସ):** ଲଘୁଚାପଜନିତ ଲଗାଣବର୍ଷା ଯୋଗୁଁ ସୁବର୍ଣ୍ଣରେଖା ନଦୀରେ ଚଳିତବର୍ଷର ଦ୍ୱିତୀୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ତଥା ଉତ୍ତର ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଗତ ୪ ଦିନ ଧରି ବର୍ଷା ହେବା ସହ ଝାଡ଼ଖଣ୍ଡର ଗାଲୁଡିହ ବ୍ୟାରେଜ୍‌ରୁ ରବିବାର ସକାଳୁ ପାଣି ଛଡ଼ାଯାଉଥିବାରୁ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଆଜି ସକାଳେ ରାଜଘାଟଠାରେ ନଦୀର ଜଳସ୍ତର ବିପଦ ସଂକେତ ଅତିକ୍ରମ କରି ୧୧.୪୫ ମିଟରରେ ପ୍ରବାହିତ ହେଉଥିବା ବେଳେ ସନ୍ଧ୍ୟାରେ ସ୍ଥିତି ଅପରିବର୍ତ୍ତିତ ରହିଛି। ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ଏବଂ ମୟୂରଭଞ୍ଜରେ ଆଜି ସକାଳୁ ବର୍ଷା ବନ୍ଦ ହୋଇଯାଇଥିବାରୁ ନଦୀରେ ଆଉ ଜଳସ୍ତର ବୃଦ୍ଧି ପାଇବ ନାହିଁ ବୋଲି ଅନୁମାନ କରାଯାଉଛି। ମାତ୍ର, ଉପରମୁଣ୍ଡରେ ଜଳସ୍ତର ହ୍ରାସ ପାଉଥିବା ବେଳେ ଭୋଗରାଇ ଓ ବାଲିଆପାଳ ବ୍ଲକ୍‌ର ବିଭିନ୍ନ ତଳିଆ ଅଞ୍ଚଳରେ ଏବେ ବି ଜଳସ୍ତର ବୃଦ୍ଧି ଘଟିବା ସହ ବ୍ୟାପକ ଅଞ୍ଚଳ ଜଳମଗ୍ନ ରହିଛି।

ସୂଚନାଯୋଗ୍ୟ, ଆଜି ଅପରାହ୍ଣ ସୁଦ୍ଧା ବାଲିଆପାଳ ବ୍ଲକ୍ ବିଷ୍ଣୁପୁର ପଞ୍ଚାୟତ ରସଲପୁର, ବିଷ୍ଣୁପୁର, ବାଲିଆପାଳ ପଞ୍ଚାୟତର କୁଦମାନସିଂ, ଜାମକୁଣ୍ଡା ପଞ୍ଚାୟତର ନଖପାଳ, କୁହ୍ଲାଚଡ଼, ତାଳପଦା, ପାଳଜାମକୁଣ୍ଡା, ମଧୁପୁରା ପଞ୍ଚାୟତର ଚଡ଼ବସ୍ତି, କାଳରୁହି, ପଞ୍ଚୁରୁଖୀ, ମଧୁପୁରା, ଚୌଧୁରୀକୁଦ, ନିଖିରା ପଞ୍ଚାୟତର ପାଳବେଗୁନିଆ, କୁମ୍ଭାରୀ ପଞ୍ଚାୟତର ଗୁଆପଡ଼ା ଆଦି ଗାଁରେ ବନ୍ୟାଜଳ ପ୍ରବେଶ କରିଛି। ସେହିପରି ଜଳେଶ୍ୱର ବ୍ଲକ୍‌ର ରାୟା ରାମଚନ୍ଦ୍ରପୁର, ପଶ୍ଚିମବାର୍ଡ, ଝାଡ଼ପିପଳ, ପାଇକସିଦା, ଗଡ଼ସାହି ବାଲିଆପାଳ, ତୋଟାପଡ଼ା ଆଦି ଗାଁରେ ବନ୍ୟାଜଳ ପ୍ରବେଶ କରିଛି।

ଭୋଗରାଇ ବ୍ଲକ୍‌ର ଆରୁହାବୃତ୍ତି-୧ ପଞ୍ଚାୟତର ମନୁନଗର, ନଥିପୁର, ଆରୁହାବୃତ୍ତି, ବାର ବାଟିଆ, ହରିଣକୁଲି, ଖରିଦପିପଳ ପଞ୍ଚାୟତର ଆରୁହା ବୃତ୍ତି-୨, ଖରିଦପିପଳ, ଦହମୁଣ୍ଡା, ନାଚିନ୍ଦା ପଞ୍ଚାୟତର ମହମ୍ମଦପୁର, ଜଳଧା, ବାଗ, ଖରିଦଚକ,ରଘୁଚକ, ନିଶ୍ଚିନ୍ତଡିହା, ନାଚିନ୍ଦା, ଡେଉଁର, କୁସୁଡ଼ା ପଞ୍ଚାୟତର ଗୁଜଡିହା, କୁସୁଡ଼ା, ଚକ ଗୁଜଡିହା, ଗବଗାଁ ପଞ୍ଚାୟତର ଚିରକୁଲା, ଗବଗାଁ, କୃଷ୍ଣପୁର, ଦୋବାଡ଼ିଆ, କୁମ୍ଭୀରଗଡ଼ି ପଞ୍ଚାୟତର ବାଉଁସଖଣା, କୁହ୍ଲା, ଅଡଙ୍ଗ ପନ୍ତେଇ, କୁମ୍ଭୀରଗଡ଼ି,ଜୟରାମପୁର ପଞ୍ଚାୟତର ଖଡ଼ିକାବାଡ଼ି, ଠାକୁର ଭଉଁରୀ, କାଠକଟା, ନାନକାର ଇତ୍ୟାଦି ଗାଁ ସହ ପୁଟିଣା, ଦାରୁହା, କଟୁଆଡ଼ି, କୁଳିଦା, ମହାଗବ ଇତ୍ୟାଦି ପଞ୍ଚାୟତର ବହୁ ଗାଁ ଏବେ ଜଳବନ୍ଦୀ ହୋଇଛି। ଆସନ୍ତାକାଲି ଆହୁରି ଅନେକ ଗାଁ ଜଳମଗ୍ନ ହେବ ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ବନ୍ୟା ପାଇଁ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ବନ୍ୟା ଆଶ୍ରୟସ୍ଥଳ ଓ ସ୍କୁଲରେ ରଖାଯିବା ସହ ରନ୍ଧା ଓ ଶୁଖିଲା ଖାଦ୍ୟ ଦିଆଯାଇଛି। ସମସ୍ତ ବ୍ଲକରେ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି।

### ସତର୍କ ସଙ୍କେତ ତଳେ ବୁଢ଼ାବଳଙ୍ଗ

**ବାଲେଶ୍ୱର, ୩୦।୬ (ସମିସ):** ସୁବର୍ଣ୍ଣରେଖା ଓ ଜଳକା ନଦୀର ଜଳସ୍ତର ବିପଦ ସଂକେତ ଉପରେ ରହିଥିବା ବେଳେ ବୁଢ଼ାବଳଙ୍ଗର ଜଳସ୍ତର ସତର୍କ ସଂକେତ ତଳେ ରହିଛି। ବୁଢ଼ାବଳଙ୍ଗର ବିପଦ ସଙ୍କେତ ୮.୧୩ ମିଟର ଏବଂ ସତର୍କ ସ୍ତର ୭.୨୧ ମିଟର ଥିବା ବେଳେ ଅପରାହ୍ଣ ୫ଟା ସୁଦ୍ଧା ୬.୪୮ ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଥିଲା। ଏହା ସତ୍ତ୍ୱେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର ସଦର ଓ ରେମୁଣା ବ୍ଲକ୍‌ର କିଛି ପଞ୍ଚାୟତ ଏଥିଯୋଗୁଁ ପ୍ରଭାବିତ ହୋଇଛି। ସନ୍ଧ୍ୟା ୭ଟା ବେଳକୁ ବୁଢ଼ାବଳଙ୍ଗ ଜଳସ୍ତର ୬.୪୦ ମିଟରକୁ ଖସିଛି।



## ସ୍ଥିତି ଅନୁଧ୍ୟାନ କଲେ ଆରଡିସି ଓ ଜିଲ୍ଲାପାଳ



**ଭୋଗରାଇ,୩୦।୬(ସମିସ):** ସୁବର୍ଣ୍ଣରେଖାରେ ବନ୍ୟା ଯୋଗୁଁ ଭୋଗରାଇର ୯ ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗାଁ ପାଣିଘେରରେ ରହିଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକମାନେ ଧାନ ସହ ଗୃହପାଳିତ ପଶୁ ଏବଂ ଦରକାରୀ କାଗଜପତ୍ର ନେଇ ଡଙ୍ଗା ସାହାଯ୍ୟରେ ନେଇ ଭୁଆବନ୍ଧରେ ରହିଛନ୍ତି। କିଛି ଦିନ ତଳେ ଆସିଥିବା ପ୍ରଥମ ବନ୍ୟାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ଏଥର ସରକାରଙ୍କ ତରଫରୁ ତତ୍ପରତା ପ୍ରକାଶ ପାଇଛି।

କେନ୍ଦ୍ରାଞ୍ଚଳ ଆରଡିସି ବି. ପରମେଶ୍ୱରମ ଓ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଭୋଗରାଇ ଗସ୍ତରେ ଆସି ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହ ବନ୍ୟାବିପନ୍ନଙ୍କ ସୁଖଦୁଃଖ ପଚାରି ବୁଝିଛନ୍ତି। ବନ୍ୟା ପାଇଁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବାରୁ ରାତିରେ ଡିଜି ଦ୍ୱାରା ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ମହାରଣା, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସାଂସଦ ପ୍ରତିନିଧି ଆଶିଷ ପାତ୍ର, ଲକ୍ଷ୍ମୀ ପାଟଣା ଫାଣ୍ଡି ଅଧିକାରୀ ଗତିକୃଷ୍ଣ ଜେନା ଉପସ୍ଥିତ ଥିଲେ। ଆଜି ଭୋଗରାଇରେ କୁସୁଡ଼ା, ଆରୁଆବୃତ୍ତି, ଗବଗାଁ, ଖରିଦିପିପଳ କୁମ୍ଭୀର ଗଡ଼ି ସମେତ ୬ଟି ପଞ୍ଚାୟତକୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଥିବା ଯୋଗାଣ ଅଧିକାରୀ ସମେଶ୍ୱର ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ବନ୍ୟାପାଣି ବଢୁଥିବାରୁ ଆସନ୍ତା ମଙ୍ଗଳବାର ଆହୁରି ଅଧିକ ଗାଁ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି।

## ବାଇଓମେଟ୍ରିକ୍ ଦେଉନାହାନ୍ତି କଲେଜ ଅଧ୍ୟକ୍ଷ

**ଭୁବନେଶ୍ୱର,୩୦।୬(ସମିସ):** କଲେଜ ଅଧ୍ୟକ୍ଷ ଦେଉନାହାନ୍ତି ବାଇଓମେଟ୍ରିକ୍ ଉପସ୍ଥାନ। ଉଚ୍ଚଶିକ୍ଷା ବିଭାଗର ନିୟମକୁ କରୁଛନ୍ତି ବେଖାତିର। ଗୋଟିଏ ପଟେ ବିଭାଗ ପକ୍ଷରୁ ବାଇଓମେଟ୍ରିକ ଉପସ୍ଥାନ ନେଇ କଡ଼ା ନିର୍ଦ୍ଦେଶ ଦିଆଯାଉଛି। କଲେଜରେ ଅନ୍ୟୂନ ୭ ଘଣ୍ଟା ରହିବାକୁ ତାଗିଦ୍ କରାଯାଉଛି। ପିଲାଙ୍କୁ ପାଠ ପଢ଼ାଇବାକୁ ଗୁରୁତ୍ୱ ଦେଇ ନିର୍ଦ୍ଦେଶନାମା ଜାରି ହେଉଛି। ହେଲେ ଖୋଦ୍ କଲେଜ ଅଧ୍ୟକ୍ଷମାନେ ଏହାକୁ ମାନୁନାହାନ୍ତି। ଅନଧିକୃତ ଭାବେ ଅନୁପସ୍ଥିତ ରହୁଛନ୍ତି।

**■ ତାଗିଦ୍ କଲା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ**
**■ ବାରମ୍ବାର ତାଗିଦ୍; ହେଉନି କାର୍ଯ୍ୟାନୁଷ୍ଠାନ**

ଅପରପକ୍ଷେ ଅନ୍ୟ କର୍ମଚାରୀମାନେ ବାଇଓମେଟ୍ରିକ୍ ନଦେଲେ ନାଲିଆଖି ଦେଖାଉଛନ୍ତି। ବିଭାଗ ପାଖରେ ଏପରି ବହୁ ଅଭିଯୋଗ ପହଞ୍ଚିବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ସୋମବାର ପୁଣି ତାଗିଦ୍ କରି ବାଇଓମେଟ୍ରିକ୍ ନିୟମକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି।

ଅଧ୍ୟକ୍ଷଙ୍କ ସମେତ ବହୁ ଅଧ୍ୟାପକ ଓ କର୍ମଚାରୀ ବାଇଓମେଟ୍ରିକ୍ ଉପସ୍ଥାନ ସଠିକ୍ ଭାବେ ଦେଉନଥିବା ବିଭାଗ ବହୁ ପୂର୍ବରୁ ଅବଗତ ଅଛି। ଗତ ଫେବୃଆରୀ ପ୍ରଥମ ସପ୍ତାହରେ ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଏକାମ୍ର କଲେଜକୁ ଅଚାନକ ଗସ୍ତ କରିଥିଲେ। ଅପରାହ୍ଣରେ ବହୁ ଅଧ୍ୟାପକ ଓ କର୍ମଚାରୀ କଲେଜରେ ନ ଥିଲେ। ଯାହାକୁ ନେଇ ବିଭାଗ ତନାଘନା କରିବା ସହ ଫେବୃଆରୀ ୧୫ ତାରିଖରେ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରବେଶ ଓ ପ୍ରସ୍ଥାନ ସମୟରେ ଫିଙ୍ଗରପ୍ରିଣ୍ଟ ଦେବାକୁ କଲେଜଗୁଡ଼ିକୁ ଦାଗିଦ୍ କରିଥିଲେ। ବାରମ୍ବାର ତାଗିଦ୍ ସତ୍ତ୍ୱେ ବାଇଓମେଟ୍ରିକ୍ ନିୟମ ଉଲ୍ଲଂଘନ କରୁଥିବା ଅଧ୍ୟକ୍ଷ ଓ କର୍ମଚାରୀଙ୍କ ବିରୋଧରେ କାହିଁକି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଉନି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ

**ବାରିପଦା, ୩୦।୬ (ସମିସ):** ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ କୋର୍ଟରେ ଆଜି ଏକ ପତ୍ନୀହନ୍ତା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ପୂର୍ଣ୍ଣିମା ଜେନା ମାମଲାର ବିଚାର କରି ଅଭିଯୁକ୍ତ ଝାରପୋଖରିଆ ଥାନା ଅନ୍ତର୍ଗତ ପାଣ୍ଡରା ଗ୍ରାମର କାହ୍ନୁ ସିଂ (୩୬)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସର କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି।



ଗତ ୨୦୧୪ ମସିହାରେ କାହ୍ନୁଙ୍କ ଅଞ୍ଜଳି ସିଂଙ୍କ ସହ ବିବାହ ହୋଇଥିଲା। ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ବାପଘରୁ ଯୌତୁକ ଆଣିବା ପାଇଁ କାହ୍ନୁ ବାରମ୍ବାର ଅଞ୍ଜଳିଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲା। ୨୦୨୨ ମସିହା ଏପ୍ରିଲ୍ ୨୨ ତାରିଖ ବିଳମ୍ବିତ ରାତିରେ ଏହି କଥାକୁ ନେଇ ପୁଣି ଦୁହିଁଙ୍କ ମଧ୍ୟରେ ଜୋରଦାର୍ ପାଟିତୁଣ୍ଡ ହୋଇଥିଲା। କାହ୍ନୁ ଏଥିରେ ଉତ୍ୟକ୍ତ ହୋଇ ଅଞ୍ଜଳିଙ୍କୁ ପିଟିବାରୁ ତାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା ଏବଂ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଏ ସଂପର୍କରେ ଅଞ୍ଜଳିଙ୍କ ଭାଇ ଝାରପୋଖରିଆ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି କାହ୍ନୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସ୍‌ର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଆଜି ଉପରୋକ୍ତ ରାୟ ଶୁଣାଇଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

### ମିଥ୍ୟା ବିଲ୍ କରି ସରକାରୀ ଅର୍ଥ ଆତ୍ମସାତ୍ ଘଟଣା

## ୨ ପ୍ରାକ୍ତନ ଅଧିକାରୀଙ୍କୁ ୩ ବର୍ଷ ଲେଖାଏଁ ଜେଲ୍

**ବାରିପଦା, ୩୦।୬(ସମିସ):** ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ପୂର୍ଣ୍ଣିମା ଜେନା ସୋମବାର ଏକ ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ଶୁଣାଣି କରି ମତ୍ସ୍ୟ ବିଭାଗର ୨ ପୂର୍ବତନ ଅଧିକାରୀଙ୍କୁ ୩ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଓ ୫୦ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦଣ୍ଡିତ ବ୍ୟକ୍ତିମାନେ ହେଲେ, ତତ୍କାଳୀନ ଜିଲ୍ଲା ସହକାରୀ ମତ୍ସ୍ୟ ଅଧିକାରୀ ରଘୁନାଥ କର ଓ କପ୍ତିପଦା ବ୍ଲକ୍ ଅବସରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର ମୋହନ ନାଏକ। ଅପରପକ୍ଷେ, ଉଭୟ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ସେମାନଙ୍କ ପେନସନ୍ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ଭିଜିଲାନ୍ସ ବିଭାଗ ଚିଠି ଲେଖି ଜଣାଇଛି।

ସୂଚନାନୁଯାୟୀ, ଅଭିଯୁକ୍ତଦ୍ୱୟ ୨୦୧୦-୧୧ ଆର୍ଥିକ ବର୍ଷରେ ମନରେଗା ଯୋଜନା ଅଧୀନରେ କପ୍ତିପଦା ବ୍ଲକ୍ ଅଞ୍ଚଳର ୨ ହିତାଧିକାରୀଙ୍କ ଜମିରେ ମାଛଚାଷ ପାଇଁ ଦୁଇଟି ପୋଖରୀ ଖୋଳାଯାଇଛି ବୋଲି ଦର୍ଶାଇ ଟଙ୍କା ହରିଲୁଟ କରିଥିଲେ। ଏ ବାବଦକୁ ଆସିଥିବା ୧,୮୫,୦୮୬ ଟଙ୍କା କୌଣସି କାର୍ଯ୍ୟ ନ କରି ଉଭୟେ ଆତ୍ମସାତ୍ କରିଥିଲେ। ଏନେଇ ହିତାଧିକାରୀଙ୍କ ଅଭିଯୋଗକ୍ରମେ ଭିଜିଲାନ୍ସ ଦୁହିଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଆଜି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଶାନ୍ତନୁ କୁମାର ଦାସ ପରିଚାଳନା କରୁଥିଲେ।



## ଶୀତଳଭଣ୍ଡାରରେ ଚିଠା ବିଲ୍

# ଭାଗଚାଷୀଙ୍କ ଭାଗ୍ୟ ଫିଟୁନି

**ଦଶରଥପୁର,୩୦।୬(ସମିସ):** ଭାଗଚାଷୀଙ୍କ ସ୍ୱାର୍ଥକୁ ଜଗିବେ ସରକାର, ଆସିବ ନୂଆ ଆଇନ। ଜମି ନ ଥାଇ ଋଣ ମିଳିବ। ପ୍ରାକୃତିକ ଦୁର୍ବିପାକ ସମୟରେ ଫସଲହାନୀ ହେଲେ ଇନ୍‌ପୁଟ ସହାୟତା ସମେତ ବୀମାରାଶି ପାଇବାକୁ ହକଦାର ହେବେ ଭାଗଚାଷୀ। ଏଥିପାଇଁ ନୀତି ଆୟୋଗ ଢାଞ୍ଚାରେ ନୂଆ ଆଇନ ଆଣିବାକୁ ସରକାର ଘୋଷଣା କରିଥିଲେ। ପ୍ରସ୍ତୁତ ହେଲା ଚିଠା ବିଲ, ମାତ୍ର ୭ ବର୍ଷ ବିତିଲାଣି ପ୍ରସ୍ତାବ ଯେଉଁଠିକୁ ସେଇଠି। ନୂଆ ସରକାର ଏ ଦିଗକୁ ଧ୍ୟାନ ଦେବାକୁ ପ୍ରତିଶ୍ରୁତି ଦେଲେ। କିନ୍ତୁ ଏ ଦିଗରେ ବିଶେଷ ଅଗ୍ରଗତି ହେଉନଥିବାରୁ ଦଶରଥପୁର ବ୍ଲକ ଅଞ୍ଚଳରେ ଭାଗଚାଷୀଙ୍କ ଭାଗ୍ୟ ଫିଟୁନି। ସରକାରୀ ସହାୟତା ମିଳୁନି। ବ୍ୟାଙ୍କ ଋଣ ଦେଉନି। ଫଳରେ ଦଶରଥପୁର ବ୍ଲକ ଅଞ୍ଚଳରେ ଭାଗଚାଷୀମାନେ ଯେମିତି ଛଟପଟ ହେଉଛନ୍ତି। ସେମାନଙ୍କ ସ୍ୱାର୍ଥ ଜଗିବାକୁ ସରକାରଙ୍କ ପ୍ରସ୍ତାବିତ ଆଇନ ଶୀତଳ ଭଣ୍ଡାରରେ ଶଢୁଥିବାରୁ ଭାଗଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ି ପଡୁଛି। ପ୍ରାକୃତିକ ବିପର୍ଯ୍ୟୟ ପରେ ରାଜସ୍ୱ ବିଭାଗ ଇନ୍‌ପୁଟ ସବସିଡି ସହାୟତା ଆକାରରେ ଉପଲବ୍ଧ କରୁଥିବା ବେଳେ ଭାଗଚାଷୀ ପାଇଁ କିଛି ଆଇନ ନ ଥିବାରୁ ଏହାର ଲାଭ କେବଳ ଜମିମାଲିକ ନେଉଛନ୍ତି। ଭାଗଚାଷୀ ଟଙ୍କାଟିଏ ପାଉନାହାନ୍ତି। କେବଳ ବ୍ୟାଙ୍କ ଋଣ ନୁହେଁ, ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ ବେଳେ ଭାଗଚାଷୀ ଦହଗଞ୍ଜ ହେଉଛନ୍ତି। ଚାଷ ପାଇଁ ଭାଗଚାଷୀ ଜମିମାଲିକ ନିକଟରୁ ଚାଷଜମି ଲିଜ୍‌ରେ ନେଇଥାନ୍ତି। ଏଥିପାଇଁ ଧାନ ଫସଲରୁ ଅଧା ଓ ପନିପରିବା ଫସଲରୁ ଦୁଇ ପଞ୍ଚମାଂଶ ଜମି ମାଲିକକୁ ଦେବାକୁ ପଡିଥାଏ। ଭାଗଚାଷୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତି ସହିଥାଏ। ଅଭାବୀ ବିକ୍ରିର ଶିକାର ହୁଏ। ଚାଷ ପାଇଁ ଏମାନଙ୍କୁ କୌଣସି ବ୍ୟାଙ୍କ ଋଣ ଦେଉ ନଥିବା ବେଳେ ଧାର, କରଜ କରି ବଡ଼ ହୀନସ୍ତା ହେଉଥିଲେ ସୁଦ୍ଧା ସରକାର କୌଣସି ବ୍ୟବସ୍ଥା କରୁ ନଥିବା ଯୋଗୁ ଧୀରେ ଧୀରେ ଭାଗଚାଷୀ ଚାଷରୁ ମୁହଁ ଫେରାଇ ନେଉଛନ୍ତି। ଓଡିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟ ୧୯୬୦ରେ ସରକାର ସଂଶୋଧନ ଆଣିବା ପରେ ଚାଷ ପାଇଁ ଜମି ମାଲିକଙ୍କ ସହ ଭାଗଚାଷୀଙ୍କ ଚୁକ୍ତି ହେବ। ଉଭୟଙ୍କୁ ସୁହାଇଲା ଭଳି ସରକାରୀ ଫର୍ମାଟରେ କାଗଜପତ୍ର ପ୍ରସ୍ତୁତ ହେବାକୁ ନେଇ ୨୦୨୦ ମାର୍ଚ୍ଚରେ ଚିଠା ଆଇନ ୱେବସାଇଟରେ ଲୋଡ଼ ହୋଇ ସର୍ବସାଧାରଣଙ୍କ ମତାମତ ଲୋଡ଼ା ଯାଇଥିଲେ ହେଁ ଚିଠା ଆଇନ ଆଗକୁ ବଢୁନି। ତୁରନ୍ତ ସରକାର ଏହା ଉପରେ ତର୍ଜମା କରି ଭାଗଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଆଇନ ଆଣିବାକୁ ଦାବି ହୋଇଛି।

- ଇନପୁଟ ସହାୟତା ପାଉଛି ଜମିମାଲିକ
- ସରକାରୀ ସୁବିଧାରୁ ବଞ୍ଚିତ ଭାଗଚାଷୀ



## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



**ଦଶରଥପୁର,୩୦।୬(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୭୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୩ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯସ୍‌ପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମଣ୍ଡଳ ଉନ୍ନୟନ ଅଧିକାରୀ, ଦଶରଥପୁର ଆକାଶ ପଟ୍ଟନାୟକ, ତହସିଲଦାର, ଦଶରଥପୁର ଶୁଭ୍ରାଂଶୁ ସାହୁ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଏସ୍‌ପିଙ୍କ ମଙ୍ଗଳପୁର ଥାନା ପରିଦର୍ଶନ

**କୟାଁଗୋଲା,୩୦।୬(ସମିସ):** ଦଶରଥପୁର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଥିବା ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରୀମଲ ଯୋଗ ଦେବା ପରେ ମଙ୍ଗଳପୁର ଥାନା ପରିଦର୍ଶନରେ ପହଞ୍ଚିଥିଲେ। ଥାନାଧିକାରୀ ଜଗଦୀଶ କର ଓ ଏସ୍‌ଆଇ ବିଭୁତି ଭୂଷଣ ମହାପାତ୍ର ସହ ଥାନାର ସମସ୍ତ ଅଧିକାରୀ ଏସ୍‌ପିଙ୍କୁ ସ୍ୱାଗତ ଜଣାଇ ଥାନା ମଧ୍ୟକୁ ପାଛୋଟି ନେଇଥିଲେ। ଏସ୍‌ପି ଥାନାର ବିଭିନ୍ନ ରେକର୍ଡ ଯାଞ୍ଚ କରି ଏବେ ସୁଦ୍ଧା ଥାନା ଅଧୀନରେ କେତେ ସଂଖ୍ୟାରେ ମାମଲା ରୁଜୁ ହୋଇଛି ଏବଂ କେଉଁ କେଉଁ ମାମଲାର ଫଇସଲା ହୋଇଛି ସେ ସମ୍ପର୍କରେ ଥାନାଧିକାରୀ ଜଗଦୀଶ କରଙ୍କ ସହ ଆଲୋଚନା କରିଥିଲେ। ସେହିପରି ଥାନାକୁ ଆସୁଥିବା ଜନସାଧାରଣଙ୍କୁ ଉଚିତ ସେବା ମିଳୁଛି କି ନାହିଁ ତାହାର ଅନୁଧ୍ୟାନ କରିବା ସହ ଥାନା ମଧ୍ୟରେ ଥିବା ବିଭିନ୍ନ କକ୍ଷ ବୁଲି ଅନ୍ୟ କର୍ମଚାରୀଙ୍କ ଗତିବିଧି ଅନୁଧ୍ୟାନ କରିଥିଲେ।




## ଅବଧିର ୨ ବର୍ଷ ପରେ ରାସ୍ତା ଅଧା ହେଲାନି



**ରଗଡ଼ି,୩୦।୬(ସମିସ):** କୋରେଇ ବ୍ଲକ ଉତ୍ତର ଖଜିରା-ତାରାକୋଟ ଭାୟା ବଙ୍ଗରକୋଟା ଓ ସୁନ୍ଦରପୋଖରୀ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଚାଲିଥିବା ରାସ୍ତା କାମ ସରୁନି। ଅବଧିକୁ ଦୁଇବର୍ଷ ପୂରିଥିଲେ ହେଁ ରାସ୍ତା କାମ ଅଧା ହୋଇନ। ୨୦୨୨ ସେପ୍ଟେମ୍ବରରେ ରାସ୍ତା କାମ ଆରମ୍ଭ ହୋଇ ୨୦୨୩ ଜୁନ୍‌ରେ ଶେଷ ହେବାକୁ ସରକାରୀ ନିର୍ଦ୍ଦେଶ ରହିଥିଲା। ୩.୩୪୦ କିମି ରାସ୍ତା ନିର୍ମାଣ ପାଇଁ ୧କୋଟି ୮୩ ଲକ୍ଷ ବ୍ୟୟ ବରାଦ ରହିଛି। ଏପର୍ଯ୍ୟନ୍ତ ରାସ୍ତାରେ କେଉଁଠି ମାଟି ପଡିଛି ତ ଆଉ କେଉଁଠି କ୍ରସର ଗୁଣ୍ଡ ପଡିବାରେ କାମ ସୀମିତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ଷା ହେଲେ ଖାଲରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ଯାତାୟାତରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଏଥିଯୋଗୁ ଦୁର୍ଘଟଣା ଘଟୁଛି ବୋଲି ଲୋକେ କହିଛନ୍ତି। ଅନ୍ୟପଟେ ଯାହା କିଛି କାମ ହୋଇଛି ତାହା ପୁଣି ନିମ୍ନମାନର। ଗାଡି ମଟର ତ ଯିବା ଦୂରର କଥା ସାଇକଲ ଖଣ୍ଡେ ବି ଯିବା କଷ୍ଟକର। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରାସ୍ତା ରହିଥିବା ବେଳେ ବିଭାଗୀୟ ଅଧିକାରୀ କେହି ଆସୁନଥିବାରୁ ଠିକାଦାର ନିଜ ମର୍ଜିରେ କାମ କରିବା ସହ ଦୀର୍ଘ ସମୟ କାମ ବନ୍ଦ କରି ଚାଲିଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। କାମ ଯଦି ଏପରି ଚାଲେ ତା'ହାଲେ ଶେଷ କେବେ ହେବ ତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଠିକାଦାରଙ୍କୁ ଲୋକେ ପଚାରିବାରୁ କାମ ହେବ ବୋଲି କହି କେବଳ ସମୟ ଗଡ଼ାଇ ଚାଲିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକଙ୍କ ପ୍ରତିକ୍ରିୟା ନିଆଯାଇଥିବା ବେଳେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଠିକାଦାର ଯଦି କାମ ଠିକ ଭାବେ ନକରନ୍ତି ତାଙ୍କୁ ବ୍ଲାକ ଲିଷ୍ଟେଡ଼ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିଭାଗୀୟ ଯନ୍ତ୍ରୀଙ୍କୁ ପଚରାଯିବାରୁ ଏ ସମ୍ପର୍କରେ ଅନୁଧ୍ୟାନ କରାଯାଇ ଆବଶ୍ୟକ କାର୍ଯାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

### ଅଭାବୀ ଧାନ ବିକ୍ରିର ପ୍ରତିବାଦ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**ଯାଜପୁର,୩୦।୬(ସମିସ):** ଆଜି ଅପରାହ୍ନରେ ଶୁଣୁଆ, ନିଜାମପୁର ଓ ଦୁଦୁରାଅଣ୍ଡା ଗ୍ରାମପଞ୍ଚାୟତର ଶହ ଶହ ଚାଷୀ ମୂଲିଆ ଓ ଭାଗଚାଷୀ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୂର ସଂଗଠନ ସହ ଅନୁବନ୍ଧିତ ଚାଷୀ ସୁରକ୍ଷା କମିଟି ନେତୃତ୍ୱରେ କମଟିର ସଭାପତି ନୃସିଂହ ଚରଣ ପଣ୍ଡା ନେତୃତ୍ୱରେ ଏହି ଧାରଣା ଦିଆଯାଇଛି। ଏଥର ଚାଷୀମାନଙ୍କର ଧାନ ବିକ୍ରି କ୍ଷେତ୍ରରେ ବ୍ୟାପକ ଅନିୟମିତତା, ଦୁର୍ନୀତି ଓ ଅରାଜକତା ଦେଖାଦେଇଛି। ଚାଷୀମାନଙ୍କର ସମସ୍ତ ଧାନକୁ ସରକାର କିଣି ନେବା ପରିବର୍ତ୍ତେ ସିଲିଂ ବ୍ୟବସ୍ଥା ପ୍ରଚଳନ କରି ଧାନ ବିକ୍ରୟ କ୍ଷେତ୍ରରେ ଅଘୋଷିତ ପ୍ରତିବନ୍ଧକ ଲଗାଇଛନ୍ତି। ବର୍ଷ ସାରା ମଣ୍ଡି ଖୋଲା ନ ରହିବା ଫଳରେ ଶାରଦ ଧାନର କିଣା ବିକା ଆଦୌ ସମ୍ଭବ ହେଉନାହିଁ। ସେହିଭଳି ଉତ୍ପାଦନର ୮୦ ଭାଗ ଧାନ ଅମଳ କରୁଥିବା ଭାଗଚାଷୀମାନଙ୍କର ନିଜସ୍ୱ ଜମିବାଡ଼ି ନଥିବାରୁ ଧାନ ବିକ୍ରି କ୍ଷେତ୍ରରେ ସେମାନଙ୍କ ପାଇଁ କୌଣସି ଆଇନଗତ ବ୍ୟବସ୍ଥା ନାହିଁ। ସାର, ବିହନ, କୀଟନାଶକ ପ୍ରଭୃତି କୃଷି ସାମଗ୍ରୀର ବ୍ୟାପକ ଦରବୃଦ୍ଧି ଘଟି ଚାଲିଥିବା ବେଳେ ଧାର କରଜରେ ବୁଡ଼ି ରହିଥିବା ଏହି ଭାଗଚାଷୀମାନେ ସରକାରୀ ନିର୍ଦ୍ଧାରିତ ଦରରେ ଆଦୌ ଧାନ ବିକ୍ରି କରି ପାରୁନାହାନ୍ତି। ସେମାନଙ୍କର ଧାନକୁ କିଛି ଅସାଧୁ ବ୍ୟବସାୟୀ, ତଳଠୁ ଉପର ପର୍ଯ୍ୟନ୍ତ ସମବାୟ ସମିତିର କର୍ମକର୍ତ୍ତା, ଯୋଗାଣ ବିଭାଗ ଓ ନେତା ମନ୍ତ୍ରୀ ମାନଙ୍କ ସଲାସୁତୁରାରେ ହରିଲୁଟ ହେଉଛି। ଏହି ଗଣ ଧାରଣାରେ ନିରାକାର ଦାସ, ଜଳଧର ମଲ୍ଲିକ, ପ୍ରଫୁଲ୍ଲ ମଲ୍ଲିକ, ଚନ୍ଦ୍ରକାନ୍ତ ପଡ଼ିହାରି, ରଘୁନାଥ ଦାସ, କାଳନ୍ଦୀ ଖଟୁଆ, ସୁବାସ ଦାସ, ସୁରେନ୍ଦ୍ର ଦାସ, ଭରତ ମଲ୍ଲିକ, ରତ୍ନାକର ଦାସ, ଅନ୍ତର୍ଯ୍ୟାମୀ ମଲ୍ଲିକ, ଅଜୟ ଦାସ, ମହେଶ୍ୱର ଦାସ ବିଜୟ ମଲ୍ଲିକ ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଶାଳିଜଙ୍ଗା ଗାଁରୁ ବୋଡ଼ା ସାପ ଉଦ୍ଧାର

**ଦାନଗଦି, ୩୦।୬(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ଦାସଙ୍କ ବାଡ଼ିରୁ ଏକ ୬ ଫୁଟର ବୋଡା ସାପ ଉଦ୍ଧାର କରାଯାଇଛି। ପରିବାର ଲୋକ ସାପଟିକୁ ଦେଖି ଜୁବୁରୀ ବିଭାଗରକୁ ସୂଚନା ଦେଇଥିଲେ। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ୬ଫୁଟର ସାପଟିକୁ ଉଦ୍ଧାର କରି ନିକଟସ୍ଥ ଶାଳିଜଙ୍ଗା ଜଙ୍ଗଲରେ ଛାଡି ଦେଇଥିଲେ।



## କଲେଜ ମୁଖ୍ୟ କିରାଣିଙ୍କୁ ଅବସର ସମ୍ବର୍ଦ୍ଧନା



**ପ୍ରୀତିପୁର,୩୦।୬(ସମିସ):** ବିଞ୍ଝାରପୁର ଥାନା ସୀମାନ୍ତରେ ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଲୋ ପଞ୍ଚାୟତ ଓ ଗ୍ରାମରେ ଅବସ୍ଥିତ ଲଚ୍ଛମନ ବାଲାଜୀ ଉ ସ୍ନାତକ ମହାବିଦ୍ୟାଳୟର ମୁଖ୍ୟକିରାଣି ଅନିରୁଦ୍ଧ ପଲାଇ ସେବାନିବୃତ ହେବାକୁ ଯାଉଥିବାରୁ ମହାବିଦ୍ୟାଳୟ ପରିସରରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଜୟଦେବ ଥାଟ୍ଟୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଦେବପ୍ରସାଦ ସାମଲ, ସମ୍ମାନିତ ଅତିଥି ଭାବରେ ଯୁକ୍ତ ଦୁଇ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଗଜେନ୍ଦ୍ର କୁମାର ଧଳ, ପ୍ରଫେସର ମଦନ ମୋହନ ପରିଡା, ପ୍ରଫେସର ଆଲୋକ କୁମାର ସାମଲ, ପ୍ରଫେସର ସରୋଜ କାନ୍ତ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମାନିତ ବକ୍ତା ଭାବରେ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ରାଉତ, ପ୍ରଫେସର ସୁନକୁମାର ରାଉତ, ପ୍ରଫେସର ଭରତ ଚନ୍ଦ୍ର ବେହେରା, ଶ୍ରୀବତ୍ସ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫେସର ଦିଲ୍ଲୀପ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଭରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟିକୁ ଧର୍ମେନ୍ଦ୍ର ସାମଲ, ମୋନାଲିସା ପରିଡା, ଅନୁପମା ସାମଲ, ପୁଷ୍ପାଞ୍ଜଳି ପରିଡା, ଅନୀଲ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

### ଡ୍ରେନେଜ ସୁବିଧା ନାହିଁ

## ଗାଁ ଦାଣ୍ଡରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି

**ଧର୍ମଶାଳା,୩୦।୬(ସମିସ):** ଧର୍ମଶାଳା ବ୍ଲକ୍ କୁମାରୀ ପଞ୍ଚାୟତ କୁମ୍ଭାରସାହି ଗ୍ରାମରେ ଡ୍ରେନେଜ ସୁବିଧା ନାହିଁ। ଅହରହ ବର୍ଷା ହେଲେ ନିକଟରେ ଥିବା ଦେଉଳି ପାହାଡ଼ରୁ ପାଣି ସୁଅ ଛୁଟିଥାଏ। ଏହି ଗ୍ରାମ ଦେଉଳି ପାଦ ଦେଶରେ ରହିଥିବାରୁ ପାହାଡ଼ରୁ ପାଣି ଗଡି ରାସ୍ତା ଘାଟ ବୁଡିଯିବା ସହିତ ଘରମାନଙ୍କରେ ପାଣି ପଶିଥାଏ। ଡ୍ରେନ ପାଇଁ ଦୀର୍ଘ ବର୍ଷ ଧରି ଦାବି ହେଉଥିଲେ ହେଁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନି। ଫଳରେ ସାମାନ୍ୟ ବର୍ଷା ହେଲେ ବର୍ଷା ପାଣି ଗାଁ ଦାଣ୍ଡରେ ଲହଡ଼ି ଭାଙ୍ଗୁଛି। ଜଳ ନିଷ୍କାସନ ନ ହୋଇ ଜମି ରହୁଥିବାରୁ ପରିବେଶ ଦୂଷିତ ହେଉଛି। କୁମାରୀ ପଞ୍ଚାୟତ କୁମ୍ଭାରସାହି ଗ୍ରାମ ରାସ୍ତା ଦେଇ ପ୍ରତିଦିନ ଗାଁ ଲୋକ ଯିବା ଆସିବା କରୁଥିବା ବେଳେ ଧର୍ମଶାଳା ମହିଳା ମହାବିଦ୍ୟାଳୟ, କୁମାରୀ ସରକାରୀ ନୋଡାଲ ପ୍ରକଳ୍ପ ସ୍କୁଲ ଓ କୁମାରୀ ଅଙ୍ଗନବାଡି କେନ୍ଦ୍ରକୁ ବହୁ ଛାତ୍ରଛାତ୍ରୀ ଯାତାୟତ କରିଥାନ୍ତି। କିନ୍ତୁ ଡ୍ରେନେଜ ସୁବିଧା ନଥିବାରୁ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି। ପ୍ରତିବର୍ଷ ବର୍ଷାଦିନ ତମାମ ଏହି ରାସ୍ତାଟି ଗ୍ରାମବାସୀଙ୍କୁ ଯନ୍ତ୍ରଣା ଦେଇଥାଏ। ଦୀର୍ଘଦିନ ଧରି ପାଣି ଜମି ରହି ଦୁର୍ଗନ୍ଧ ହେବା ସହିତ ଏହି ପାଣି ଭିତରେ ପଶି ଯିବା ଆସିବା କରିବା ଦ୍ୱାରା ବିଭିନ୍ନ ପ୍ରକାର ଚର୍ମ ସଂକ୍ରାମକ ରୋଗ ବ୍ୟାପିଥାଏ। ଏବେ ବର୍ଷା ଆରମ୍ଭ ହୋଇଗଲାଣି। ପିଲାମାନେ ଯିବା ଆସିବା ବେଳେ ଗୋଡ଼ ଖସି ସେମାନେ ପଡ଼ି ଖଣ୍ଡିଆଖାବରା ହେବା ଅନେକ ସମୟରେ ନଜରକୁ ଆସିଛି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ଡ୍ରେନ୍ ନିର୍ମାଣ ପାଇଁ ଦାବି କରିଛନ୍ତି। ହେଲେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ତେଣୁ ବ୍ଲକ୍ ପ୍ରଶାସନ ପକ୍ଷରୁ ତୁରନ୍ତ ଡ୍ରେନ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।



## ମୌଳିକ ସୁବିଧାରୁ ବଞ୍ଚିତ କରଞ୍ଜାମାଳ ଗାଁ

**ଦଶରଥପୁର,୩୦।୬ (ସମିସ):** ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ କରଞ୍ଜାମାଳ ଗାଁକୁ ଆଜି ବି ଭଲ ରାସ୍ତାଟିଏ ନାହିଁ। ଗାଁକୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ପହଞ୍ଚି ପାରୁନାହିଁ। ଗାଁ ଲୋକେ ଯେପରି ନିର୍ବାସିତ ଜୀବନ ବିତାଉଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୀର୍ଘବର୍ଷ ହେବ ଏହି ଗାଁ ଉପରେ ସରକାର କିମ୍ବା ପ୍ରଶାସନର ନଜର ପଡ଼ିପାରି ନାହିଁ। ଚମ୍ପେଇପାଳ ପଞ୍ଚାୟତର ୧୭ ନଂ ୱାର୍ଡ ଅନ୍ତର୍ଗତ ଏହି ଗ୍ରାମରେ ୩୦/୩୫ ପରିବାରର ୨୦୦ରୁ ଅଧିକ ଲୋକ ବସବାସ କରନ୍ତି। ଗାଁ ଲୋକେ ରାସ୍ତା ସମସ୍ୟାକୁ ନେଇ ଦୀର୍ଘ ବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗାଁ ରାସ୍ତା ପ୍ରତି କାହାର ଶୁଭ ଦୃଷ୍ଟି ପଡୁନାହିଁ। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଗ୍ରାମକୁ ଯାତାୟତ କରିବା ନିମନ୍ତେ ଭଲ ରାସ୍ତାଟିଏ ନଥିବାରୁ ଗାଁ ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗାଁକୁ ଆମ୍ବୁଲାନ୍ସ ଆସିପାରୁ ନାହିଁ। ଜରୁରୀ ସମୟରେ ଏକ କିଲୋମିଟର ଦୂରରେ ଆମ୍ବୁଲାନ୍ସ ରହୁଛି। ରୋଗୀ ଓ ଗର୍ଭବତୀ ମହିଳା ମାନଙ୍କୁ ଅତି କଷ୍ଟରେ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବାକୁ ପଡୁଛି। ସେହିପରି ଅଗ୍ନିକାଣ୍ଡ ସମୟରେ ଅଗ୍ନିଶମ ଗାଡ଼ି ଓ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ଗାଁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ସ୍ଥାନୀୟ ନେତା ଓ ଜନପ୍ରତିନିଧି ନିର୍ବାଚନ ସମୟରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତଉଥିବା ବେଳେ ନିର୍ବାଚନ ପରେ ଆଉ ଆମ କଥା ମନେ ପଡୁନାହିଁ ବୋଲି ଗାଁର ହରିଗୋପାଳ ଦେବତା, ଗୋପାଳ ପଣ୍ଡା, ଗୌରହରି ଦେବତା, ଦୟାନିଧି ନାୟକ, ଶତ୍ରୁଘ୍ନ ଯେନା, ବାବାଜୀ ଦାସ, ଅନିରୁଦ୍ଧ ପଣ୍ଡା, ଶତ୍ରୁଘ୍ନ ଦାସ, ବସନ୍ତ ଜେନା, ନବଘନ ବାରିକ ଓ ପର୍ଶୁରାମ ବାରିକ ପ୍ରମୁଖ ଅଭିଯୋଗ କରିବା ସହିତ ଦୀର୍ଘ ବର୍ଷ ହେଲା ଆମ୍ଭେ ଅବହେଳିତ ଅବସ୍ଥାରେ ଥିବା ଗାଁ ରାସ୍ତା ଉନ୍ନତିକରଣ କରିବା ଦିଗରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ତୁରନ୍ତ ପଦେକ୍ଷପ ନେବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି।



## ଗୁରୁମାଙ୍କୁ ବିଦାୟ ଜଣାଇଲେ ଛାତ୍ରଛାତ୍ରୀ




**ପ୍ରୀତିପୁର,୩୦।୬(ସମିସ):** ବିଞ୍ଝାରପୁର ବ୍ଲକର ବିତନା ପଞ୍ଚାୟତ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମରେ ଅବସ୍ଥିତ ନେତାଜୀ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମୀରେଖା ଦାସ ଆଜି ସେବା ନିବୃତ ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ଭରତଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ଭାବପୂର୍ଣ୍ଣ ଅବସର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ସୁବାସ ଚନ୍ଦ୍ର ରାଉତ, କର୍ମଚାରୀ ଉପେନ୍ଦ୍ର ମହାନ୍ତି ଉପସ୍ଥିତ ଥିବାବେଳେ ବିଦ୍ୟାଳୟରେ ଅଧରତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମୀରେଖା ଦାସ ଜଣେ ଛାତ୍ର ବତ୍ସଳା ଶିକ୍ଷୟିତ୍ରୀ ଭାବରେ ଛାତ୍ର, ଶିକ୍ଷକ ଓ ଅଭିଭାବକ ମହଲରେ ଆଦୃତିଲାଭ କରିଥିଲେ। ତାଙ୍କର ସେବାନିବୃତ ହେବା ଅବସରରେ ଛାତ୍ରଛାତ୍ରୀ ଭାବବିହ୍ୱଳ ହୋଇ ପଡିଥିବା ଦେଖିବାକୁ ମିଳିଥିଲା।

### କଚେରୀଗାଁ ତପନ ହତ୍ୟାକାଣ୍ଡ

## ଅଭିଯୁକ୍ତ ଆଲୋକ ମଲିକ ଗିରଫ

**ଯାଜପୁର,୩୦।୬(ସମିସ)** ଯାଜପୁର ସଦର ଥାନା ଅନ୍ତର୍ଗତ କଚେରୀଗାଁରେ ବାଲି ଚାଲାଣଙ୍କୁ କେନ୍ଦ୍ରକରି ଘଟିଥିବା ତପନ ଲେଙ୍କା ହତ୍ୟାକାଣ୍ଡ ମାମଲାରେ ଆଉ ଜଣେ ଅଭିଯୁକ୍ତଙ୍କୁ କେରଳରୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଆଲୋକ ମଲ୍ଲିକ। ସୂଚନା ମୁତାବକ ବେଆଇନ୍ ବାଲି ଚୋରାଚାଲାଣକୁ ନେଇ ଗତ ମାସ ୨୭ ତାରିଖରେ ବରୁଆଁ ପଞ୍ଚାୟତ କଚେରୀଗାଁରେ ବାଲିମାଫିଆଙ୍କ ସଂଘବଦ୍ଧ ଆକ୍ରମଣରେ ତପନ ଲେଙ୍କାଙ୍କ ମୃତ୍ୟୁ ହୋଇଥିଲା। ମୃତ ତପନର ଭାଉଜ ମାନସୀ ଲେଙ୍କାଙ୍କ ଲିଖିତ ଅଭିଯୋଗ କ୍ରମେ ସଦର ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରିରଖିଥିଲେ। ପ୍ରକାଶ ଥାଉକି ଏହି ହତ୍ୟାକାଣ୍ଡରେ ସାମିଲ ଥିବା ୫ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଚନ୍ଦନ ନାୟକ (ଚିଣ୍ଟୁ) ଓ ପ୍ରକାଶ ମଲିକ (ମଧୁଆ)କୁ ପୂର୍ବରୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଯାଜପୁର ସଦର ଥାନା କେଶ୍ ନମ୍ବର୍-୧୮୫, ଅନୁଯାୟୀ ଏକ ମାମଲା ରୁଜୁ କରି ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଲାଗୁକରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲେ। ତେବେ ସଦର ଥାନା ପୁଲିସ୍ କେରଳ ରାଜ୍ୟର ପଠାଣିକାଡୁ ଥାନା ଅନ୍ତର୍ଗତ କାକଠୁର ଭାଗମ ଗ୍ରାମରୁ ସ୍ଥାନୀୟ ପୁଲିସ ସହାୟତାରେ ଅଭିଯୁକ୍ତ ଆଲୋକ ମଲିକ (୨୮)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ବୋଲି ଯାଜପୁର ସଦର ଥାନା ପରିସରରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।



## ଚୋରି ସାମଗ୍ରୀ ଉଦ୍ଧାର; ଜଣେ ଗିରଫ



ଦାନଗଦି,୩୦।୬(ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳ ମଇଥାନ ଇସ୍ପାତ କାରଖାନାରୁ ବ୍ୟାପକ ମଟର ଚୋରି ହୋଇଥିବା ନେଇ ଯଖପୁରା ଥାନାରେ ଅଭିଯୋଗ ହୋଇଥିଲା ।ଅଭିଯୋଗ ପାଇବାପରେ ପୁଲିସ ଏକ ମାମଲା ରୁଜୁକରି କାରଖାନା ପାଚେରୀ ନିକଟରେ ଥିବା ଏକ ଗଛ ବୁଦା ପାଖରୁ ଚୋରି ମଟର ସବୁକୁ ଉଦ୍ଧାର କରିଛି । ଘଟଣାରେ ସମ୍ପୃକ୍ତ ଯଖପୁରା ଥାନା ବରପାଳ ଦଶମାଣିଆ ଗ୍ରାମର ଗନ୍ଧର୍ବ ନାୟକ ଙ୍କ ଜଗା ନାୟକ (୨୯)କୁ ପୁଲିସ ଗିରଫ କରିଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଖସି ଯାଇଛନ୍ତି । ସୂଚନା ମୁତାବକ ଗତ ୨୮ ରାତିରେ କାରଖାନାରୁ କିଛି ମଟର ଚୋରି ହୋଇଥିଲା । ପରଦିନ ସନ୍ଧ୍ୟା ୬ଟା ବେଳେ ମଇଥାନ ଇସ୍ପାତ କାରଖାନା ର ସୁରକ୍ଷା ଅଧିକାରୀ ବିଦ୍ୟାଧର ମହାନ୍ତି ଚୋରି ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ବିଷାକ୍ତ ଛତୁ ଖାଇ ୪ ଗୁରୁତର



ସୁକିନ୍ଦା,୩୦।୬(ସମିସ): ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ଚାରିଜଣ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡିଛି । ଏଭଳି ଘଟଣା ଘଟିଛି ସୁକିନ୍ଦା ବ୍ଲକ ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତ କଣ୍ଟାପାଳ ଗ୍ରାମରେ । ଆହତ ୪ଜଣ ଗୋଟିଏ ପରିବାରର । ଆହତମାନଙ୍କ ମଧ୍ୟରେ ପ୍ରତାପ ମହାନ୍ତଙ୍କ ମା ପ୍ରମିଳା ମହାନ୍ତ(୬୫) ଓ ତିନି ପୁଅ ଶୁଭପ୍ରକାଶ ମହାନ୍ତ(୧୯), ଓମ୍ ପ୍ରକାଶ ମହାନ୍ତ(୧୪) ସତ୍ୟପ୍ରକାଶ ମହାନ୍ତ(୯) ଅନ୍ୟତମ । ଗତକାଲି ରାତି ଖାଦ୍ୟରେ ସେମାନେ ଛତୁ ଖାଇଥିଲେ । ବିଳମ୍ବିତ ରାତିରେ ୪ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ହଠାତ୍ ଗୁରୁତର ହେବାରୁ ପରିବାରର ଅନ୍ୟ ସଦସ୍ୟ ସମସ୍ତଙ୍କୁ ବିଳମ୍ବିତ ରାତିରେ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସା ଜାରି ରହିଛି ।

## ବିଦ୍ୟୁତ୍ ବିଲ ଆଦାୟ ଜୁଲମକୁ ନେଇ ଉତ୍ତେଜନା




ଯାଜପୁର,୩୦।୬(ସମିସ): ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ୩ ନଂ ୱାର୍ଡରେ ବକେୟା ବିଦ୍ୟୁତ ବିଲ ଆଦାୟକୁ କେନ୍ଦ୍ର କରି ଉତ୍ତେଜନା ପ୍ରକାଶ ପାଇଛି । ଏହି ଅଞ୍ଚଳବାସୀ ଙ୍କର ରହିଥିବା ବକେୟା ବିଦ୍ୟୁତ ବିଲ ପୂର୍ବରୁ ଦେଇଥିଲେ । ଏହା ପରେ ଆଜି ଟାଟା ପାୱାର କର୍ମଚାରୀ ମାନେ ଆସି ବିଦ୍ୟୁତ୍ ବିଲ ନ ଦେଲେ ବିଦ୍ୟୁତ୍ କାଟ କରାଯିବ ବୋଲି ଚେତାବନୀ ଦେଇଥିଲେ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ବିଦ୍ୟୁତ୍ ବିଲ ଆଦାୟ କରିବାକୁ ଯାଇଥିବା କର୍ମଚାରୀଙ୍କୁ ଘେରିବା ସହିତ ତୁରନ୍ତ ଗାଁ ଛାଡି ଚାଲିଯିବାକୁ କହିଥିଲେ । ବାରମ୍ବାର ବିଦ୍ୟୁତ୍ ବିଲ ଆଦାୟ କରିବା ନାଁରେ କମ୍ପାନି ପକ୍ଷରୁ ଉପଭୋକ୍ତା ମାନଙ୍କୁ ନାନା ନିର୍ଯ୍ୟାତନା ଦିଆଯାଉଛି ବୋଲି ଅଭିଯୋଗ କରିଥିଲେ । ପରେ ପରିସ୍ଥିତି ବିଗୁଡୁଥିବା ଦେଖି କର୍ମଚାରୀ ମାନେ ଗାଁ ଛାଡି ପଳାଇଥିଲେ ।

## ମାଟି ମାଫିଆଙ୍କ ଯୋଗୁଁ ଧାନ ଚାଷୀ କ୍ଷତିଗ୍ରସ୍ତ

# ବର୍ଷା ପାଣିରେ ବୁଡ଼ିଛି ତଳି କିଆରୀ

ଦଶରଥପୁର,୩୦।୬(ସମିସ)



ଖରିଫ ଧାନ ଚାଷ ପାଇଁ ଏବେ ଉପଯୁକ୍ତ ସମୟ ଉପନୀତ । ଯାହାକୁ ନେଇ ଦଶରଥପୁର ବ୍ଲକ ଅଞ୍ଚଳର ଖରିଫ ଧାନ ଚାଷୀ ଧାନ ତଳି ପ୍ରସ୍ତୁତ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ କାଦୁଅ ତଳି ପକାଇଥିଲେ ମଧ ଲଘୁଚାପ ଜନିତ ବର୍ଷା କାରଣରୁ ଚିନ୍ତାରେ ପଡ଼ିଥିବା ବେଳେ ତହସିଲଦାରଙ୍କ କାର୍ଯ୍ୟ ଶୈଳୀ ଖରିଫ ଧାନ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଥିବା ଦେଖିବାକୁ ମିଳିଛି । ଧାନ ତଳି ଜମିରେ ଲହଡି ମାରୁଥିବା ବର୍ଷା ପାଣି ନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନେଜ ବ୍ୟବସ୍ଥା ନଥିବା ବେଳେ ସ୍ଥାନୀୟ ମାଟି ମାଫିଆଙ୍କୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅହେତୁକ ଅନୁକମ୍ପାକୁ ନେଇ ଦଶରଥପୁର ବ୍ଲକ ଅକରପଡା ପଞ୍ଚାୟତ ବଡ଼ଦୋଗଡ଼ା ଏବଂ ଖଣ୍ଡରା ପଞ୍ଚାୟତ ବାଲିପଦା ମୌଜାର ଖରିଫ ଧାନ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇଛି ।ଲଘୁଚାପ ପ୍ରଭାବରେ ବ୍ଲକ ଅଞ୍ଚଳରେ ୩ ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଯେଉଁ ଚାଷୀମାନେ ଧାନ ତଳି ପକାଇଥିଲେ ତାହା ଏବେ ବର୍ଷା ପାଣିରେ ବୁଡ଼ିଯାଇଛି । ତଳି ଜମିରେ ଆବଶ୍ୟକତା ଠାରୁ ଅଧିକ ପାଣି ଜମି ଥିବାରୁ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ନିଶ୍ଚିତ ସମ୍ଭାବନା ସୃଷ୍ଟି ହୋଇଥିବା ଅଞ୍ଚଳର ଖରିଫ ଧାନ ଚାଷୀ ପ୍ରକାଶ କରିଛନ୍ତି । ତଳି ଜମିରେ ଲହଡି ମାରୁଥିବା ବର୍ଷା ପାଣି ନିଷ୍କାସନ ପାଇଁ ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ନଥିବା ବେଳେ ଆବଶ୍ୟକ ସମୟରେ ବୁଡ଼ି ରହିଥିବା ଚାଷ ଜମିରୁ ଦ୍ରୁତ ଜଳ ନିଷ୍କାସନ ପାଇଁ ଅଞ୍ଚଳର ଚାଷୀମାନେ ନିର୍ଭର କରୁଥିବା ବାଲିପଦା- ଚିତାଳ ଏ-ୱାନ କେନାଲ ଭିତରେ ମାଟି ରାସ୍ତା ନିର୍ମାଣ କରି ସ୍ଥାନୀୟ ଅଞ୍ଚଳର କିଛି ମାଟି ମାଫିଆ ମାଟି ବିକ୍ରୀ ଉଦ୍ଦେଶ୍ୟରେ ଗତ ଅପ୍ରେଲ ମାସରୁ ଅବରୋଧ କରିଥିବା ହେତୁ ତଳି ଜମି ଜଳମଗ୍ନ ହୋଇଯାଇଥିବା ଅଞ୍ଚଳର ଖରିଫ ଧାନ ଚାଷୀ ଦଶରଥ ସାହୁ, ଅନାମ ବେହେରା, ନିତ୍ୟାନନ୍ଦ ସାହୁ, ସ୍ୱଦେଶ ଜେନା, ମନୋଜ ଜେନା, ମାନସ ଜେନା, ସମୀର ଜେନା, ସୁଧାଂଶୁ ବେହୁରିଆ, ପ୍ରଦୀପ ବେହୁରିଆ, ଗଙ୍ଗାଧର ବେହୁରିଆ, ଗଙ୍ଗାଧର ନାୟକ, ପ୍ରଫୁଲ୍ଲ ସାହୁ, ନିରଞ୍ଜନ ସାହୁ ଅଭିଯୋଗ କରିଛନ୍ତି । ଜଳମଗ୍ନ ତଳି ଜମିରୁ ବର୍ଷା ପାଣି ନିଷ୍କାସନ ନିମନ୍ତେ ଅଞ୍ଚଳର ଚାଷୀମାନେ ଗତ ୧୫ ଦିନ ହେବ ବିଭାଗୀୟ ଅଧିକାରୀଙ୍କୁ ଗୁହାରୀ କରିଆସୁଥିଲେ ମଧ କେହି ସେମାନଙ୍କ ଦୁର୍ଦ୍ଦଶା ସମାଧାନ ପାଇଁ ପଦକ୍ଷେପ ନନେବାରୁ ଆଜି ତଳି ବଞ୍ଚାଇବାକୁ ଯାଇ ଅଞ୍ଚଳର କିଛି ଚାଷୀ କେନାଲ ଭିତରେ ମାଟି ମାଫିଆ ନିର୍ମାଣ କରିଥିବା ମାଟିରସ୍ତାକୁ ସ୍ୱଳ୍ପ ଆକାରରେ କାଟି ଅବରୋଧ ହଟାଇ ଥିଲେ ମଧ ପାଣିପାଗ ବିଭାଗର ସୂଚନା ଅନୁସାରେ ଆଗାମୀ ଚାରି ତାରିଖରୁ ଲଘୁଚାପ ଜନିତ ବର୍ଷା ବଢିବା ଆଶଙ୍କା ରହିଥିବାରୁ ଚାଷୀ ଧାନ ତଳି ଗଛ ପଚିଯିବା ଆଶଙ୍କାରେ ଧର୍ଯ୍ୟ ହରାଇ ବସିଥିବା ବେଳେ କେନାଲକୁ ବେଆଇନ ଭାବେ ମାଟିରେ ପୋତି ଅବରୋଧ କରୁଥିବା ମାଟି ମାଫିଆଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବୀ କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଧିରେନ ପାଣିଙ୍କୁ ପଚାରିବାରେ କେନାଲ ଅବରୋଧ ସମ୍ପର୍କରେ ସେ ସୂଚନା ପାଇଛନ୍ତି । ଆସନ୍ତା ମଙ୍ଗଳବାର ସୁଦ୍ଧା ଉକ୍ତ ଅବରୋଧ ହଟାଇବା ସହିତ କେନାଲ ଭିତରେ ବେଆଇନ ରାସ୍ତା ନିର୍ମାଣ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ବୋଲି କହିଥିଲେ ।

### ବିଳାସିନୀ ପ୍ରାଥମିକ ବିଦ୍ୟାଳୟରେ ଗଣ୍ଡଗୋଳ ଘଟଣା

## ବିଇଓଙ୍କ ତଦନ୍ତ ଆରମ୍ଭ; ସରପଞ୍ଚଙ୍କ ଗିରଫ ଦାବି

ପ୍ରୀତିପୁର,୩୦।୬(ସମିସ): ସରପଞ୍ଚ ଓ ତାଙ୍କର ସ୍ୱାମୀ ବିଳାସିନୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜବରଦସ୍ତ ପ୍ରବେଶ କରି ପ୍ରଧାନଶିକ୍ଷକ ଦୀପକ ମଲିକଙ୍କୁ ମାଡ଼ମାରିବା, ଅଶ୍ଳୀଳ ଭାଷାରେ ଗାଳିଦେବା ଘଟଣାରେ ତଦନ୍ତ ଆରମ୍ଭ ହୋଇଛି । ଗତ ୨୬ ତାରିଖରେ ଏହି ଘଟଣା ଘଟିବା ପରେ ପ୍ରଧାନ ଶିକ୍ଷକ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରି ବିଞ୍ଝାରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ । ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ଓ ଅସ୍ଥିରତାକୁ ନଜର ଦେଇ ବରୀ ବିଇଓ ପ୍ରତିଶ୍ରୁତି ସିଂ ଆଜି ମଧ୍ୟାହ୍ନରେ ବିଞ୍ଝାରପୁର ଥାନା ତଥା ବରୀ ବ୍ଲକର ମଧୁସୂଦନପୁର ପଞ୍ଚାୟତର ସୁନ୍ଦରପୁର ଗ୍ରାମରେ ଥିବା ବିଳାସିନୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ । ଶିକ୍ଷକ, ଶିକ୍ଷୟିତ୍ରୀ, ପାଚିକା ଓ ଛାତ୍ରଛାତ୍ରୀଙ୍କ ଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ । ଅପର ପକ୍ଷରେ ଜଣେ ଲୋକ ପ୍ରତିନିଧୀ ହୋଇ ମଧୁସୂଦନପୁର ପଞ୍ଚାୟତର ସମ୍ପୃକ୍ତ ମହିଳା ସରପଞ୍ଚ ସୁଚିତ୍ରା ମଲ୍ଲିକ ନିଜର ସ୍ୱାମୀଙ୍କୁ ଲଗାଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗାଳି ଗୁଲଜ କରାଇବା ଓ ପ୍ରଧାନ ଶିକ୍ଷକଙ୍କ ସାର୍ଟକୁ ଚିରି ଦେଇ ମାଡ଼ ଦେବା ଭଳି ଅଶୋଭନୀୟ ଆଚରଣ କରିଛନ୍ତି । ପୁଲିସ ଥାନାରେ ମକଦ୍ଦମା ରୁଜୁ କରି ହାତବାନ୍ଧି ବସି ରହିବାକୁ ସେ ନାପସନ୍ଦ କରିଛନ୍ତି ସାଧନକେନ୍ଦ୍ର ସ୍ତରୀୟ ପ୍ରାଥମିକ ଶିକ୍ଷକ ସଙ୍ଘର କର୍ମକର୍ତ୍ତା । ମାମୁଲି ଗୁଣ୍ଡା ଭଳି ଦବଙ୍ଗଗିରୀ କରିଥିବା ସମ୍ପୃକ୍ତ ମହିଳା ସରପଞ୍ଚ ସୁଚିତ୍ରା ମଲ୍ଲିକ ଓ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ମଲ୍ଲିକଙ୍କୁ ତୁରନ୍ତ ଗିରଫ ଦାବି କରାଯାଇଛି । ପୁଲିସ ପ୍ରଶାସନ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ନପାଇଲେ ଧାରଣା ଦିଆଯିବ ବୋଲି ସାଧନ କେନ୍ଦ୍ରାଧୀନ ବିଦ୍ୟାଳୟମାନଙ୍କର ବରିଷ୍ଠ ଶିକ୍ଷକ ନେତାଙ୍କ ତରଫରୁ କୁହାଯାଇଛି ।

## ବ୍ରଜ କିଶୋର ରାଉତଙ୍କ ଏକାଦଶାହ ସ୍ମୃତିସଭା




ବ୍ୟାସନଗର,୩୦।୬(ସମିସ): ବିଶିଷ୍ଟ ସମାଜସେବୀ ତଥା ରାଜନୀତିଜ୍ଞ, ଆଇନଜୀବୀ, ସାମ୍ବାଦିକ ବ୍ରଜ କିଶୋର ରାଉତଙ୍କ ଏକକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଦୁର୍ଗା ମନ୍ଦିର କମିଟି ତରଫରୁ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ତାଙ୍କର ବହୁମୁଖି ପ୍ରତିଭାର ସ୍ମୃତିଚାରଣ କରିଥିଲେ । ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ସତ୍ୟସାଇ ବାଲ ବିକାଶ ପିଲାଙ୍କ ବେଦ ପାଠ ଏବଂ ଦୁଇ ମିନିଟ ନିରବ ପ୍ରାର୍ଥନା କରି ଦିବଂଗତ ଆତ୍ମର ସଦଗତି କାମନା କରା ହୋଇଥିଲା । ସଭାରେ ଏକ ସ୍ମରଣିକା "ସ୍ମୃତିରେ ବ୍ରଜକିଶୋର' ଉନ୍ମୋଚିତ ହୋଇଥିଲା । ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପ୍ରୀତିରଞ୍ଜନ ଘଡେଇ, ବ୍ୟାସନଗର ପୌରପାଳ ସୁବାସ ଚନ୍ଦ୍ର ବଳ, ପୂର୍ବତନ ପୌରପାଳ ରସାନନ୍ଦ ମହାନ୍ତି, ପୂର୍ବତନ ଅଧ୍ୟକ୍ଷା ସବିତା ରାଉତ, ପ୍ରାକ୍ତନ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ସିପିଏମ୍ ନେତା ପ୍ରଫୁଲ୍ଲ କୁମାର ନାୟକ, ପୂର୍ବତନ ଉପନଗରପାଳ ହୃଦାନନ୍ଦ ସାମଲ, ଚୋରଦା ଗ୍ରାମ କମିଟି ସମ୍ପାଦକ ରବିନାରାୟଣ ପୁହାଣ, ବ୍ୟାସନଗର କଂଗ୍ରେସ ସଭାପତି ଦିଲ୍ଲିପ କୁମାର ମଲ୍ଲିକ, ବିଜେଡି ସମ୍ପାଦକ ମହେଶ କୁମାର ଧଳ, ବିଜେପି ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ବିଶିଷ୍ଟ ଶିକ୍ଷାବିତ ଦୁଷ୍ମନ୍ତ କୁମାର ନାୟକ, ଡ.ପ୍ରମୋଦ କୁମାର ଶତପଥି, ଅଧ୍ୟାପକ ଓ ସ୍ତମ୍ଭକାର ବିରଞ୍ଚି ନାରାୟଣ ଦାସ, ବ୍ୟାସନଗର ଓକିଲ ସଂଘ ସଭାପତି ରଜତ କୁମାର ରାଉତ, ନଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ, ଟ୍ରକ୍ ମାଲିକ ସଂଘର ନେତା ନରେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇ ସ୍ମୃତିଚରଣ କରିଥଲେ । ପବିତ୍ର ରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ ।

## ନଦୀବନ୍ଧ ମରାମତି ପାଇଁ ଭବପ୍ରସାଦଙ୍କ ଦାବି



କୋରେଇ,୩୦।୬(ସମିସ): ଗତ କିଛି ଦିନ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଛି । ଯାହାର ପ୍ରଭାବରେ ଯାଜପୁର ଜିଲ୍ଲାରେ ପ୍ରବାହିତ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି । କୋରେଇ ନିର୍ବାଚନ ମଣ୍ଡଳୀରେ ପ୍ରବାହିତ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ଆଗାମୀ ଦିନରେ ବନ୍ୟାର ଆଶଙ୍କା ରହିଛି । ଉପର ମୁଣ୍ଡରେ ଅଧିକ ବର୍ଷା ହେଲେ ବନ୍ୟାର ଆଶଙ୍କା ଦେଖାଦେଇଥ?ବାରୁ ଏହା ପୂର୍ବରୁ ନଦୀବନ୍ଧର ସୁଦୃଢ଼ିକରଣ ପାଇଁ ବିଜେଡି ନେତା ଭବ ପ୍ରସାଦ ଦାସ ଦାବୀ କରିଛନ୍ତି । ଆଜି ଭବ ପ୍ରସାଦ କୋରେଇ ନିର୍ବାଚନ ମଣ୍ଡଳୀର ନଦୀକୂଳିଆ ଅଞ୍ଚଳ ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି । ବର୍ଷା ଆସିବା ପୂର୍ବରୁ ନଦୀବନ୍ଧ ଗୁଡିର ମରାମତି ପ୍ରଶାସନ ପକ୍ଷରୁ କରାଯିବା କଥା । କିନ୍ତୁ ଏ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଦୁର୍ବଳିଆ ସ୍ଥିତି ଥିବା ସ୍ଥାନୀୟ ଲୋକେ ଭବ ପ୍ରସାଦଙ୍କୁ ଅବଗତ କରିଥ?ଲେ । ତେଣୁ ତୁରନ୍ତ ବନ୍ୟା ଆସିବା ପୂର୍ବରୁ ଦୁର୍ବଳ ନଦୀବନ୍ଧକୁ ଦୃଢ଼ କରିବାକୁ ସେ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ରୋଟାରୀ କ୍ଲବ କଲା ରାସ୍ତା ମରାମତି




ଯାଜପୁର,୩୦।୬(ସମିସ): ଯାଜପୁର ରୋଟାରୀ କ୍ଲବ ତରଫରୁ ଏନ୍‌ସି କଲେଜ ନିକଟସ୍ଥ ଅବଦଲ୍‌ପୁର ଶିଶୁମନ୍ଦିର ସଂଲଗ୍ନ "ରୋଟାରୀ ନଗର'ର ବର୍ଷାଦିନିଆ କଚ୍ଚା ରାସ୍ତାଟିକୁ ଇତିମଧ୍ୟରେ ମଜଭୁତ କରି ମରାମତି କରାଯାଇଛି । ଏହି ମରାମତି କାର୍ଯ୍ୟଟି ରୋଟାରିଆନ୍ ଡ. ଗିରିଶ ବିହାରୀ ମିଶ୍ର ଓ ଚନ୍ଦ୍ରଶେଖର ଜେନାଙ୍କ ଆର୍ଥିକ ସହଯୋଗ ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାରୁ ସମସ୍ତ ନଗରବାସୀ ଖୁସି ବ୍ୟକ୍ତ କରିଛନ୍ତି । ରୋଟାରୀ ସର୍ବଦା ସେବା, ତ୍ୟାଗ, ଲୋକକଲ୍ୟାଣରେ ଆସ୍ଥା ରଖିଥିବାରୁ ବର୍ଷା ଦିନର ଖାଲଖମା ତଥା ପାଣି କାଦୁଅରୁ ଲୋକଙ୍କୁ ସୁରକ୍ଷା ଦେବା ନିମନ୍ତେ ଏହି ମରାମତି କାମରେ ଉପସ୍ଥିତ ରହି କାମରେ ଉତ୍ସାହିତ ଓ ସହଯୋଗ କରିଥିଲେ । ଏଥିରେ ଡ. ରାଜକିଶୋର ପଣ୍ଡା, ଦାମୋଦର ବେହେରା, ଡ.ନିତ୍ୟାନନ୍ଦ ମିଶ୍ର, ନବଘନ ରାଉତ, ଜଗନ୍ନାଥ ପରିଡା, ଚିତ୍ତକୁମାର ସାହୁ, ବିଜୟ କୁମାର ସାହୁ, ଭଗବାନ ଜେନା, ବିକ୍ରମ ରାଉତ୍, ଜୟଦେବ ସାହୁ, ଅସିତ୍ କୁମାର ଧଳ, ନରେନ୍ଦ୍ର ଜେନା, ଓମ୍‌ପ୍ରକାଶ ସାହୁ, ଲିପ୍ସିତା ଜେନା, ପ୍ରଦୀପ କୁମାର ରାଉତ ପ୍ରମୁଖ ସାମିଲ ଥିଲେ ।

## ଠିପିବନ୍ଦ ମଦ ଦୋକାନ ପାଲଟିଛି ବାର୍

ଧର୍ମଶାଳା,୩୦।୬(ସମିସ): ଧର୍ମଶାଳା ଅବକାରୀ ଥାନା ଅଧୀନରେ ଜାରକା ଠାରେ ରହିଥିବା ବିଦେଶୀ ମଦ ଦୋକାନ ଠିପିଖୋଲା ମଦ ଦୋକାନ ପାଲଟିଯାଇଛି । ଜାରକା ବଜାରର ଅନତୀ ଦୁରରେ ଏକ ସରକାରୀ ବିଦେଶୀ ମଦ ଦୋକାନ ରହିଛି । ଏଠାରେ ପ୍ରତ୍ୟେକ ଦିନ ଆବଶ୍ୟକ ଠାରୁ ଢେର ଅଧିକ ମଦ ବିକ୍ରି ହୋଇଥାଏ । ଏହା ଠିପିବନ୍ଦ ମଦ ଦୋକାନ ହୋଇଥିଲେ ହେଁ ଏଠାରେ ଗ୍ରାହକମାନଙ୍କ ପିଇବାର ସୁବିଧା ରହିଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ମଦ୍ୟପାନ କରୁଥିବା ଗ୍ରାହକ ମାନେ ଅସି ଖୁଲମଖୁଲା ଏଠାରେ ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । ଠିପିବନ୍ଦ ମଦ ଦୋକାନରେ ଲୋକେ ମଦ କିଣି ନେଇ ଅନ୍ୟତ୍ର ପିଇବାର ନିୟମ ରହିଛି । ହେଲେ ଜାରକାର ଏହି ବିଦେଶୀ ମଦ ଦୋକାନଟି ସରକାରୀ ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ଦେଖିବାକୁ ମିଳିଛି । ଏଠାରେ ବିଭିନ୍ନ ପ୍ରକାର ଚାଖଣା ସାଙ୍ଗକୁ ପାଣି, ଗିଲାସ ଆଦି ଅବଶ୍ୟକ ସାମଗ୍ରୀ ସହଜରେ ମିଳୁଛି । ଫଳରେ ଏଠାକୁ ଆସୁଥିବା ଗ୍ରାହକମାନେ ଏଠାରେ ରାସ୍ତା କଡରେ ବସି ଖୁଲମଖୁଲା ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । ଜାରକା ଠାରେ ଏକ ଅବକାରୀ ଥାନା ରହିଥିବା ବେଳେ ଏହାର କର୍ମଚାରୀମାନେ ସବୁଦେଖି ଚୁପ ରହୁଥିବା ଅଭିଯୋଗ ହୋଇଛି । ଅବକାରୀ ଥାନାଟି କେବଳ ମାସିକିଆ ଚାନ୍ଦା ନେବାରେ ବ୍ୟସ୍ତ ରହୁଥିବା ଅଭିଯୋଗ ହୋଇଛି । ଏଠାରେ ରାସ୍ତା କଡରେ ଅବସ୍ଥିତ ଏହି ବିଦେଶୀ ମଦ ଦୋକାନରେ ଲୋକେ ଖୋଲାଖୋଲି ଭାବରେ ମଦ୍ୟପାନ କରୁଥିବାରୁ ଉକ୍ତ ରାସ୍ତାଦେଇ ଯିବାକୁ ସାଧାରଣ ଲୋକ ଓ କଲେଜର ଛାତ୍ରଛାତ୍ରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଏସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ପୁଲିସ ଅବଗତ ଥାଇ ମଧ କଣ ପାଇଁ ଉକ୍ତ ଦୋକାନୀକୁ କଣ ପାଇଁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି ତାହା ବୁଝାପଡୁ ନାହିଁ । ଯାହାକୁ ନେଇ ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ଚିନ୍ତା ପ୍ରକଟ କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ସଚେତନ ହୋଇ ଏଭଳି ଆଇନ ବିରୋଧି କାର୍ଯ୍ୟ କରୁଥିବା ମଦ ଦୋକାନ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ମୌଳିକ ସୁବିଧାରୁ ବଞ୍ଚିତ କରଞ୍ଜାମାଳ ଗାଁ

ଦଶରଥପୁର,୩୦।୬ (ସମିସ):



ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ କରଞ୍ଜାମାଳ ଗାଁକୁ ଆଜି ବି ଭଲ ରାସ୍ତାଟିଏ ନାହିଁ । ଗାଁକୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ପହଞ୍ଚି ପାରୁନାହିଁ । ଗାଁ ଲୋକେ ଯେପରି ନିର୍ବାସିତ ଜୀବନ ବିତାଉଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୀର୍ଘବର୍ଷ ହେବ ଏହି ଗାଁ ଉପରେ ସରକାର କିମ୍ବା ପ୍ରଶାସନର ନଜର ପଡ଼ିପାରି ନାହିଁ । ଚମ୍ପେଇପାଳ ପଞ୍ଚାୟତର ୧୭ ନଂ ୱାର୍ଡ ଅନ୍ତର୍ଗତ ଏହି ଗ୍ରାମରେ ୩୦/୩୫ ପରିବାରର ୨୦୦ରୁ ଅଧିକ ଲୋକ ବସବାସ କରନ୍ତି । ଗାଁ ଲୋକେ ରାସ୍ତା ସମସ୍ୟାକୁ ନେଇ ଦୀର୍ଘ ବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗାଁ ରାସ୍ତା ପ୍ରତି କାହାର ଶୁଭ ଦୃଷ୍ଟି ପଡୁନାହିଁ । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଗ୍ରାମକୁ ଯାତାୟତ କରିବା ନିମନ୍ତେ ଭଲ ରାସ୍ତାଟିଏ ନଥିବାରୁ ଗାଁ ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଗାଁକୁ ଆମ୍ବୁଲାନ୍ସ ଆସିପାରୁ ନାହିଁ । ଜରୁରୀ ସମୟରେ ଏକ କିଲୋମିଟର ଦୂରରେ ଆମ୍ବୁଲାନ୍ସ ରହୁଛି । ରୋଗୀ ଓ ଗର୍ଭବତୀ ମହିଳା ମାନଙ୍କୁ ଅତି କଷ୍ଟରେ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବାକୁ ପଡୁଛି । ସେହିପରି ଅଗ୍ନିକାଣ୍ଡ ସମୟରେ ଅଗ୍ନିଶମ ଗାଡ଼ି ଓ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ହେଉଥିବାରୁ ଗାଁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି । ସ୍ଥାନୀୟ ନେତା ଓ ଜନପ୍ରତିନିଧି ନିର୍ବାଚନ ସମୟରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତଉଥିବା ବେଳେ ନିର୍ବାଚନ ପରେ ଆଉ ଆମ କଥା ମନେ ପ?ୁନାହିଁ ବୋଲି ଗାଁର ହରିଗୋପାଳ ଦେବତା, ଗୋପାଳ ପଣ୍ଡା, ଗୌରହରି ଦେବତା, ଦୟାନିଧି ନାୟକ, ଶତ୍ରୁଘ୍ନ ଯେନା, ବାବାଜୀ ଦାସ, ଅନିରୁଦ୍ଧ ପଣ୍ଡା, ଶତ୍ରୁଘ୍ନ ଦାସ, ବସନ୍ତ ଜେନା, ନବଘନ ବାରିକ ଓ ପର୍ଶୁରାମ ବାରିକ ପ୍ରମୁଖ ଅଭିଯୋଗ କରିବା ସହିତ ଦୀର୍ଘ ବର୍ଷ ହେଲା ଆମ୍ଭେ ଅବହେଳିତ ଅବସ୍ଥାରେ ଥିବା ଗାଁ ରାସ୍ତା ଉନ୍ନତିକରଣ କରିବା ଦିଗରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି ।

## ଅବଧିର ୨ ବର୍ଷ ପରେ ରାସ୍ତା ଅଧା ହେଲାନି



ରଗଡ଼ି,୩୦।୬(ସମିସ): କୋରେଇ ବ୍ଲକ ଉତ୍ତର ଖଜିରା-ତାରାକୋଟ ଭାୟା ବଙ୍ଗରକୋଟା ଓ ସୁନ୍ଦରପୋଖରୀ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଚାଲିଥିବା ରାସ୍ତା କାମ ସରୁନି । ଅବଧିକୁ ଦୁଇବର୍ଷ ପୂରିଥିଲେ ହେଁ ରାସ୍ତା କାମ ଅଧା ହୋଇନ । ୨୦୨୨ ସେପ୍ଟେମ୍ବରରେ ରାସ୍ତା କାମ ଆରମ୍ଭ ହୋଇ ୨୦୨୩ ଜୁନ୍‌ରେ ଶେଷ ହେବାକୁ ସରକାରୀ ନିର୍ଦ୍ଦେଶ ରହିଥିଲା । ୩.୩୪୦ କିମି ରାସ୍ତା ନିର୍ମାଣ ପାଇଁ ୧କୋଟି ୮୩ ଲକ୍ଷ ବ୍ୟୟ ବରାଦ ରହିଛି । ଏପର୍ଯ୍ୟନ୍ତ ରାସ୍ତାରେ କେଉଁଠି ମାଟି ପଡିଛି ତ ଆଉ କେଉଁଠି କ୍ରସର ଗୁଣ୍ଡ ପଡିବାରେ କାମ ସୀମିତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ବର୍ଷା ହେଲେ ଖାଲରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ଯାତାୟାତରେ ଘୋର ସମସ୍ୟା ସୃଷ୍ଟି ହେଉଛି । ଏଥିଯୋଗୁ ଦୁର୍ଘଟଣା ଘଟୁଛି ବୋଲି ଲୋକେ କହିଛନ୍ତି । ଅନ୍ୟପଟେ ଯାହା କିଛି କାମ ହୋଇଛି ତାହା ପୁଣି ନିମ୍ନମାନର । ଗାଡି ମଟର ତ ଯିବା ଦୂରର କଥା ସାଇକଲ ଖଣ୍ଡେ ବି ଯିବା କଷ୍ଟକର । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରାସ୍ତା ରହିଥିବା ବେଳେ ବିଭାଗୀୟ ଅଧିକାରୀ କେହି ଆସୁନଥିବାରୁ ଠିକାଦାର ନିଜ ମର୍ଜିରେ କାମ କରିବା ସହ ଦୀର୍ଘ ସମୟ କାମ ବନ୍ଦ କରି ଚାଲିଯାଉଥିବା ଲୋକେ ଅଭିଯୋଗ କରିଛନ୍ତି । କାମ ଯଦି ଏପରି ଚାଲେ ତା'ହାଲେ ଶେଷ କେବେ ହେବ ତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ଠିକାଦାରଙ୍କୁ ଲୋକେ ପଚାରିବାରୁ କାମ ହେବ ବୋଲି କହି କେବଳ ସମୟ ଗଡ଼ାଇ ଚାଲିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ବିଧାୟକଙ୍କ ପ୍ରତିକ୍ରିୟା ନିଆଯାଇଥିବା ବେଳେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଠିକାଦାର ଯଦି କାମ ଠିକ ଭାବେ ନକରନ୍ତି ତାଙ୍କୁ ବ୍ଲାକ ଲିଷ୍ଟେଡ଼ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ବିଭାଗୀୟ ଯନ୍ତ୍ରୀଙ୍କୁ ପଚରାଯିବାରୁ ଏ ସମ୍ପର୍କରେ ଅନୁଧ୍ୟାନ କରାଯାଇ ଆବଶ୍ୟକ କାର୍ଯାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ



ଆମ ସମ୍ବିଧାନ କେବଳ ଆଇନଜ୍ଞଙ୍କ ଏକ ଦସ୍ତାବେଜ ନୁହେଁ, ଏହା ଭାରତୀୟ ଜନଜୀବନର ବାହକ ଏବଂ ସର୍ବକାଳୀନ ପ୍ରେରଣାର ଉତ୍ସ
-ଡ. ବିଆର ଆମ୍ବେଦକର

## ଜଗନ୍ନାଥ ବୁଝିବେ

ଅନେକ ମାନବକୃତ ତ୍ରୁଟି କାରଣରୁ ଚଳିତ ବର୍ଷ ରଥଯାତ୍ରା ଇତିହାସରେ ଏକ ଅବାଞ୍ଛିତ ଅଧ୍ୟାୟ ଲେଖିହୋଇଗଲା । ସୂର୍ଯ୍ୟାସ୍ତ ପରେ ରଥ ଟଣା ହେବା ପରି ନୀତି ବହିର୍ଭୂତ କାର୍ଯ୍ୟଠାରୁ ଆରମ୍ଭ କରି ନନ୍ଦିଘୋଷ ରଥ ମାତ୍ର ଚକେ ଘୁଞ୍ଚି ରହିଯିବା, ସୁଭଦ୍ରାଙ୍କ ରଥର ଚକ ନ ଗଡ଼ିବା, ନିମନ୍ତ୍ରିତ ସାମ୍ବାଦିକମାନଙ୍କୁ ପୁଲିସ ମାଡ଼ ମାରିବା, ବଡ଼ଦାଣ୍ଡରେ ୭୦୦ରୁ ଊର୍ଦ୍ଧ୍ୱ ଭକ୍ତ ଆହତ ହେବା ଆଦି ଘଟଣାଗୁଡ଼ିକୁ ବଳି ପଡ଼ିଲା ଶରଧାବାଲିରେ ଦଳଚକଟା ଯୋଗୁଁ ତିନିଜଣଙ୍କ ମୃତ୍ୟୁ ଘଟଣା । ସମଗ୍ର ଘଟଣାବଳୀକୁ ଅନୁଧ୍ୟାନ କଲେ ସମନ୍ୱୟରେ ଅଭାବ ସ୍ପଷ୍ଟ ବାରି ହୋଇପଡୁଛି । ରଥଯାତ୍ରାରେ ଯେ ଅତୀତରେ କୌଣସି ଅଘଟଣ ଘଟିନାହିଁ କିମ୍ବା ଭକ୍ତଙ୍କ ଜୀବନ ଯାଇନାହିଁ କିମ୍ବା ରଥ ଟଣା କାର୍ଯ୍ୟ ବିଳମ୍ବ ହୋଇନାହିଁ ତାହା ନୁହେଁ, କିନ୍ତୁ ଅତୀତ ଓ ବର୍ତ୍ତମାନ ମଧ୍ୟରେ ଅନେକ ଫରକ ରହିଛି । ଏବେ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଉଚ୍ଚପଦାଧିକାରୀଙ୍କ ମାଳ ମାଳ ବୈଠକ ବସୁଛି । ଅର୍ଥବଳ ଓ ଲୋକବଳ ପୂର୍ବାପେକ୍ଷା ଯଥେଷ୍ଟ ବଢ଼ିଛି । ଏବେ ପୁଣି ବୈଷୟିକ ଜ୍ଞାନକୌଶଳ ଭିଡ଼ ପରିଚାଳନା ଓ ସମନ୍ୱୟ ରକ୍ଷା କରିବାରେ ଏକ ଆଶୀର୍ବାଦ ରୂପେ ଉଭା ହୋଇଛି । ଏହାସତ୍ତ୍ୱେ ରଥଯାତ୍ରାରେ ଚଳିତ ଥର ଘଟିଥିବା ବିଶୃଙ୍ଖଳା ଆଦୌ କ୍ଷମଣୀୟ ନୁହେଁ ।

ପ୍ରୟାଗରାଜର ମହାକୁମ୍ଭ ମେଳା ଶୈଳୀରେ ଏଥର ଏଆଇ ଜରିଆରେ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ ହେବ ବୋଲି ରାଜ୍ୟ ପ୍ରଶାସନ ଜୋର ଦେଇ କହିଥିଲେ । ଭିଡ଼ ନିୟନ୍ତ୍ରଣ ହେବା ଦୂରେ ଥାଉ ଏଥର ଚରମ ବିଶୃଙ୍ଖଳା ରେକର୍ଡ ସୃଷ୍ଟି କରିଦେଲା । ରଥଯାତ୍ରା ଦିନ ବଡ଼ଦାଣ୍ଡରେ ଏବଂ ଶନିବାର ରାତିରେ ଶରଧାବାଲିରେ ଯେଉଁଭଳି ଦଳଚକଟା ଭଳି ପରିସ୍ଥିତି ସୃଷ୍ଟି ଏବଂ ଜୀବନହାନି ହେଲା ତାହା ସହିତ ପ୍ରୟାଗରାଜ ଦଳଚକଟା ଜନିତ ମୃତ୍ୟୁକୁ ତର୍ଜମା କଲେ ଉଭୟ ରାଜ୍ୟ ସରକାରଙ୍କ ଭିଆଇପି ସଂସ୍କୃତିର ବ୍ୟାକୁଳତା ଜଳଜଳ ଦେଖାଯାଉଛି । ରଥ ମୋଡ଼ ନେବା ଅଭୂତପୂର୍ବ ନୁହେଁ । କିନ୍ତୁ ରାଜନେତା ଅନୁଗୃହୀତ ଭିଆଇପି ସଂସ୍କୃତି ଜନିତ ଭିଡ଼ ହିଁ ରଥ ପରିଚାଳନାରେ ବିଭ୍ରାଟ ଓ ଭିଡ଼ ନିୟନ୍ତ୍ରଣରେ ଜଟିଳତା ସୃଷ୍ଟି କରିଦେଲା । ତିନି ରଥର କର୍ଡନ ଭିତରେ ଓ ବାହାରେ ରେକର୍ଡ ସଂଖ୍ୟକ ପାସ୍‌ଧାରୀ ରହିବାରୁ ରଥ ଆଗକୁ ଗଡ଼ିବାରେ ବାଧା ସୃଷ୍ଟି ହେଲା । ଶରଧାବାଲିରେ ତିନିରଥ ଓ ଗୁଣ୍ଡିଚା ମନ୍ଦିର ଭିତରେ ଯେତିକି ଖାଲିସ୍ଥାନ ରହିବା କଥା ସେଥିରୁ ଅଧିକାଂଶ କର୍ଡନ ଭିତରକୁ ଚାଲି ଆସିଥିବାରୁ ଏବଂ ଶୀଘ୍ର ପହୁଡ଼ ହୋଇଯିବାରୁ ଭକ୍ତମାନେ ଅଣଓସାରିଆ ଜାଗାରେ ଠାକୁରଙ୍କ ପହୁଡ଼ ଖୋଲିବା ସମୟକୁ ଅପେକ୍ଷା କରି ରହିଥିଲେ । ଏହାଭିତରେ ଚାରମାଳ ନେଇ ଟ୍ରକ୍‌ଟିଏ ପଶି ଆସିବାରୁ ଦଳଚକଟାରେ ତିନିଜଣଙ୍କ ପ୍ରାଣ ଗଲା । ଭିଡ଼ ଭିତରେ ଟ୍ରକ୍ ପ୍ରବେଶ ପାଇଁ କିଏ ଅନୁମତି ଦେଲା ତାହା ଭିନ୍ନ ପ୍ରଶ୍ନ । କିନ୍ତୁ ତା'ଠାରୁ ଆହୁରି ବିଡ଼ମ୍ବନା ହେଲା ସେହି ସଂକୀର୍ଣ୍ଣ ପଥରେ ଭକ୍ତଙ୍କ ପ୍ରବେଶ-ପ୍ରସ୍ଥାନ ପାଇଁ ଗୋଟିଏ ମାତ୍ର ରାସ୍ତା ଥିଲା ଏବଂ ସେଥିରୁ ଅର୍ଦ୍ଧେକ ଭିଆଇପିମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାରିକେଡ୍ ଦ୍ୱାରା ଅବରୋଧ ଥିଲା ।

ଚଳିତ ରଥଯାତ୍ରାରେ ରାଜ୍ୟ ସରକାର ଓ ପ୍ରଶାସନର ଭିଆଇପି ସଂସ୍କୃତି ଏତେ ପ୍ରବଳ ଥିଲା ଯେ ତା' ଆଗରେ ଶ୍ରୀଜଗନ୍ନାଥ ସଂସ୍କୃତି ମଧ୍ୟ ବଳି ପଡ଼ିଗଲା । ନନ୍ଦିଘୋଷ ରଥ ବଡ଼ଦାଣ୍ଡରେ ଗଡୁଥିବା ବେଳେ କିଛିଦୂର ଆଗରେ ଛତିଶଗଡ଼ର ଏକ ଇନୋଭା ଗଡୁଥିଲା । ଆଇନ ମନ୍ତ୍ରୀ ଖାଲିପାଦରେ ବଡ଼ଦାଣ୍ଡରେ ଚାଲୁଥିବାର ଖବର ପ୍ରସାରଣରେ ମୁଖର ମୁଖ୍ୟସ୍ରୋତର ଗଣମାଧ୍ୟମର କ୍ୟାମେରା କିନ୍ତୁ ଶ୍ରୀକ୍ଷେତ୍ରରେ ଏଭଳି ଭିଆଇପି ସଂସ୍କୃତିର ଆଧିପତ୍ୟ ଦେଖିବାକୁ ସକ୍ଷମ ହୋଇ ନଥିଲା । ଏ ପ୍ରକାର ଅବ୍ୟବସ୍ଥା ପୁଲିସ ପ୍ରଶାସନର ଆଖିରୁ ଏଡ଼ାଇଗଲା ନା ଚରମ ଦାୟିତ୍ୱହୀନତାର ପ୍ରମାଣ ଛାଡ଼ିଦେଇଗଲା ସେ ବିଷୟରେ ଉଠୁଥିବା ପ୍ରଶ୍ନକୁ ଯଦି ରାଜନୀତିକରଣ କହି ସରକାର ଦାୟିତ୍ୱ ଖସାଇବାକୁ ଚାହିଁବେ ତେବେ ତାଙ୍କ କଥା କେବଳ ଜଗନ୍ନାଥ ହିଁ ବୁଝିବେ । ପୂର୍ବଦିନର ଭିଡ଼ଜନିତ ବିଶୃଙ୍ଖଳା ସତ୍ତ୍ୱେ ଶରଧାବାଲିରେ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅବହେଳା କରିଥିଲେ ଏବଂ ସରକାର ସେ ବିଷୟରେ ଜାଣିବାକୁ ଇଚ୍ଛା ମଧ୍ୟ କଲେ ନାହିଁ । ଅଘଟଣ ଘଟିବା ପରେ ଲୋକଙ୍କ ସରକାର ବୋଲି କହୁଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଯେପରି ସୁରକ୍ଷା ବ୍ୟବସ୍ଥା ବଢ଼ିଲା କିମ୍ବା ଜନୈକ ଶିଳ୍ପପତିଙ୍କ ପରିବାର କିପରି ରଥସ୍ପର୍ଶ କରିବେ ସେ ଦିଗରେ ପୁଲିସ୍ ପ୍ରଶାସନ ଯେତେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିଥିଲା, ତାହାର କାଣିଚିଏ ଯଦି ଶରଧାବାଲିରେ ଦେଖିବାକୁ ମିଳିଥା'ନ୍ତା ତେବେ ଏଭଳି ଅଘଟଣ ଘଟି ନଥା'ନ୍ତା ।

ନୂଆ କରି ଶାସନ ଗାଦିରେ ବସିଥିବା ବିଜେପି ସରକାର କେବଳ ଦଳୀୟ ପ୍ରଚାର ସର୍ବସ୍ୱ ସଭା ସମିତିରେ ଏତେ ମାତିଲେ ଯେ ବର୍ଷେ ପୂରିଯାଇଥିଲେ ମଧ୍ୟ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ଅଣଦେଖା ହୋଇରହିଗଲା । 'ଦାନା' ବାତ୍ୟା ପରିଚାଳନାରେ ତ୍ରୁଟି ଓ ସମନ୍ୱୟର ଅଭାବ ସରକାରଙ୍କ ଅନଭିଜ୍ଞତାକୁ କିଛି ପରିମାଣରେ ଦର୍ଶାଇଥିଲା । ଗତବର୍ଷ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି ବେଳେ ଚାରମାଳ ଉପରେ ବଡ଼ଠାକୁର ବଳଭଦ୍ର ପଡ଼ିଯିବା ଘଟଣାକୁ ମଧ୍ୟ ରାଜ୍ୟବାସୀ ନୂଆ ସରକାର କହି କ୍ଷମା କରିଦେଲେ । ମଣିଷମାତ୍ରକେ ତ୍ରୁଟି ହେବା ସ୍ୱାଭାବିକ । କିନ୍ତୁ ତ୍ରୁଟି କିଭଳି ପୁନରାବୃତ୍ତି ନ ହେବ ତାହା ହିଁ ବିଶେଷ ମହତ୍ତ୍ୱ ରଖେ । ଗତଥର ରଥଯାତ୍ରାରେ ଅଘଟଣ ପରେ ସରକାର ଯଦି ତ୍ରୁଟି ସୁଧାରିବାରେ ଗୁରୁତ୍ୱ ଦେଇଥା'ନ୍ତେ ତେବେ ଚଳିତ ଥର ଅଘଟଣ ଗତବର୍ଷଠାରୁ ଟପି ଯାଇନ ଥା'ନ୍ତା । କିନ୍ତୁ ସରକାରଙ୍କ ଖାମ୍‌ଖିଆଲି ସ୍ୱଭାବରୁ ସେବକମାନଙ୍କ ଭିତରେ ସମନ୍ୱୟ ରକ୍ଷା କରୁଥିବା ପରିଚାଳନା କମିଟିର ପୁନର୍ଗଠନ ହେଲାନାହିଁ, ଯାହାର ପ୍ରତିଫଳନ ଏଥର ରଥଯାତ୍ରାରେ ଘଟିଲା । ବଳଭଦ୍ର ପଡ଼ିଯିବା ଘଟଣାରେ ତଦନ୍ତ ରିପୋର୍ଟରେ କ'ଣ ଥିଲା, କ'ଣ କାର୍ଯ୍ୟାନୁଷ୍ଠାନ ହେଲା ତାହା ଧର୍ମକୁ ଆଖିଠାର ହୋଇ ରହିଗଲା । ଦୀଘାକୁ ପୁରୀ ଶ୍ରୀମନ୍ଦିରରୁ ଦାରୁ ଚୋରାଚାଲାଣ ଅଭିଯୋଗର ବିଚାର କରି ସରକାର 'ସାପ ମରିବନି କି ବାଡ଼ି ଭାଙ୍ଗିବନି' ଭଳି ପଦକ୍ଷେପ ନେଲେ । ଅଣସର ନୀତିର ମୋଦକ ଚୋରି ହୋଇ ମାରା ମୋଦକ ପୂଜା ହେବା ଘଟଣାରେ ସରକାର ପୁଣି ଥରେ ନିରବଦ୍ରଷ୍ଟା ସାଜିଲେ । ଏହିସବୁ ଉଦାହରଣକୁ ନେଲେ ସଦ୍ୟତମ ଅଘଟଣର ତଦନ୍ତ ମଧ୍ୟ କୁଆଡ଼େ ଯିବ ତାହା ଅନୁମାନ କରିହେଉଛି ।

ମାନବକୃତ ଅପରାଗତା, ଦାୟିତ୍ୱରେ ଅବହେଳା, ନିଷ୍ପତ୍ତିଗତ ତ୍ରୁଟି ଆଦିକୁ ଈଶ୍ୱରଙ୍କ ଇଚ୍ଛା ବା ଭଗବାନଙ୍କ ଲୀଳା କହି ଅଣଦେଖା କରିଚାଲିଲେ, ତାହା ଈଶ୍ୱରଙ୍କ ଦରବାରରେ ଦୋଷ ହେଉ କି ନ ହେଉ ଇତିହାସ କେବେ କ୍ଷମା ଦେବ ନାହିଁ । ତ୍ରୁଟି ଯେଉଁଠି ଏବଂ ଯାହାର ଥାଉ ନା କାହିଁକି ବ୍ୟବସ୍ଥାର ସର୍ବୋଚ୍ଚ ସ୍ଥାନରେ ଥିବା ବ୍ୟକ୍ତି ଯଦି ତାହାର ଉତ୍ତରଦାୟିତ୍ୱ ନ ନିଅନ୍ତି ତେବେ ତାହା ଅକ୍ଷମଣୀୟ ପଦବାଚ୍ୟ ନିଶ୍ଚୟ । ପୁରୀ ଶ୍ରୀକ୍ଷେତ୍ରରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପରିଚାଳନାଗତ ତ୍ରୁଟିରୁ ଯେଉଁଭଳି ଭାବେ ଅଘଟଣମାନ ଘଟିଚାଲିଲା ତାହା କେବଳ ଅକ୍ଷୟମଣୀୟ ନୁହେଁ, ଐତିହାସିକ ତ୍ରୁଟି ପଦବାଚ୍ୟ । ଚଳିତ ବର୍ଷ ରଥଯାତ୍ରା ସ୍ମରଣୀୟ ଓ ଦିବ୍ୟ ଅନୁଭବ ସମ୍ପନ୍ନ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । କିନ୍ତୁ ଦେଖଣାହାରୀଙ୍କ ଅନୁଭବ ତ ଦିବ୍ୟ ହେଲା ନାହିଁ, ଅଘଟଣ ଓ ଅପରାଗତା ପାଇଁ କାଳଖଣ୍ଡରେ ସ୍ମରଣୀୟ ହୋଇ ରହିଯିବ । ଏବେ ଓଡ଼ିଶାବାସୀଙ୍କ ଅନ୍ତଃସ୍ୱରର ଗୁଞ୍ଜନ ଶୁଭୁଛି - ଜଗନ୍ନାଥ ବୁଝିବେ!

# ଏଆଇର ଦୁର୍ଦ୍ଦମନୀୟ ଅବତାର

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି ବା ଏଆଇ)ର ସମ୍ଭାବ୍ୟ ଭଲ ଓ ମନ୍ଦ ଦିଗ ତଥା ପ୍ରଭାବକୁ ନେଇ ଏ ଗଲା ପାଞ୍ଚବର୍ଷ ଭିତରେ ଭିନ୍ନ ଭିନ୍ନ ମଞ୍ଚରେ ନାନା ମୁନିଙ୍କର ନାନାମତ ଆମେ ଶୁଣି ସାରିଛେ । ସେଥିପାଇଁ ଅନେକଙ୍କୁ ସେମିତି କିଛି ମତମତାନ୍ତରର ପୁନଃ ଉଲ୍ଲେଖ ହୁଏତ ଅନାବଶ୍ୟକ ମନେ ହୋଇପାରେ । ମାତ୍ର ପାରମ୍ପରିକ ପର୍ଯ୍ୟାୟକୁ ଇତିମଧ୍ୟରେ ଉନ୍ନୀତ ହୋଇସାରିଥିବା ଏଆଇ ନୁହେଁ, ଆଗକୁ ଆସୁଥିବା ଏଜିଆଇ (ଆର୍ଟିଫିସିଆଲ୍ ଜେନେରାଲ୍ ଇଣ୍ଟେଲିଜେନସ୍)କୁ ନେଇ କମ୍ପ୍ୟୁଟର ବୈଜ୍ଞାନିକ ଲୁଇସ୍ ରୋଜେନ୍‌ବର୍ଗ ନିକଟରେ ଯେଉଁ ଭୟାନକ ଭବିଷ୍ୟବାଣୀ କରିଛନ୍ତି, ସେ ସମ୍ପର୍କରେ ପ୍ରତ୍ୟେକ ସଚେତନ ପାଠକ/ପାଠିକାଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନିତାନ୍ତ ଆବଶ୍ୟକ ।

ଏ ପର୍ଯ୍ୟନ୍ତ ଆମେ ଯେଉଁ ଏଆଇ ସହିତ ଅଳ୍ପବହୁତେ ପରିଚିତ ହୋଇସାରିଛେ ଏବଂ ଭିନ୍ନ ଭିନ୍ନ କ୍ଷେତ୍ରରେ ଯା'ର ଅନୁପ୍ରବେଶ ଯୋଗୁଁ ନାନାପ୍ରକାର ବିଭ୍ରାଟ ସୃଷ୍ଟି ହେବାର ନିଶ୍ଚିତ ଆଶଙ୍କା ଅଛି ବୋଲି ଜାଣିସାରିଛେ, ତାହା ମୋଟାମୋଟି ଭାବରେ ଯାନ୍ତ୍ରିକ ସ୍ତରର । ଅର୍ଥାତ୍, ବର୍ତ୍ତମାନର ଏଆଇ ବଟ୍‌ଗୁଡ଼ିକ ମାନବିକ ଶ୍ରମ, ତାହା ଶାରୀରିକ ହେଉ ବା କିଛିମାତ୍ରାରେ ବୌଦ୍ଧିକ ହେଉ, ଲାଘବ କରୁଥିବା 'ଟୁଲ' ପର୍ଯ୍ୟାୟର । ମାତ୍ର ଆର୍ଟିଫିସିଆଲ୍ ଜେନେରାଲ୍ ଇଣ୍ଟେଲିଜେନସ୍ 'ଟୁଲ୍' ନୁହେଁ । ତାହା 'ସେଣ୍ଟିଏଣ୍ଟ' ବା 'ଚେତନାଯୁକ୍ତ' । ଚେତନଶୀଳ ମଣିଷର ସ୍ଥାନ ଚେତନଶୀଳ ରୋବଟ୍ ନେଇଯିବା ପରେ ଯେଉଁ ବିପର୍ଯ୍ୟୟ ସୃଷ୍ଟିହେବ, ସେ ସମ୍ପର୍କରେ ହିଁ ଆମକୁ ସତର୍କ କରିଦେଇଛନ୍ତି ବୈଜ୍ଞାନିକ ରୋଜେନବର୍ଗ ।

ବର୍ତ୍ତମାନ ଯେଉଁ ଏଆଇ ବଟମାନଙ୍କର ଚମତ୍କାରିତା ଦେଖି ଆମେ ବିସ୍ମିତ ଏବଂ ଅନେକ ସମୟରେ ଏକପ୍ରକାର ହତଭମ୍ବ ହୋଇଯାଉଛେ, ସେସବୁ ପ୍ରଥମ ପିଢ଼ି ବା ଖୁବ୍ ବେଶୀରେ ତୃତୀୟ ପିଢ଼ିର ଏଆଇ ବଟ୍ । କିନ୍ତୁ ସାଧାରଣ ଚେତନାଯୁକ୍ତ ଏଜିଆଇ (ଆର୍ଟିଫିସିଆଲ ଜେନେରାଲ୍ ଇଣ୍ଟେଲିଜେନସ୍) ସେହି ସମସ୍ତ କାର୍ଯ୍ୟ ଅନାୟାସରେ କରିଦେଇପାରିବ, ଯେଉଁଥିପାଇଁ ଲୋଡ଼ା ପଡ଼ିଥାଏ ଗଭୀର ଚିନ୍ତନ ଏବଂ ସୂକ୍ଷ୍ମ ବିଶ୍ଳେଷଣାତ୍ମକ କ୍ଷମତା । ଯେଉଁ କ୍ଷମତାଟିକୁ ଆମେ କେବଳ ମାନବିକ କ୍ଷମତା ବୋଲି ଜାଣିଥିଲେ, ସେଇଟି ଏଣିକି ହସ୍ତାନ୍ତର ହୋଇଯିବ ଏଜିଆଇ ବଟ୍‌ମାନଙ୍କ ପାଖକୁ । ଆମେ ଏ ପର୍ଯ୍ୟନ୍ତ ଗୋଟିଏ କଥା ଭାବି ବିବ୍ରତ ହେଉଥିଲେ ଯେ ଏଆଇ ଏବେ ଯେପରି ଭାବରେ ପ୍ରତ୍ୟେକଟି ପ୍ରାଦ୍ୟୋଗିକ ଓ ନିର୍ମାଣ କ୍ଷେତ୍ରମାନଙ୍କରେ କ୍ରମାଗତ ଭାବରେ ଅନୁପ୍ରବେଶ କରି ମାନବିକ ଶ୍ରମ ଏବଂ ମାନବିକ ମେଧାର ଆବଶ୍ୟକତାକୁ ହ୍ରାସ କରି ଚାଲିଛି, ତାହା ନିଶ୍ଚୟ ସାମାଜିକ ବିଶୃଙ୍ଖଳା, ଅରାଜକତା ଓ ବ୍ୟାପକ ଦାରିଦ୍ର୍ୟର କାରଣ ହେବ । କିନ୍ତୁ ଏଜିଆଇ ବା ଚେତନାଯୁକ୍ତ କୃତ୍ରିମ ବୁଦ୍ଧିମତ୍ତା ଯେହେତୁ ସମସ୍ତ ପ୍ରକାର ବୌଦ୍ଧିକ କାର୍ଯ୍ୟ ମଣିଷଠାରୁ କାହିଁକି କେତେଗୁଣ ଅଧିକ କ୍ଷିପ୍ରତାର ସହ କରିଦେବ, ମାନବିକ ମେଧା, ମାନବିକ ଚିନ୍ତନ ଅଲୋଡ଼ା ହୋଇଯିବ ଏବଂ ଫଳସ୍ୱରୂପ, ମଣିଷ ଘୋର ଅସ୍ତିତ୍ୱଗତ ସଂକଟ ଓ ପରିଚୟ ସଂକଟର ସମ୍ମୁଖୀନ ହେବ, ଯାହାର ପରିଣାମ ଭୟାବହ ହେବ ନିଶ୍ଚୟ ।

କଗ୍‌ନିଟିଭ୍ ଆବିଲିଟିଜ୍ (ସଂଜ୍ଞାନାତ୍ମକ କ୍ଷମତା), ସରଳ ଭାବରେ କହିଲେ ଯାହା ହେଉଛି ଚିନ୍ତନ ବା ଅବବୋଧ କ୍ଷମତା, ଯାହା ଉପରେ ମଣିଷର ଏକଚାଟିଆ ଅଧିକାର ଥିଲା ଏବଂ ଯେଉଁଥିପାଇଁ ସେ ଆପଣାର ସ୍ୱାତନ୍ତ୍ର୍ୟ ଜାହିର କରୁଥିଲା, ସେଇଟି ଏଣିକି ଏଜିଆଇର ଅଧିକାର ହୋଇଯିବ । ଦାର୍ଶନିକ ଡେକାର୍ଟ କହିଥିବା ପରି ମଣିଷ ତା'ର ଅସ୍ତିତ୍ୱର ସ୍ପଷ୍ଟ ଆଭାସ ଏବଂ ତା'ର ଆତ୍ମପରିଚୟ ପାଉଥିଲା ତା'ର ଏଇ ଚିନ୍ତନ କ୍ଷମତା ଯୋଗୁଁ । କିନ୍ତୁ ଯେତେବେଳେ ଏଜିଆଇ ମଣିଷ ପାଖରୁ ତା'ର ଏଇ ସାର କ୍ଷମତାଟିକୁ ନେଇଯିବ, ମଣିଷ ଭୁଲିଯିବ ସେ ପ୍ରକୃତରେ କ'ଣ, କ'ଣ ତା'ର ପରିଚୟ, କ'ଣ ତା'ର ଅସ୍ତିତ୍ୱର ସ୍ୱରୂପ । କି ମହାବିଭ୍ରାଟ ସୃଷ୍ଟି ନ ହେବ ଭାବନ୍ତୁ ତ! ମଣିଷ ଆଉ ତା'ର ମସ୍ତିଷ୍କ ବ୍ୟବହାର କରିବ ନାହିଁ କି ତା' ପାଇଁ ତା'ର ମସ୍ତିଷ୍କର ଆବଶ୍ୟକତା କିଛି ରହିବ ନାହିଁ । ଏଜିଆଇ ବଟ୍ ବାପୁଡ଼ାମାନେ ଛାଇ ହୋଇଯାଇଥିବେ ତା' ଆଖପାଖରେ, ଏପରିକି ତା' ଦେହରେ । ମସ୍ତିଷ୍କରେ ତା'ର ଖଞ୍ଜା ହୋଇଯାଇଥିବ ଏଜିଆଇ ଚିପସ୍; ତା'ର ଚର୍ମଚକ୍ଷୁ ଯାହା ଦେଖିପାରୁ ନ ଥିଲା, ତା'କର୍ଣ୍ଣ ଗହ୍ୱରରେ ଯେଉଁ ଫ୍ରିକ୍ୱେନ୍‌ସି (ଆବୃତି)ର ଶବ୍ଦତରଙ୍ଗ ଧରାପଡୁନଥିଲା, ତା'ନାସିକା ଯେଉଁ ଗନ୍ଧ ବାରିପାରୁ ନ ଥିଲା, ସେ ସବୁ ଅବଲୀଳାକ୍ରମେ ସହଜ ଆୟତ୍ତାଧୀନ ହୋଇଯିବ କୃତ୍ରିମ ସାଧାରଣ ବୁଦ୍ଧିମତ୍ତାଯୁକ୍ତ ନାନୋ ଆକାରର ବଟ୍ ଓ ଚିପସ୍‌ମାନଙ୍କର । ମଣିଷ ଏଣିକି ଘୋର ହୀନମନ୍ୟତାରେ ଘାରି ହେବ; କାରଣ ସେ ଜାଣିବ ଯେ ଯାହା ହେଉଛି, ଯାହା ଆବିଷ୍କାର, ଉଦ୍‌ଭାବିତ ହେଉଛି, ଏପରିକି ଯାହା ସେ ନିଜେ କଳ୍ପନା କରୁଛି ବୋଲି ଭାବୁଛି, ସେ ସବୁ ସିଏ କରୁନି, କରୁଛନ୍ତି ଏଜିଆଇ ବଟ୍ ଓ ଚିପ୍‌ସମାନେ । ଧରନ୍ତୁ -ଦୀର୍ଘଦିନର ବିରହ ବେଦନାରେ ପୀଡ଼ିତ ପ୍ରେମିକ ତା'ର ପ୍ରେମିକାର ପ୍ରେମପଖଲା ପ୍ରେମପତ୍ରଟିଏ ପାଇବ ଡିଜିଟାଲ୍ କାଗଜ ହ୍ୱାଟସ୍‌ଆପ୍‌ରେ, ଯାହାକୁ ପଢ଼ି ବିରହଜ୍ୱାଳାକୁ ସିଏ ଟିକିଏ ଶୀତଳ ବା ପ୍ରଶମିତ କରିବାକୁ ଯାଉଥିବା ବେଳେ ସେପଟୁ ପ୍ରେମିକା ଫୋନ୍ କରି କହିବ, 'ପଢ଼ିଲ ଲେଖାଟି ! ସେଇଟି ମୋ ଆଙ୍ଗୁଠିରେ ଖଞ୍ଜା ହୋଇଥିବା ଏଜିଆଇ ଚିପ୍‌ସର' । ଏମିତି ନିକଟ ଭବିଷ୍ୟତରେ ମାନବୀୟ ପ୍ରେମ, ଶ୍ରଦ୍ଧା, କରୁଣା, ଦରଦ ଓ ସମବେଦନା ସବୁକିଛି ଆଉ ଜମା ମାନବୀୟ ନୁହେଁ; ମାନବର ମନ, ହୃଦୟ ବା ସହଜାତ ଜ୍ଞାନ ଆଉ ଜମା ମାନବୀୟ ନୁହେଁ ବୋଲି ଯେତେବେଳେ ଜଣାପଡ଼ିଯିବ, ସେତେବେଳେ ଆଉ କେଉଁଠି, ଆଉ କେଉଁଥିରେ ମଣିଷ ଖୋଜିପାଇବ ନିଜକୁ? କଳା, ସାହିତ୍ୟ, ଧର୍ମଦର୍ଶନ ପରି ନିଛକ ସୃଜନଶୀଳ କ୍ଷେତ୍ରମାନଙ୍କରେ ଯେତେବେଳେ ଏଜିଆଇ ପ୍ରସ୍ତୁତ ଅଭିନବ ଫର୍ଦ୍ଦସବୁ ଯୋଡ଼ା ହୋଇ ଚାଲିବ, ସେତେବେଳେ ମଣିଷ ପାଇଁ ଆଉ କ'ଣ ବା ରହିବ କରଣୀୟ ବା ବରଣୀୟ?

ବିଡ଼ମ୍ବନାଟି ହେଉଛି, ଲୁଇସ୍ ରୋଜେନବର୍ଗ କେବଳ ନୁହନ୍ତି, 'ସାପିଏନ୍‌ସ୍'ର ଲେଖକ ୟୁଭାଲ ହାରାରି, ଏଆଇର ଅନ୍ୟତମ ଆଦ୍ୟ ନିର୍ମାତା ଜିଓଫ୍ରେ ହିଂଟନ୍ ଏବଂ ସେମାନଙ୍କ ସମଧର୍ମା ମାନବପ୍ରେମୀ ବିଜ୍ଞାନୀମାନେ ପ୍ରତ୍ୟେକ ନିକଟ ଭବିଷ୍ୟତରେ 'ଏଜିଆଇ' ମାନବ ଜୀବନ ଓ ମାନବ ସଭ୍ୟତା ପ୍ରତି ମହାବିପଦ ସୃଷ୍ଟି କରିବାର ଆଶଙ୍କା ସଂପର୍କରେ ବାରମ୍ବାର ଅଚ୍ୟୁତବାଣୀ ଶୁଣାଇ ଚାଲିଥିଲେ ବି ସାମ୍ ଅଲ୍‌ଟାମାନମାନଙ୍କ ପରି ଧୃତରାଷ୍ଟ୍ରୀୟ ଚେତନାର ବ୍ୟକ୍ତିମାନେ ଏଆଇ ଓ ଆଗକୁ ଆସୁଥିବା ଏଜିଆଇ ସର୍ବତୋଭାବେ ମାନବ କଲ୍ୟାଣକାମୀ ବୋଲି କହି ଆମକୁ ଭ୍ରମିତ କରିଚାଲିଛନ୍ତି ।

ପାଠକେ! ଡାରୱିନ୍ ଜଣାଇଥିଲେ ଯେ ଶ୍ରେଷ୍ଠତମ ପ୍ରାଣୀ ମଣିଷକୁ ଏ ଧରାପୃଷ୍ଠକୁ ଆଣିବା ପାଇଁ 'ପ୍ରକୃତି' କୋଟି କୋଟି ବର୍ଷର ନିରବଚ୍ଛିନ୍ନ ସାଧନା କରିଥିଲା; ତା'ର ଗବେଷଣାଗାରରେ ଗୋଟିଏ ମାଙ୍କଡ଼କୁ ନେଇ ଅପରିମିତ ପରୀକ୍ଷାନିରୀକ୍ଷା କରିବା ପରେ ଶେଷରେ ସେ ଆଣିପାରିଥିଲା ମଣିଷକୁ । କିନ୍ତୁ ଏଇମାତ୍ର ହାତଗଣତି କେତୋଟି ବର୍ଷ ଭିତରେ କୃତ୍ରିମ ବୁଦ୍ଧିମତ୍ତାର ଗବେଷଣାଗାରରୁ ଆସିସାରିଲାଣି ଗୋଟିଏ ପରେ ଗୋଟିଏ ଏଆଇ ବଟ୍ -ପ୍ରତ୍ୟେକ ତା'ର ପୂର୍ବ ଅବତାରଠାରୁ ଅଧିକ ଶକ୍ତିଶାଳୀ ଓ ଅଧିକ ଦକ୍ଷତାଯୁକ୍ତ ହୋଇ । ଏଣିକି ଆସିଯିବ ଅମିତକ୍ଷମତାସମ୍ପନ୍ନ ଚେତନଶୀଳ ଏଆଇ ବଟ୍ ।

ରୋଜେନବର୍ଗ, ହାରାରି ଓ ଅନ୍ୟମାନଙ୍କ ସତର୍କବାଣୀ ଶୁଣିବା ପରେ ମନେ ପଡ଼ିଯାଏ ଇଂରେଜୀ କବି ଇୟେଟ୍‌ସଙ୍କ 'ଦି ସେକେଣ୍ଡ କମିଂ' କବିତାର ଏଇ କେତୋଟି ପଂକ୍ତି: 'ସିଓର୍‌ଲି ସମ୍ ରେଭିଲେସନ୍ ଇଜ୍ ଆଟ୍ ହ୍ୟାଣ୍ଡ/ ସିଓର୍‌ଲି ଦି ସେକେଣ୍ଡ କମିଂ ଇଜ୍ ଆଟ୍ ହ୍ୟାଣ୍ଡ' । 'ଦ୍ୱିତୀୟ ଅବତାର' ଏକ ଅବତରି ଆସୁଥିବା ନିଶ୍ଚିତ ବୋଲି କହିବା ପରେ କବି ସେହି କବିତାର ଶେଷ ଚାରୋଟି ପଂକ୍ତିରେ ଯାହା କହିଛନ୍ତି ତା'ର ଓଡ଼ିଆ ମର୍ମାନୁବାଦଟି ଏହିପରି ହୋଇପାରେ: କୋଡ଼ିଏଟି ଶତାବ୍ଦୀ ଧରି ମଣିଷ ଶୋଇଥିଲା କୁମ୍ଭକର୍ଣ୍ଣୀ ନିଦ୍ରାରେ / ଏବେ କିନ୍ତୁ ଭୟ ଓ ଆତଙ୍କରେ ଥରି ଥରି ଉଠି ପଡୁଛି ସେ । କାରଣ ସେ ଦେଖୁଛି ଦୁଃସ୍ୱପ୍ନ ଏକ / ଦାନବାକୃତି ଜନ୍ତୁଟିଏ ଅଜଗର ସମ / ଭିଡ଼ିମୋଡ଼ି ହୋଇ ମାଡ଼ିଆସେ / ଲକ୍ଷ୍ୟ ତା'ର ମଥୁରାର କଂସ ବନ୍ଦୀଶାଳା / ଯେଉଁଠି ସେ ଜନ୍ମ ନେବ ନରସିଂହ ରୂପେ / ନିରନ୍ଧ୍ର ଅନ୍ଧାର ଭିତରେ । କବି ଇୟେଟସ୍ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଏ କବିତାଟି ଲେଖି ଦୁର୍ଦ୍ଦମନୀୟ ଦ୍ୱିତୀୟ ଅବତାର ଏକ ଧରାପୃଷ୍ଠକୁ ଓହ୍ଲାଇବାର ଉପକ୍ରମ କରୁଛି ବୋଲି ଆଶଙ୍କା କରିଥିଲେ । ଲାଗୁଛି, ଏ ଏକବିଂଶ ଶତାବ୍ଦୀର ଏହି 'ଏଜିଆଇ' ହେଉଛି ସେମିତି ଏକ ଦୁର୍ଦ୍ଦମନୀୟ ଅବତାର, ଯାହା ମାନବସଭ୍ୟତା ବିଧ୍ୱଂସକ ହିଁ ହେବ ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ବିଜ୍ଞତା ବନାମ କାର୍ଯ୍ୟାନ୍ୱୟନ

**ସରୋଜ କାନ୍ତ ଚୌଧୁରୀ**

କୌଣସି ବିଷୟରେ ଜାଣିବା ବା ଜ୍ଞାନ ଆହରଣ କରିବା ସହଜ ହୋଇପାରେ, କିନ୍ତୁ ସେଇ ଜ୍ଞାନକୁ କାର୍ଯ୍ୟରେ ପରିଣତ କରିବା ନିଶ୍ଚିତ ଭାବରେ ଅପେକ୍ଷାକୃତ କଷ୍ଟ । ଅବଶେଷରେ ସଫଳ ହେଲା ବେଳେ ତାହା କଷ୍ଟରୁ କୃଷ୍ଣ ମିଳିବା ଭଳି ଯେ ଅଧିକ ଉତ୍ସାହ ପ୍ରଦ ଏଥିରେ ଦ୍ୱିମତ ନାହିଁ । ଆମେ ସମସ୍ତେ ଜାଣିଥାଉ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଇବା, ଶାରୀରିକ କ୍ରିୟା ଅର୍ଥାତ୍ ବ୍ୟାୟାମ ଏବଂ ଶୃଙ୍ଖଳିତ ରହିବା ଆବଶ୍ୟକ । କିନ୍ତୁ ଆମ ଭିତରୁ ବହୁତ କମ୍ ଲୋକ ଏଇ ଆଦର୍ଶ ଦ୍ୱାରା ନିଜ ଜୀବନକୁ ଗଢ଼ି ପାରିଛନ୍ତି ଅଥବା ଜାଣିବା କରିବା ମଧ୍ୟରେ ଥିବା ଶୂନ୍ୟସ୍ଥାନକୁ ଠିକ୍ ଭାବରେ ପୂରଣ କରି ପାରିଛନ୍ତି । ଏହି ଶୂନ୍ୟ ସ୍ଥାନ ଜ୍ଞାନ ଓ କାର୍ଯ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାଏ ।

ଭାରତୀୟ ଦର୍ଶନ, ବିଶେଷକରି ବେଦାନ୍ତ ଅନୁଯାୟୀ, ବିଜ୍ଞତା ହାସଲ କରିବା ପାଇଁ ତିନୋଟି ପର୍ଯ୍ୟାୟ ଦେଇ ଯିବାକୁ ପଡ଼େ । ପ୍ରଥମଟି ହେଲା ଶ୍ରବଣ ଅର୍ଥାତ୍ ଗୁରୁଙ୍କଠାରୁ ଉପଦେଶ ଶୁଣି ଜ୍ଞାନ ଆହରଣ କରିବା, ଦ୍ୱିତୀୟ ପର୍ଯ୍ୟାୟ ମନନ; ଅର୍ଥାତ୍ ଆହରଣ କରିଥିବା ଶିକ୍ଷା ଉପରେ ଗଭୀର ଭାବରେ ବିଭିନ୍ନ ଦୃଷ୍ଟିକୋଣରୁ ଅନୁଧ୍ୟାନ କରିବା ଏବଂ ନିଜ ମନରେ ଥିବା ସନ୍ଦେହ ଦୂର କରି ଧାରଣାକୁ ଦୃଢ଼ୀଭୂତ କରିବା । ତୃତୀୟ ପର୍ଯ୍ୟାୟ ହେଲା ମନନ କରିଥିବା ଧାରଣାକୁ ଗହନ ଚିନ୍ତନ ତଥା ଅଭ୍ୟାସ କରି ନିଜ ଜୀବନରେ ପ୍ରୟୋଗ କରିବା । ବିଜ୍ଞତାର ଏହା ଶେଷ ପର୍ଯ୍ୟାୟ ଏବଂ ନିଧିଧ୍ୟାସନ ନାମରେ ପରିଚିତ । ବାସ୍ତବରେ ଅଧିକାଂଶ ଲୋକ ମନନ ପର୍ଯ୍ୟାୟରେ ମନରେ ଧାରଣ ଜନ୍ମାଇ ରହିଥା'ନ୍ତି ପରୀକ୍ଷା ନିରୀକ୍ଷା ନକରି ଏବଂ ଗହନ ଚିନ୍ତନ ନ କରି । ଏହାଫଳରେ ଜ୍ଞାନର ପ୍ରୟୋଗାତ୍ମକ ଦିଗଟି ଦୁର୍ବଳ ହୋଇଯାଏ । ଅର୍ଥାତ୍ ଜାଣିବା ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ଅନ୍ତର ଦେଖାଦିଏ ।

ନିଜର ଜ୍ଞାନ ଦ୍ୱାରା ଦୁନିଆକୁ ସମ୍ମୁଖୀନ ହେବାର ଯଥେଷ୍ଟ ପୂର୍ବରୁ ତୁମକୁ କିନ୍ତୁ ଜିତିବାର ଅଛି ତୁମର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀକୁ । ସେ ହେଲା ତୁମ ନିଜକୁ । ଅର୍ଥାତ୍ ବ୍ୟକ୍ତିଗତ ଉନ୍ନତି ଏବଂ ପୂର୍ଣ୍ଣତା ଦିଗରେ ନିଜର ମନ ହିଁ ବାଧକ ସାଜିଥାଏ । ବ୍ୟକ୍ତିଗତ ପ୍ରତିରୋଧ ନିଜ ଭାବନା, ବିଶ୍ୱାସ ଓ ବ୍ୟବହାର ମଧ୍ୟରେ ବସା ବାନ୍ଧିଥାଏ । ନକାରାତ୍ମକ ଆତ୍ମବିଶ୍ଳେଷଣ, ହାରିଯିବାର ଭୟ, ଦୀର୍ଘସୂତ୍ରୀ କାର୍ଯ୍ୟ - ଏଗୁଡ଼ିକ ସବୁ ଅନ୍ତଦ୍ୱର୍ନ୍ଦ୍ୱ ହୋଇ ମନକୁ ଦୁର୍ବଳ କରେ । ସେହିଭଳି କେତେକ ବିଶ୍ୱାସ ଏବଂ ବ୍ୟବହାର ଶଗଡ଼ ଗୁଳାରେ ପଡ଼ିଲା ଭଳି ଅଭ୍ୟାସଗତ ଭାବେ ଉନ୍ନତିର ଅନ୍ତରାୟ ହୁଏ ଏବଂ ବେଳେ ବେଳେ ଆତ୍ମଘାତୀ ସାବ୍ୟସ୍ତ ହୁଏ । ସୁତରାଂ ଏମିତି ଅବସ୍ଥାରେ ନିଜ ଭିତରେ ଥିବା ପ୍ରଚ୍ଛନ୍ନ ଆତ୍ମିକ ଶକ୍ତିକୁ ସଂପୃକ୍ତ ମଣିଷଟି ଅଣଦେଖା କରି କରି ହୀନମନ୍ୟତା ପ୍ରଭାବରେ ଛୋଟ ଛୋଟ ପ୍ରତିବନ୍ଧକଗୁଡ଼ିକ ଆଗରେ ରହିଯାଇଥାଏ । କହିବା ନିଷ୍ପ୍ରୟୋଜନ ଯେ ଏହା ଜାଣିବା ଓ କରିବା ମଧ୍ୟରେ ଥିବା ଅନ୍ତର ଯୋଗୁଁ ହିଁ ଘଟିଥାଏ ।

ଦୁନିଆର ପରିବର୍ତ୍ତନ ଚାହିଁବା ଅପେକ୍ଷା ନିଜର ପରିବର୍ତ୍ତନ ହିଁ ଅଧିକ ଗୁରୁତ୍ୱ ରଖେ । କାରଣ ମନର ମୂଳେ ଏ ଜଗତ । ଅର୍ଥାତ୍ ସାମଗ୍ରିକ ଭାବରେ ବିଶ୍ୱ ତୁମ ବ୍ୟକ୍ତିଗତ ମାନସିକତାର ଏକ ପ୍ରକ୍ଷେପଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଖୁସିର ମନଟି ଦେଖେ ଖୁସିର ଦୁନିଆ । ନିରାନନ୍ଦ ମନ ପାଇଁ ସେଇଟି ହୋଇଯାଏ ଯନ୍ତ୍ରଣାଦାୟକ, ଅସ୍ୱସ୍ତିକର । ସୁତରାଂ ତୁମର ଚିନ୍ତାରେ ରଙ୍ଗ ଲଗାଅ । ଦେଖିବ ପୃଥିବୀ କେତେ ରଙ୍ଗୀନ । ଏହିଭଳି ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ନିଜକୁ ବୁଝିବାରେ ଭଗବତ୍ ଗୀତା ସାହାଯ୍ୟ କରିବ, ପଥ ପ୍ରଦର୍ଶନ କରିପାରିବ କିପରି ତୁମେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଜୀବନ ଜିଇଁ ପାରିବ । ଅର୍ଥାତ୍ ତୁମର ସାମର୍ଥ୍ୟ ଏବଂ ତା'କୁ ଉତ୍ତୋଳିତ କରିବାର ଉପାୟ, ଯାହା ତୁମ ଦୁର୍ବଳତାକୁ ପରାସ୍ତ କରି ପାରିବ, ତାକୁ ଚିହ୍ନଟ କରି ପାରିବ । ଗୀତାରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କଥୋପକଥନରୁ ସାବ୍ୟସ୍ତ ହୋଇଥାଏ ଯେ ଆମ ସାଧାରଣଙ୍କ ଭଳି ଅର୍ଜୁନ ମଧ୍ୟ ଜ୍ଞାନର କଥା କହୁଥିଲେ; କିନ୍ତୁ ତାହାକୁ କାର୍ଯ୍ୟରେ ପରିଣତ କରିବାରେ ଅକ୍ଷମ ଥିଲେ । ଜାଣିବା ଏବଂ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ଏହି ଶୂନ୍ୟସ୍ଥାନ ପୂରଣ କରିବାକୁ ଭଗବାନ ଶ୍ରୀକୃଷ୍ଣ ଭଗବତ୍ ଗୀତା ଜରିଆରେ ଦେଇଛନ୍ତି ଅମୂଲ୍ୟ ଉପଦେଶ । ସେ ଏଠାରେ ଅର୍ଜୁନଙ୍କୁ ଜ୍ଞାନ ଦେଇଛନ୍ତି ଏକ ସମ୍ପୂର୍ଣ୍ଣ ନୂଆ ସମ୍ଭାବନା ପରିପ୍ରେକ୍ଷୀରେ । ଅଥଚ ମୌଳିକ ବିଚାରଧାରାକୁ ଉଜ୍ଜୀବିତ କରାଇ ।

ମଣିଷ ହିସାବରେ ପାର୍ଥିବ ବିଶ୍ୱ ଉପରେ ଆମର ଦୃଷ୍ଟି କେନ୍ଦ୍ରୀଭୂତ ହୋଇପାରେ ଅଥବା ଆତ୍ମିକ ସତ୍ତା ମଧ୍ୟରେ ଅନ୍ତର୍ମୁଖୀ ଭାବରେ ଈଶ୍ୱରୀୟ ସନ୍ଧାନରେ ବ୍ରତୀ ହୋଇପାରୁ । କ୍ଷଣିକ ଆନନ୍ଦ ପାଇଁ ନିକଟ ଦୃଷ୍ଟିସମ୍ପନ୍ନ ହୋଇ ସାମୟିକ ଲକ୍ଷ୍ୟ ହାସଲ କରାଯାଇ ପାରେ ଅଥବା ପରମାନନ୍ଦ ପ୍ରାପ୍ତି ପାଇଁ ସାଧନାର ପଥ ବଛାଯାଇ ପାରେ । ପସନ୍ଦ ବ୍ୟକ୍ତିଗତ ଇଚ୍ଛା ଉପରେ ନିର୍ଭରଶୀଳ । କିନ୍ତୁ ଭଗବାନ ଆମକୁ ସେ ଦିଗରେ ସାହାଯ୍ୟ ଅବଶ୍ୟ କରିବେ ଏବଂ ଆମ ନିଷ୍କାମ ପ୍ରୟାସ ଫଳବତୀ ହେବ । ସବୁପଥ ତାଙ୍କରି ପାଖକୁ । ସମ୍ପୂର୍ଣ୍ଣ ସିଦ୍ଧି ମିଳିବାକୁ ଆମକୁ କ୍ରିୟାଶୀଳ ପଥ ବାଛିବାକୁ ହେବ । ବହୁ ଲୋକ ଏହାକୁ ଦୃଷ୍ଟିରେ ରଖି ଆଧ୍ୟାତ୍ମବାଦୀ ଏବଂ ଈଶ୍ୱର ଅନୁରାଗୀ ହୋଇଯା'ନ୍ତି । ଏହିଭଳି ଲୋକଙ୍କୁ ଚାରିଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । କିଛିଲୋକ ଭଗବାନଙ୍କୁ ତାଙ୍କର ସମ୍ପତ୍ତି ବଢ଼ାଇବାକୁ ଡାକନ୍ତି । କିଛି ମାନସିକ ବିଚଳିତ ଲୋକ, ଯେଉଁମାନେ ଦୁଃଖକର ଅବସ୍ଥାରେ ଥା'ନ୍ତି, ସେମାନେ ତାହାକୁ ଅତିକ୍ରମ କରି ଶାନ୍ତି ପାଇବାକୁ ଭଗବାନଙ୍କୁ ଡାକନ୍ତି । ଆଉକିଛି ଅନିସନ୍ଧିତ୍ସୁ ହିସାବରେ କେବଳ ତଥ୍ୟାନୁସନ୍ଧାନ ପାଇଁ ଈଶ୍ୱରୀୟ ଅନୁଗ୍ରହ ପାଇଁ ଉତ୍ସୁକତା ଦେଖାଇଥା'ନ୍ତି । କିନ୍ତୁ ପ୍ରକୃତ ଜ୍ଞାନୀମାନେ ହିଁ ପ୍ରକୃତ ପଥ ପାଇପାରନ୍ତି, ଅନ୍ୟମାନଙ୍କଠାରୁ ଆଗରେ ରୁହନ୍ତି । ସେମାନେ ପାର୍ଥିବତା ମଧ୍ୟରେ ସଫଳତାର ଅନୁଭବ ଠୁଁ ଦୂରେଇ ଯାଆନ୍ତି ସିନା, କିନ୍ତୁ ଅନ୍ତର୍ଲବ୍ଧ ଜ୍ଞାନରେ ସମୃଦ୍ଧ ହୋଇପାରନ୍ତି । ସେମାନେ ସ୍ଥାୟୀ ସୁଖ ବା ପରମାନନ୍ଦ ପ୍ରାପ୍ତି ପାଇଁ ସାଧନା କରନ୍ତି, ଜ୍ଞାନାଲୋକରେ ଆଲୋକିତ ହୋଇପାରନ୍ତି । ଅନ୍ୟ ଅର୍ଥରେ କହିବାକୁ ଗଲେ ସେମାନଙ୍କର ବିଜ୍ଞତା ସାକାର ହୋଇପାରେ ସଫଳ କାର୍ଯ୍ୟାନ୍ୱୟନରେ ।

(ପୂର୍ବତନ ପ୍ରଶାସକ)
କଟକ, ମୋ: ୯୪୩୭୩୬୦୯୮୧

# ଟୁଥ୍‌ପେଷ୍ଟର ଭଲ-ମନ୍ଦ

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ସମୟ ଥିଲା, ଯେତେବେଳେ ଦାନ୍ତ ଘଷିବା ପାଇଁ ବାଉଁଶ, କରଞ୍ଜ, ବାଇଗଣ ଆଦି ଗଛର କାଠିକୁ ବ୍ୟବହାର କରାଯାଉଥିଲା । ବର୍ତ୍ତମାନ ତା'ସ୍ଥାନ ନେଇଛି ପ୍ଲାଷ୍ଟିକ ତିଆରି ଟୁଥ୍ ବ୍ରଶ୍ ଏବଂ ବିଭିନ୍ନ ରାସାୟନିକ ଉପାଦାନରେ ପ୍ରସ୍ତୁତ ଟୁଥ୍‌ପେଷ୍ଟ । ପ୍ରସ୍ତୁତକର୍ତ୍ତାମାନେ ଦାନ୍ତ ଓ ମାଢ଼ି ଉପରେ ତାହାର ଅନେକ ସୁପ୍ରଭାବ ଥିବା ପ୍ରଚାର କରୁଛନ୍ତି ଏବଂ ଆମେ ତାହାକୁ ବିନା ଦ୍ୱିଧାରେ ଗ୍ରହଣ କରି ନେଉଛୁ । କିନ୍ତୁ ବର୍ତ୍ତମାନ ବୈଜ୍ଞାନିକମାନେ ଏହାର କେତେକ କ୍ଷତିକାରକ ଗୁଣ ଥାଇପାରେ ବୋଲି ସୂଚନା ଦେଲେଣି ।

ପାଟି ଭିତରେ ଥିବା ଏକ ଉତ୍ତମ ସନ୍ତୁଳିତ ଅଣୁଜୀବଙ୍କ ପରିସଂସ୍ଥା (ମାଇକ୍ରୋବାୟୋମ୍) କ୍ଷତିକାରକ ସୂକ୍ଷ୍ମଜୀବମାନଙ୍କୁ ନିୟନ୍ତ୍ରଣ କରେ । ଖାଦ୍ୟ ହଜମରେ ସାହାଯ୍ୟ କରେ ଏବଂ ଦାନ୍ତ ଓ ମାଢ଼ିକୁ ସୁରକ୍ଷା ଦିଏ । କିନ୍ତୁ ଟୁଥ୍‌ପେଷ୍ଟରେ ଥିବା ରାସାୟନିକ ପଦାର୍ଥଗୁଡ଼ିକ ହେଲା କାଲ୍ସିୟମ୍ କାର୍ବୋନେଟ୍ ଏବଂ ଆର୍ଦ୍ର ସିଲିକା ଭଳି ଅପଘର୍ଷକ ଗ୍ଲିସେରଲ୍ ଓ ସର୍ବିଟଲ୍ ଭଳି ଆର୍ଦ୍ରକାରୀ, ସୋଡିୟମ୍ ଫ୍ଲୋରାଇଡ୍ ଲବଣ, ସୋଡିୟମ୍ ଲାଉରିଲ୍ ସଲ୍ଫେଟ୍ ଡେଟରଜେଣ୍ଟ, ସେଲୁଲୋଜ ଅଠା ଓ ଜାନ୍ଥେଟ୍ ଅଠା ଭଳି ସାନ୍ଦ୍ରତା ବର୍ଦ୍ଧକ, ପିପରମେଣ୍ଟ ତୈଳ ଭଳି ସୁଗନ୍ଧକାରୀ, ସର୍ବିଟଲ୍ ଓ ଜାଇଲଇଟଲ୍ ଭଳି ମିଷ୍ଟକାରୀ, ସୋଡିୟମ୍ ବେଞ୍ଜୋଟ୍ ଭଳି ସଂରକ୍ଷଣକାରୀ ଇତ୍ୟାଦି । ଏହାର ଅଧିକ ବ୍ୟବହାର କଲେ ନିମ୍ନୋକ୍ତ ପାର୍ଶ୍ୱ ପ୍ରତିକ୍ରିୟାମାନ ପଡ଼ିବାର ଆଶଙ୍କା ରହିଛି । (୧) ସୋଡିୟମ୍ ଲାଉରିଲ୍ ସଲ୍ଫେଟ୍ କୁଣ୍ଡେଇ ହେବା ଏବଂ ଜଠର-ଆନ୍ତ୍ରିକ ସମସ୍ୟାମାନ ସୃଷ୍ଟି କରେ । (୨) କୃତ୍ରିମ ମଧୁରକାରୀ ପଦାର୍ଥଗୁଡ଼ିକ ଅନେକଙ୍କ ଠାରେ ଆଲର୍ଜିର କାରଣ ହୁଏ । (୩) ସୋଡିୟମ ଫ୍ଲୋରାଇଡ ଅଧିକ ହେଲେ ଫ୍ଲୋରୋସିସ୍ ଆଦିର କାରଣ ହୋଇଥାଏ । (୪) ଟ୍ରାଇକ୍ଲୋସାନ ଏକ ଜୀବାଣୁଘାତକ ଓ କବକ ଘାତକ । ତେବେ ଏହା ପାଟି ଓ ମଳଦ୍ୱାରର ଅଣୁଜୀବକ ପରିସଂସ୍ଥା ଉପରେ କୁପ୍ରଭାବ ପକାଏ । (୫) ଅଧିକ ଟୁଥ୍‌ପେଷ୍ଟ କେତେକଙ୍କଠାରେ ଝାଡ଼ା, ବାନ୍ତି ଆଦି ରୋଗ ସୃଷ୍ଟି କରିପାରେ ।

ନିକଟରେ ହୋଇଥିବା ଗବେଷଣାରୁ ସାମଗ୍ରିକ ଭାବେ ଆମ ପାଟି ଭିତରେ ଥିବା ସନ୍ତୁଳିତ ଅଣୁଜୀବ ପରିସଂସ୍ଥା କିପରି ଗୁରୁତ୍ୱପୂର୍ଣ୍ଣ ତାହା ଜଣାପଡ଼ିଛି । ପାଟିରେ ପ୍ରାୟ ୭୦୦ ପ୍ରଜାତିର ବୀଜାଣୁ ବାସ କରନ୍ତି । ଏଗୁଡ଼ିକ ମଧ୍ୟରୁ କେତେକ ଉପକାରୀ ଏବଂ ଆଉ କେତେକ ଅପକାରୀ । ଏମାନେ ଦାନ୍ତ ଓ ମାଢ଼ିର ପୃଷ୍ଠଦେଶରେ ଜୈବ ଆବରଣଟିଏ ସୃଷ୍ଟି କରିଥା'ନ୍ତି । ଲାଳରେ ମଧ୍ୟ ତାହା ପ୍ରଚୁର ପରିମାଣରେ ଦେଖାଯାଏ । ଅତଏବ ପାଟି ଭିତରେ ଏଗୁଡ଼ିକ ସୃଷ୍ଟି କରୁଥିବା ପରିସଂସ୍ଥା ଚଳମାନ । ଉପକାରୀ ତଥା ସ୍ୱାସ୍ଥ୍ୟ ପ୍ରଦାୟିନୀ ଜୀବାଣୁ ସମେତ ସବୁ ଅଣୁଜୀବ ପାଟିରେ ଅମ୍ଳତା ବା ପିଏଚ୍ ନିୟନ୍ତ୍ରଣ କରିବା, ଖାଦ୍ୟକୁ ହଜମ ହେବା ଏବଂ ସୂକ୍ଷ୍ମଜୀବ ପ୍ରତିରୋଧକାରୀ ପ୍ରାକୃତିକ ରସାୟନମାନ ଉତ୍ପନ୍ନ କରିବା କାର୍ଯ୍ୟ କରିଥା'ନ୍ତି । କିନ୍ତୁ ଆମ ଖାଦ୍ୟାଭ୍ୟାସ, ପାଟିକୁ ସଫାସୁତୁରା ନ ରଖିବା ଦ୍ୱାରା କେତେକ ଅପକାରୀ ଜୀବାଣୁମାନଙ୍କ ବଂଶ ବୃଦ୍ଧି ଘଟି ସନ୍ତୁଳନ ତୁଟିଯାଏ । ଫଳରେ ତାହା ଦନ୍ତକ୍ଷୟ, ମାଢ଼ି ରୋଗ ସମେତ ଅନ୍ୟାନ୍ୟ ବହୁରୋଗର କାରଣ ହୁଏ ।

କେତେକ ଟୁଥ୍‌ପେଷ୍ଟରେ ଏବେ ଅନେକ ଦେଶରେ ବାରଣ କରାଯାଇଥିବା 'ଟ୍ରାଇକ୍ଲୋସାନ' ଭଳି ଜୀବାଣୁ ପ୍ରତିରୋଧକ କିମ୍ବା ଷ୍ଟାନସ୍‌କ୍ଲୋରାଇଡର ଅନ୍ୟାନ୍ୟ କେତେକ ଯୌଗିକମାନ ଥାଏ । ସେଗୁଡ଼ିକ ଅପକାରୀ ଜୀବାଣୁ ଓ ଅଣୁଜୀବମାନଙ୍କୁ ମାରିଦିଅନ୍ତି ସତ, ସେଥିସହିତ ଉପକାରୀଗୁଡ଼ିକୁ ମଧ୍ୟ କ୍ଷତି ପହଞ୍ଚା'ନ୍ତି । ଏଣୁ ବର୍ତ୍ତମାନ ଟୁଥ୍‌ପେଷ୍ଟର ଉପାଦାନଗୁଡ଼ିକରେ ପରିବର୍ତ୍ତନ ଆଣିବା ଲାଗି ଉଦ୍ୟମ ଚାଲିଛି । କେତେକ 'ପ୍ରୋ-ବାୟୋଟିକ୍‌ସ' ଏବଂ 'ପ୍ରି-ବାଇଟିକସ୍' କୁ ଏଥିପାଇଁ ପରୀକ୍ଷା କରାଯାଉଛି । ଏଥିରେ 'ଆର୍ଗିନିନ୍' ନାମକ ଏକ ପ୍ରାକୃତିକ ଆମିନୋଅମ୍ଳ ଏବଂ କେତେକ ଉଦ୍ଭିଦଜାତ ଜୀବାଣୁନାଶକ ଉପଯୋଗ କରି ଏହା ପ୍ରସ୍ତୁତ ହେଉଛି ।

ପାଟି ଭିତରେ ଅଣୁଜୀବଙ୍କ ପରିସଂସ୍ଥାକୁ ସନ୍ତୁଳିତ ରଖିବା ଦ୍ୱାରା ଦାନ୍ତ ଶକ୍ତ ରହିବା ସହିତ ଦାନ୍ତମାଢ଼ି ରୋଗଠାରୁ ଆରମ୍ଭ କରି ହୃଦ୍‌ରୋଗ, ମଧୁମେହ, ଫୁଲାରୋଗ ଆଦିରୁ ସୁରକ୍ଷିତ ରହେ । ଏଣୁ ଉତ୍ତମ ଟୁଥ୍‌ପେଷ୍ଟ ଅଳ୍ପ ମାତ୍ରାରେ ନେଇ ଦିନକୁ ଦୁଇଥର ଦାନ୍ତ ଘଷିବା ଏବଂ ଯଥାଶୀଘ୍ର ମୁହଁକୁ ଧୋଇ ପକାଇବା ବର୍ତ୍ତମାନ ପାଇଁ ଏକମାତ୍ର ନିରାପଦ ପନ୍ଥା ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଗଂଜାମରେ ପୁଣି ହତ୍ୟା

## ଶୋଇଥିବା ଯୁବକଙ୍କୁ ପିଟି ମାରିଦେଲେ

ଦିଗପହଣ୍ଡି, ୩୦।୬(ସମିସ): ଗଞ୍ଜାମ ଜିଲ୍ଲାରେ ପୁଣି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦିଗପହଣ୍ଡି ଥାନା ଭୀଷ୍ମଗିରି ଗ୍ରାମ ଉଷାକୋଠି ସାହିର ବି. ରାମଚନ୍ଦ୍ର ପାତ୍ର ଓରଫ୍ ଟୁଲୁଙ୍କୁ ଠେଙ୍ଗାରେ ପିଟିପିଟି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ସେ ଘର ବାରଣ୍ଡାରେ ଶୋଇଥିବା ବେଳେ ଆଜି ଭୋର୍ ପ୍ରାୟ ୪ଟାରେ ତାଙ୍କ ପଡ଼ୋଶୀ କେ. ସନ୍ତୋଷ ପାତ୍ର ଓରଫ୍ ଗୁରଖା ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ସନ୍ତୋଷକୁ ଗିରଫ କରିଛି।



ମିଳିଥିବା ସୂଚନାନୁଯାୟୀ, ଗତ ରାତିରେ ଘର ସମ୍ମୁଖରେ ରହୁଥିବା କେ. ସନ୍ତୋଷ ପାତ୍ର ଓରଫ୍ ଗୁରଖା ସହ ଟୁଲୁଙ୍କ ବଚସା ହୋଇଥିଲା। ଠେଲାପେଲାରେ ସନ୍ତୋଷଙ୍କ ମା' ଆହତ ହୋଇଥିଲେ। ସନ୍ତୋଷଙ୍କ ମା' ଓ ସମ୍ପର୍କୀୟ ଉଭୟଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଭୋର୍‌ରେ ସନ୍ତୋଷ ନିଦରୁ ଉଠି ଘର ବାହାରକୁ ଆସିବା ବେଳକୁ ଟୁଲୁ ତାଙ୍କ ବାରଣ୍ଡାରେ ଶୋଇଥିବା ଦେଖିଥିଲା। ପ୍ରତିଶୋଧପରାୟଣ ହୋଇ ଏକ ଠେଙ୍ଗାରେ ଟୁଲୁଙ୍କ ମୁଣ୍ଡକୁ ବାରମ୍ବାର ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରକ୍ତଭିଜା ଠେଙ୍ଗାକୁ ସେ ନିକଟସ୍ଥ ଡ୍ରେନ୍‌ରେ ଫୋପାଡ଼ି ଗାଁରୁ ଦିଗପହଣ୍ଡି ପଳାଇଥିଲା। ସେଠାରୁ ବସ୍‌ରେ ଫେରାର୍ ହେବା ପାଇଁ ଉଦ୍ୟମ କରିବା ବେଳେ ପୁଲିସ ଟିମ୍ ତାକୁ କାବୁ କରିଥିଲା।

ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଦିଗପହଣ୍ଡି ଥାନା ଏସ.ଆଇ ଜ୍ୟୋତିରଞ୍ଜନ ବେହେରା ସଦଳବଳ ଭୀଷ୍ମଗିରି ଗ୍ରାମରେ ପହଞ୍ଚି ବ୍ରହ୍ମପୁରରୁ ଆସିଥିବା ପୁଲିସ୍ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ସରଜମିନ ତଦନ୍ତ କରି ଫେରିଥିଲେ। ଟୁଲୁଙ୍କ ଭଉଣୀ ଜି.ସୁନୀତା ପାତ୍ର ଏନେଇ ଏତଲା ଦେବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶ ମଧ୍ୟରେ ସନ୍ଧ୍ୟାରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସନ୍ଧ୍ୟାରେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ ଭୀଷ୍ମଗିରି ଗ୍ରାମରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଥାନାରେ ଅଟକ ଅଭିଯୁକ୍ତକୁ ପଚରାଉଚରା କରି ଫେରିଛନ୍ତି।

ଭୁବନେଶ୍ୱରରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଟୁଲୁ କିଛିଦିନ ତଳେ ଗାଁକୁ ଫେରିଥିଲେ। ତାଙ୍କ ସ୍ତ୍ରୀ ଓ ୨ଟି ଝିଅ ଅଛନ୍ତି। ଗତ ଶନିବାରଠାରୁ ଟୁଲୁ ଏବଂ ତାଙ୍କ ସମ୍ପର୍କୀୟ ପକ୍ଷରୁ ଘରେ ଶ୍ରୀନୃସିଂହ ମହାପ୍ରଭୁଙ୍କ ଦେବତା ପୂଜା କାର୍ଯ୍ୟ ଚାଲିଥିଲା। ଘରେ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ସନ୍ତୋଷ ଏବଂ ତା' ପରିବାର ଲୋକଙ୍କୁ ଦେବତା କାର୍ଯ୍ୟ ପୂଜା ନିମନ୍ତେ ନିମନ୍ତ୍ରଣ କରାଯାଇନଥିଲା। ରବିବାର ରାତିରେ ସନ୍ତୋଷ ଏନେଇ ପ୍ରତିବାଦ କରିଥିଲା। ଟୁଲୁ ଏବଂ ଯୁବକଙ୍କ ମଧ୍ୟରେ ସାମାନ୍ୟ ବଚସାରୁ ମାରପିଟ ଯାଏ କଥା ଯାଇଥିଲା। ପରେ ଉଭୟଙ୍କ ସମ୍ପର୍କୀୟ ଏବଂ ଜାତି କୁଳ ମୁଖିଆଙ୍କ ହସ୍ତକ୍ଷେପ ପରେ ଘଟଣାର ଆପୋଷ ସମାଧାନ କରାଯାଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୁଲିସ କହିଛି। ଗିରଫ ସନ୍ତୋଷକୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।

# ବଢ଼ିଲା ରେଳ ଭଡ଼ା

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଜୁଲାଇ ପହିଲାରୁ ରେଳ ଯାତ୍ରୀଙ୍କୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। ରେଳବାଇ କୋଭିଡ୍ ମହାମାରୀ ପରେ ପ୍ରଥମ ଥର ପାଇଁ ଯାତ୍ରୀ ଭଡ଼ାରେ ବୃଦ୍ଧି ଘଟାଇଛି। ନୂଆ ଭଡ଼ା ବୃଦ୍ଧି ଜୁଲାଇ ପହିଲାରୁ ଲାଗୁ ହେବ। ଏଥିରେ ଲୋକାଲଠାରୁ ଆରମ୍ଭ କରି ମେଲ୍ ଏକ୍ସପ୍ରେସ୍‌ର ଭଡ଼ା ବୃଦ୍ଧି କରାଯାଇଛି। ରିଜର୍ଭେସନ୍ ଫି, ସୁପରଫାଷ୍ଟ ସରଚାର୍ଜ ଏବଂ ଅନ୍ୟାନ୍ୟ ଶୁଳ୍କ ଅପରିବର୍ତ୍ତିତ ରହିଛି। ଦ୍ୱିତୀୟ ଶ୍ରେଣୀରେ ପ୍ରତି କିମି ଯାତ୍ରା ପାଇଁ ଅଧା ପଇସା ବୃଦ୍ଧି କରାଯାଇଛି। ଏହି ଅନୁଯାୟୀ ୫୦୧ ରୁ ୧୫୦୦ କିମିର ଦୂରତା ପାଇଁ ୫ ଟଙ୍କା ଏବଂ ୨୫୦୦ କିମିର ପର୍ଯ୍ୟନ୍ତ ଦୂରତା ପାଇଁ ୧୦ ଟଙ୍କା ଏବଂ ୨୫୦୧ ରୁ ୩୦୦୦ କିମିର ଦୂରତା ସ୍ଲାବ୍ ପାଇଁ ଭଡ଼ା ୧୫ ଟଙ୍କା ବୃଦ୍ଧି କରାଯାଇଛି। ଏଥିରେ ସାଧାରଣ ଶ୍ରେଣୀରେ ୫୦୦ କିମି ପର୍ଯ୍ୟନ୍ତ ଯାତ୍ରା କ୍ଷେତ୍ରରେ ଭଡ଼ାରେ କୌଣସି ବୃଦ୍ଧି ହୋଇନାହିଁ। ଅପରପକ୍ଷେ ଉପନଗର ଏକକ ଯାତ୍ରା ଭଡ଼ା ଏବଂ ସିଜନ୍ ଟିକଟରେ କୌଣସି ପରିବର୍ତ୍ତନ କରାଯାଇନାହିଁ (ଉଭୟ ଉପନଗର ଏବଂ ଅଣ-ଉପନଗର ରୁଟ୍ ପାଇଁ)। ପ୍ରଥମ ଶ୍ରେଣୀରେ ପ୍ରତି କିମି ପିଛା ଭଡ଼ା ୦.୫ ପଇସା ବୃଦ୍ଧି କରାଯାଇଛି।

- ୧୫୦୦ କିମି ପାଇଁ ୫ ଟଙ୍କା, ୨୫୦୦ କିମି ପର୍ଯ୍ୟନ୍ତ ୧୦ ଟଙ୍କା
- ୩୦୦୦ କିମି ଦୂରତା ସ୍ଲାବ୍ ପାଇଁ ୧୫ ଟଙ୍କା ବୃଦ୍ଧି
- ସାଧାରଣ ଶ୍ରେଣୀରେ ୫୦୦ କିମି ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି ନାହିଁ

ରେଳବାଇର ଏହି ଭଡ଼ା ସଂଶୋଧନ ବ୍ୟବସ୍ଥାନୁଯାୟୀ, ରାଜଧାନୀ, ଶତାବ୍ଦୀ, ଦୂରନ୍ତୋ, ବନ୍ଦେ ଭାରତ, ତେଜସ, ହମସଫର, ଅମୃତ ଭାରତ, ମହାମାନ, ଗତିମାନ, ଅନ୍ତ୍ୟୋଦୟ, ଜନ ଶତାବ୍ଦୀ, ଯୁବା ଏକ୍ସପ୍ରେସ୍, ଏସି ଭିଷ୍ଟାଡୋମ୍ କୋଚ୍, ଅନୁଭୂତି କୋଚ୍ ଏବଂ ସାଧାରଣ ଅଣ-ଉପନଗର ସେବା ଭଳି ପ୍ରିମିୟର ଏବଂ ସ୍ୱତନ୍ତ୍ର ଟ୍ରେନ୍ ସେବା ପାଇଁ ମଧ୍ୟ ପ୍ରଯୁଜ୍ୟ। ପ୍ରଯୁଜ୍ୟ ନିୟମ ଅନୁଯାୟୀ ଭଡ଼ାରେ ଜିଏସ୍‌ଟି ଲାଗୁ ହେବ। ଜୁଲାଇ ୧ ତାରିଖରେ କିମ୍ବା ତାପରେ ବୁକ୍ ହୋଇଥିବା ଟିକଟ ପାଇଁ ସଂଶୋଧିତ ଭଡ଼ା ପ୍ରଯୁଜ୍ୟ ହେବ। ଏହି ତାରିଖ ପୂର୍ବରୁ ଜାରି ହୋଇଥିବା ଟିକଟଗୁଡ଼ିକ କୌଣସି ଭଡ଼ା ସମାଯୋଜନ ବିନା ବିଦ୍ୟମାନ ଭଡ଼ାରେ ବୈଧ ରହିବ। ପିଆର୍‌ଏସ୍, ୟୁଟିଏସ୍ ଏବଂ ମାନୁଆଲ୍ ଟିକଟିଂ ସିଷ୍ଟମଗୁଡ଼ିକୁ ସେହି ଅନୁସାରେ ଅପଡେଟ୍ କରାଯାଉଛି। ସଂଶୋଧିତ ଭଡ଼ା ଢାଞ୍ଚାର ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ରେଳ ମନ୍ତ୍ରଣାଳୟ ସମସ୍ତ ଜୋନାଲ ରେଳବାଇକୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିଛି। ସମସ୍ତ ଷ୍ଟେସନରେ ଭଡ଼ା ପ୍ରଦର୍ଶନକୁ ଅପଡେଟ୍ କରିବାକୁ ମଧ୍ୟ ଜୋନାଲ ରେଳବାଇଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

# ଯୋଗାଣ ନିରୀକ୍ଷକଙ୍କୁ ୪ ବର୍ଷ ଜେଲ୍

ଅନୁଗୋଳ, ୩୦।୬ (ସମିସ): ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଆଜି ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ଯୋଗାଣ ନିରୀକ୍ଷକ ବବିଲତା ବେହେରାଙ୍କୁ ୪ ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ, ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୨୦୧୪ ମସିହାରେ ଯୋଗାଣ ନିରୀକ୍ଷକ ବବିଲତା ୬୪ ହଜାର ଲିଟର କିରାସିନି ବିଲ୍ ପାସ କରିବା ପାଇଁ କଣିହାଁ ବ୍ଲକ୍ ପୋଲରମୁଣ୍ଡା ଗ୍ରାମର କଣ୍ଟ୍ରୋଲ ଦୋକାନୀ ନିରୋଦ କୁମାର ସାହୁଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ୧୧ବର୍ଷ ପରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ୮ ଜଣ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ବବିଲତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପିପି ଅଶ୍ୱିନ କୁମାର ମାମଲା ପରିଚାଳନା କରୁଥିଲେ।

# ଭିଜିଲାନ୍ସ ଜାଲରେ ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ

**ରାୟଗଡ଼ା/ଭବାନୀପାଟଣା,୩୦।୬(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି। ସେ ରାୟଗଡ଼ା ଜଳ ବିଭାଜିକା ମିସନର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ବେଳେ ଠକେଇ କରିଥିବା ଅଭିଯୋଗ ହୋଇଥିଲା। ସେ କୋଟିକୋଟି ଟଙ୍କାର ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଭିଜିଲାନ୍ସ ଯାଞ୍ଚ ବେଳେ ସ୍ପଷ୍ଟ ହୋଇଥିଲା। ଏହାପରେ କୋର୍ଟଙ୍କ ଅନୁମତି ଆଣି ଆଜି ଭିଜିଲାନ୍ସ ଏକକାଳୀନ ୮ ଟି ସ୍ଥାନରେ ଚଢ଼ଉ କରିଛି। କଳାହାଣ୍ଡି ଜୁନାଗଡ଼ରେ ଥିବା ଘର, ଧର୍ମଗଡ଼ରେ ଥିବା ଶ୍ୱଶୁର ଘର, ଗୋଠପାଟଣାରେ ଥିବା ଆପାର୍ଟମେଣ୍ଟ, ଚନ୍ଦ୍ରଶେଖରପୁରରେ ଥିବା ଏଲ୍‌ଆଇଜି ଘର, ମାଝିଗୁଡ଼ା ଛକରେ ଥିବା ଗୋଟିଏ ନିର୍ମାଣାଧୀନ କୋଠା, ନବରଙ୍ଗପୁର, ଛୁଟିଆଗୁଡ଼ାରେ ପତ୍ନୀଙ୍କ ନାମରେ ଥିବା ୨ଟି କୋଠା ଏବଂ ଭୁବନେଶ୍ୱର ଅଫିସରେ ଚଢ଼ଉ କରାଯାଇଥିଲା। ଚଢ଼ଉରେ ଭିଜିଲାନ୍ସର ୮ଟି ଟିମ୍ ସାମିଲ ଥିଲେ।

ଚଢ଼ଉ ବେଳେ ବାବୁଙ୍କ ସମ୍ପତ୍ତି ଦେଖି ଜଳକା ହୋଇଯାଇଛି ଭିଜିଲାନ୍ସ ଟିମ୍। ତାଙ୍କ ନାମରେ ଗୋଠପାଟଣାରେ ଥିବା ଗୋଟିଏ ୩ ବିଏଚ୍‌କେ

- ୮୪ ଏକର ଜମି, ଦୁଇ କୋଠା, ଗୋଟିଏ ଫ୍ଲାଟ୍ ଠାବ
- ବାବୁଙ୍କ ନାମରେ ରହିଛି ୪୬ ଏକରର ୨ଟି ଫାର୍ମ ହାଉସ୍
- ୩୧୨ ଗ୍ରାମ ସୁନା, ବ୍ୟାଙ୍କ୍‌ରେ ୫୮ ଲକ୍ଷ ଜମା

ଆପାର୍ଟମେଣ୍ଟ, ମାଝିଗୁଡ଼ାରେ ତାଙ୍କର ଗୋଟିଏ ନିର୍ମାଣଧୀନ ଘର ରହିଛି। ଚନ୍ଦ୍ରଶେଖରପୁର ହାଉସିଂବୋର୍ଡରେ ଗୋଟିଏ ଘର, ନବରଙ୍ଗପୁରେ ଗୋଟିଏ ସପିଂ କମ୍ପ୍ଲେକ୍ସ ରହିଛି। ଏଥିରେ ୫ଟି ଦୋକାନ ରହିଛି। ସେହିପରି ନବରଙ୍ଗପୁରରେ ବିଜ୍ରାଗୁଡ଼ାରେ ୪୦ ଏକରର ଏକ ଫାର୍ମ ହାଉସ ରହିଛି। ଆହୁରି ମଧ୍ୟ ନବରଙ୍ଗପୁର ଫଟାକୋଟରେ ୬ ଏକର ଜାଗାରେ ଆଉ



ଏକ ଫାର୍ମ ହାଉସ ରହିଛି। ଏଥିରେ ଡ୍ରିପ୍ ଜଳସେଚନ ବ୍ୟବସ୍ଥା ରହିଥିବା ବେଳେ ଏକ କୋଠା ମଧ୍ୟ ରହିଛି। ଏଥିରେ ୪୬ଲକ୍ଷ ୧୨ହଜାର ୬୬୫ ଟଙ୍କା ବିନିଯୋଗ ହୋଇଛି। ନବରଙ୍ଗପୁରରେ ୨୭ ଏକର ଜମି ରହିଥିବା ବେଳେ ଭବାନୀପାଟଣା ଟାଉନ୍‌ରେ ୧୧ ଏକର ଜମି ରହିଛି। ଏହି ଜମିର ଆକଳନ ଭିଜିଲାନ୍ସର ଟେକ୍ନିକାଲ ଟିମ୍ କରୁଛି। ତାଙ୍କ ଘରୁ ୩୧୨ ଗ୍ରାମ ସୁନା ଠାବ ମିଳିଥିବା ବ୍ୟାଙ୍କ୍‌ରେ ୫୮ ଲକ୍ଷ ୪୧ହଜାର ୪୨୨ ଟଙ୍କା ଜମା ରହିଛି। ଗୋଟିଏ ଚାରି ଚକିଆ ବେନାମି ଗାଡ଼ି ଥିବା ବେଳେ ଗୋଟିଏ ଦୁଇ ଚକିଆ ଗାଡି ଠାବ କରାଯାଇଛି। ଆହୁରି ମଧ୍ୟ ୯ଲକ୍ଷର ଘରର ଆସବାବପତ୍ର ରହିଛି। ଠାବ କରାଯାଇଥିବା ସମ୍ପତ୍ତିର ହିସାବ ମାଗିଥିଲେ ମଧ୍ୟ ସେ ସଠିକ ଉତ୍ତର ଦେଇ ନପାରିବାରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଉଠାଇ ନେଇ ପଚରାଉଚରା କରୁଛି। ଅସନ୍ତାକାଲି ଗିରଫ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅରାଜକତା...

ସୋମବାର ୧୧ଟା ୩୦ ସମୟରେ ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ନିଜ କାର୍ଯ୍ୟାଳୟ ଭିତରେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଥିଲେ। ଏହି ସମୟରେ ୬/୭ ଜଣ ଗୁଣ୍ଡାଶ୍ରେଣୀୟ ବିଜେପି କର୍ମୀଙ୍କ ସହ କର୍ପୋରେଟର ଅପରୂପ ବିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚି ଶ୍ରୀ ସାହୁଙ୍କ ଉପରେ ଅତର୍କିତ ଆକ୍ରମଣ ଆରମ୍ଭ କରିଦେଲେ। ଜଗନ୍ନାଥ ପ୍ରଧାନଙ୍କ କଥା କାହିଁକି ଶୁଣିଲୁ ନାହିଁ ବୋଲି ପ୍ରଶ୍ନ କରିବା ସହ ମାଡ଼ ମାରି ଚାଲିଲେ। ଅସଭ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କ ଚୌକିରୁ ଘୋଷାରି ଘୋଷାରି ପାର୍ଟିକୋ ପର୍ଯ୍ୟନ୍ତ ନେଇ ଆସିଲେ। ୧୦ ମିନିଟ୍ ପର୍ଯ୍ୟନ୍ତ ଲଗାତାର ଚାପୁଡ଼ା ମାରି ଗାଲ ଫୁଲାଇ ଦେଲେ; ତଳେ ପକାଇ ତାଙ୍କ ଉପରେ ଚଢ଼ିଗଲେ। ମୁହଁ, ପେଟ ଓ ପିଠିକୁ ଅମୁହାଁ ଗୋଇଠା ମାରିଲେ ଚାଲିଲେ। ଶହଶହ ଲୋକଙ୍କ ଉପସ୍ଥିତିରେ ତାଙ୍କ ଚୁଟିକୁ ଭିଡ଼ିଭିଡ଼ି ଆଣି ବାହାରେ ଫିଙ୍ଗିଦେଲେ। ଏପରିକି ବିରୋଧ କରିବାକୁ ଆସିଥିବା ସୁରକ୍ଷା କର୍ମୀମାନଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ତାଙ୍କୁ ନ ମାରିବାକୁ ଅଫିସର ଜଣକ ଯେତେ ଗୁହାରି କରୁଥିଲେ ବି କେହି ଶୁଣୁ ନ ଥିଲେ। ଏତିକିରେ ମନବୋଧ ହେଲା ନାହିଁ, ତାଙ୍କ ଫୋନ ଛଡ଼ାଇ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଆପତ୍ତିଜନକ ଓ ଅଶାଳୀନ ଫଟୋ, ଭିଡ଼ିଓ ପୋଷ୍ଟ କଲେ।

କାର୍ଯ୍ୟାଳୟ ପରିସରରେ ବିଜେପି ଗୁଣ୍ଡାମାନେ ଏପରି ଘଟଣା ଘଟାଇବା ସମୟରେ ବାହାରେ ଆଉରି କିଛି ଦୁର୍ବୃତ୍ତ ଏକ ଗାଡ଼ିରେ ଅପେକ୍ଷା କରି ରହିଥିଲେ। ଅତିରିକ୍ତ କମିଶନରଙ୍କୁ ଅପହରଣ କରିବାକୁ ଯୋଜନା ମଧ୍ୟ କରିଥିଲେ। ମାତ୍ର ଏହି ସମୟରେ ଅନ୍ୟ କିଛି କର୍ପୋରେଟର ଓ ମେୟର ସୁଲୋଚନା ଦାସ ସେଠାରେ ପହଞ୍ଚିଥିଲେ ଦୁର୍ବୃତ୍ତମାନଙ୍କୁ ଅଟକାଇଥିଲେ। ହେଲେ ସେମାନେ ମେୟରଙ୍କ ସହ ଯୁକ୍ତତର୍କ କରିଥିଲେ। କିଛି କର୍ପୋରେଟରଙ୍କୁ ଧକ୍କା ମରିଥିଲେ। ଘଟଣାକୁ ଦେଖି ଲୋକମାନେ ହେବା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳ ଛାଡି ଫେରାର୍ ହୋଇଯାଇଥିଲେ। ଏ ସମ୍ପର୍କରେ ଅତିରିକ୍ତ କମିଶନର ପୁଲିସରେ ଏତଲା ଦେଇଛନ୍ତି। ତାଙ୍କୁ ବିନା କାରଣରେ ଜଗନ୍ନାଥ ପ୍ରଧାନଙ୍କ ନାମ ନେଇ ଆକ୍ରମଣ କରାଯାଇଛି ବୋଲି ସେ ଏତଲାରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ମେୟର ସୁଲେଚନା ଦାସ ଏହାକୁ କଠୋର ଶବ୍ଦରେ ନିନ୍ଦା କରିବା ସହ ରାଜ୍ୟ ଆଇଶୃଙ୍ଖଳା କିଛି ନାହିଁ ବୋଲି କହିଛନ୍ତି। ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି ବିଏମ୍‌ସି ଇତିହାସରେ ଆଗରୁ କେବେ ଏମିତି ହୋଇନଥିଲା। ଦୁର୍ବୃତ୍ତମାନେ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ଆହତ କରିବାକୁ ଆସିଥିଲେ। ଥାନାରେ ଏତଲା ଦିଆଯାଇଛି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବୁ ବୋଲି ସେ କହିଛନ୍ତି। ଏହି ଘଟଣାର ପ୍ରତିବାଦରେ ବିଏମ୍‌ସି କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ବିଏମ୍‌ସିର ସବୁ ସେବା ବନ୍ଦ ରହିବ ବୋଲି କର୍ମଚାରୀମାନେ କହିଛନ୍ତି। ଅନ୍ୟପକ୍ଷରେ ଘଟଣାର ପ୍ରତିବାଦରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ ଓ ମେୟର ସୁଲୋଚନା ଦାସଙ୍କ ସହ ବିଜେଡ଼ିର କର୍ପୋରେଟର ମାନେ ରାସ୍ତାରେ ଧାରଣା ଦେଇଛନ୍ତି। ରାଜ୍ୟ ସରକାର ତୁରନ୍ତ ଜଗନ୍ନାଥ ପ୍ରଧାନ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

### ୩ ଗିରଫ...

ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ପୁଲିସ ବିଏନ୍‌ଏସ୍ ଧାରା ୩୩୩( ସରକାରୀ ଅଫିସ ଭିତରେ ପଶି ଆକ୍ରମଣ କରିବା), ୧୩୨(ଜନସେବା କାର୍ଯ୍ୟରେ ବାଧା ସୃଷ୍ଟି କରିବା), ୧୨୧(୧),(୧୨୧(୨), ୧୦୯ (ହତ୍ୟା ଉଦ୍ୟମ), ୩୫୧(୨) (ଅପରାଧିକ ଧମକ), ୬୨, ୧୪୦(୨), ୩୦୪, ୫୪,୬୧(୨), ୧୮୯(୨), ୧୯୦, ୩(୫) ଦଫା ଲଗାଇ ଗିରଫ କରିଛି। ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨୯ ନମ୍ବର ୱାର୍ଡର କର୍ପୋରେଟର ଜୀବନ ରହିଛି। ବଡ଼ କଥା ହେଲା ଏହି ଆକ୍ରମଣ ପଛରେ ଥିବା ମାଷ୍ଟରମାଇଣ୍ଡ ଜଗନ୍ନାଥ ପ୍ରଧାନଙ୍କୁ ପୁଲିସ ଗିରଫ କରିନାହିଁ। ଯାହାକୁ ନେଇ ବିରୋଧି ଏବଂ ଅନ୍ୟମାନେ ପ୍ରଶ୍ନ ଉଠାଉଛନ୍ତି। କାରଣ କର୍ପୋରେଟର ଏବଂ ତାର ସହଯୋଗୀମାନେ ଜଗା ପ୍ରଧାନଙ୍କ ଇଂଗିତରେ ଆକ୍ରମଣ କରିଥିବା କୁହାଯାଉଛି। କାରଣ ଆକ୍ରମଣ ପୂର୍ବରୁ ଜୀବନ ଏବଂ ତାର ସହଯୋଗୀମାନେ ଅତିରିକ୍ତ କମିଶନର ରତ୍ନାକରଙ୍କୁ ଫୋନ୍‌ରେ ଜଗା ପ୍ରଧାନଙ୍କୁ ଦୁର୍ବ୍ୟବହାର କରିଥିବା ପଚାରିଥିଲେ। ଏହି କଥା ପରେ ତାଙ୍କୁ ଘୋଷାଡି ଆଣି ଗୋଡେଇ ପିଟିଥିଲେ। ତେଣୁ ଏହି ମାମଲାରେ ମାଷ୍ଟରମାଇଣ୍ଡ ଜଗାପ୍ରଧାନ ଥିବାରୁ ତାଙ୍କୁ ଗିରଫ ପାଇଁ ଦାବି ହେଉଛି।

### ରାଜ୍ୟବାସୀ କେବେ...

କରିବେ ନାହିଁ ବୋଲି ସେ କହିଛନ୍ତି। ନବୀନ କହିଛନ୍ତି ଯେ ଆଜି ବିଏମସିର ଅତିରିକ୍ତ କମିଶନର ତଥା ଅତିରିକ୍ତ ସଚିବ ପାହ୍ୟାର ରତ୍ନାକର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରୁ ଟାଣି ନିଆଯାଇ ଜଣେ ବିଜେପି କର୍ପୋରେଟରଙ୍କ ସମ୍ମୁଖରେ ନିର୍ମମ ମାଡ଼ ମାରିବା ସହ ଲାତ ମାରି ଆକ୍ରମଣ କରାଯାଇଛି। ଏହି କର୍ପୋରେଟର ଜଣକ ଜଣେ ପରାଜିତ ବିଜେପି ବିଧାୟକଙ୍କ ସହ ଜଡ଼ିତ ବୋଲି ଅଭିଯୋଗ ହେଉଛି। ତେବେ ଏହାଠାରୁ ଅଧିକ ଭୟଙ୍କର ଏବି ଚିନ୍ତାଜନକ କଥା ହେଉଛି ଯେ ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଜଣେ ବରିଷ୍ଠ ଅଧିକାରୀ ଯେତେବେଳେ ତାଙ୍କ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣୁଥିଲେ, ସେତେବେଳେ ଏହି ଆକ୍ରମଣ ଘଟିଛି। ଯେଉଁମାନେ ଏହି ଆକ୍ରମଣ କରିଛନ୍ତି କେବଳ ସେମାନଙ୍କ ବିରୋଧରେ ନୁହେଁ; ବରଂ ଏହି ଲଜ୍ଜାଜନକ ଆକ୍ରମଣର ଷଡ଼ଯନ୍ତ୍ର ରଚନା କରିଥିବା ରାଜନୈତିକ ନେତାମାନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଓଏଏସ ଅଫିସର ଶ୍ରୀ ସାହୁ ତାଙ୍କ ଏଫଆଇଆରରେ ଯାହାଙ୍କର ନାମ ଉଲ୍ଲେଖ କରିଛନ୍ତି ସେମାନେ ଅପରାଧୀଙ୍କ ଭଳି ଆଚରଣ କରିଛନ୍ତି। ଯଦି ଜଣେ ବରିଷ୍ଠ ଅଧିକାରୀ ନିଜ କାର୍ଯ୍ୟାଳୟରେ ସୁରକ୍ଷିତ ନୁହଁନ୍ତି, ତେବେ ସାଧାରଣ ନାଗରିକ ସରକାରଙ୍କଠାରୁ କେଉଁ ଆଇନ ଶୃଙ୍ଖଳା ଆଶା କରିବେ ବୋଲି ନବୀନ ଉଦବେଗ ପ୍ରକାଶ କରିଛନ୍ତି।

### ୩୦ ବର୍ଷରେ...

କହିଛନ୍ତି ଯେ ସମସ୍ତଙ୍କ ମନବୋଲ ଭାଙ୍ଗିଯାଇଛି। ଏହା ଦେଖିବା ପରେ ବିତୃଷ୍ଣା ଭାବ ସୃଷ୍ଟି ହୋଇଛି। ଆମେମାନେ ପରିବାରକୁ ଛାଡ଼ି ଲୋକଙ୍କ ପାଇଁ କାମ କରୁଛୁ। ବହୁ ସ୍ଥାନରେ ବହୁ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛି। ହେଲେ ଅଧିକାରୀମାନେ ସବୁବେଳେ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖେ ପହଞ୍ଚାଇବାକୁ କାମ କରୁଛନ୍ତି। ଏପରି ସ୍ଥିତିରେ ଅନେକ ସମୟରେ ସରକାରୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଅନେକ ବର୍ବର କାଣ୍ଡ ଘଟିଯାଉଛି। ଏଭଳି ଘଟଣା ମୁଁ ମୋ ୩୦ ବର୍ଷର ଚାକିରୀକାଳ ଭିତରେ ଦେଖିନାହିଁ। ଏହା ଏକ ଅତ୍ୟନ୍ତ ବର୍ବର କାଣ୍ଡ। ଅସାମାଜିକ ତତ୍ତ୍ୱଙ୍କର ଏହା ସମାଜ ଉପରେ ଏକ ବଡ଼ ଆଘାତ। ଏସବୁ ଦେଖିବା ପରେ ଆଗାମୀ ଦିନରେ ଅନ୍ୟ ସ୍ଥାନରେ କାର୍ଯ୍ୟରତ ଅଧିକାରୀମାନଙ୍କ ସହ ଏପରି ଘଟିଲେ କଣ କରାଯିବ ତାହା ଏବେ ଚିନ୍ତା ବଢ଼ାଇଛି। ଏତେ ଦାୟିତ୍ୱର ସହ କାର୍ଯ୍ୟ କରିବା ପରେ ମଧ୍ୟ ରାଜଧାନୀ ଭୁବନେଶ୍ୱର ଓ ବିଏମସି ଭଳି ଏକ ଅତ୍ୟାଧୁନିକ କାର୍ଯ୍ୟାଳୟରେ ଏଭଳି ବର୍ବରକାଣ୍ଡ ଘଟିଛି। ଏହି ଘଟଣାକୁ ଆମେ ତୀବ୍ର ନିନ୍ଦା କରୁଛୁ। ଏପରି ଘଟଣା ଯେପରି ଆଗକୁ ନ ଘଟେ ସେଥିପାଇଁ ସରକାରଙ୍କ ନିକଟରେ ୩-୪ ଟି ଦାବି ରଖାଯିବ। ମୁଖ୍ୟତଃ ଯେଉଁମାନେ ଏହି ଘଟଣା ଘଟାଇଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରିବା ସହ ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ସହ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟ କରାଇ ନ ଦେବା ଆଦି ସମସ୍ତ ଦଫା ଲଗାଇବା ଉଚିତ। ଏହାସହିତ ଏହି ଘଟଣା ପାଇଁ ଯିଏ ପ୍ରରୋଚନା ଦେଇଛନ୍ତି, ସେ ମଧ୍ୟ ଗିରଫ ହେବା ଦରକାର। ଯେଉଁମାନେ ଏହି ଘଟଣା ଘଟାଇବାକୁ ଆସିଥିଲେ, ସେମାନେ ଯେତିକି ଦାୟି, ଯିଏ ଏହି ଘଟଣା ପଛରେ ରହିଛନ୍ତି ସେମାନେ ଅଧିକ ଦାୟି। ତେଣୁ ସେମାନଙ୍କୁ ଗିରଫ କରି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହାସହିତ ଆଗକୁ କିପରି ଏଭଳି ଘଟଣାର ପୁନରାବୃତ୍ତି ନ ଘଟେ ଏଥିପାଇଁ ଆଗକୁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉ ବୋଲି ସଂଘ ଦାବି କରିଛି। ସବୁ ବେଳେ ସବୁ ଲୋକଙ୍କୁ ନିୟମ ଭିତରେ ସନ୍ତୋଷ କରି ହେବ ନାହିଁ। ତେଣୁ କିଛି ବ୍ୟକ୍ତି ଏଭଳି ଗୁଣ୍ଡାରାଜ୍ କରିବେ ଓ ଅଧିକାରୀମାନଙ୍କୁ କାମ କରାଇ ଦେବେ ନାହିଁ। ତେଣୁ ଅଧିକାରୀଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ଏଭଳି ନ ହେଲେ କିଛି ଅପ୍ରିତିକର ପରିସ୍ଥିତି ପାଇଁ ସରକାର ଆମକୁ ବାଧ୍ୟ ନ କରନ୍ତୁ ବୋଲି ସଂଘ ସଭାପତି କହିଛନ୍ତି। ପ୍ରଥମେ ଆମେ ପରିବାର ଓ ସମାଜ ପାଇଁ ଅଛୁ। ଏଥିପାଇଁ ଆମର ସୁରକ୍ଷା ଦରକାର। ତେଣୁ ରାଜ୍ୟ ସରକାର ଓଏଏସ୍ ଅଧିକାରୀଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଦାବି କରିଛନ୍ତି।


OFFICE OF THE SUPERINTENDING ENGINEER:RWSS DIVISION:BERHAMPUR
Near JaradaBunglow, Pin – 760004, Ph. 0680-2296344
eerwss_bam@nic.in rwssbam@gmail.com
Government of Odisha "e" Procurement Notice
**NATIONAL COMPETITIVE BIDDING**
Bid Identification No. **EERWSSBAM- 06 /2025-26**

The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No of Work (Tender) | 04 Nos. |
| 3 | Estimated cost (Approximate) | From Rs 11.63 Lakhs to Rs 53.72 Lakhs |
| 4 | Period of completion | From 120 to 180 days |
| 5 | Date & Time of availability of bid document in the Portal. | From 02 -07-2025 at11.00 hrs to 13-07-2025 up to 17.00 hrs |
| 6 | Last date & time for seeking clarification | 11-07-2025 up to 17.00 hrs |
| 7 | Dt. of opening of Bid | 14-07-2025 at 11.00 hrs |
| 8 | Last Date / Time for receipt of bids in the Portal | 13-07-2025 up to 17.00 hrs |
| 9 | Name & address of the Officer inviting tender. | Superintending Engineer, RWSS Division, Near Jarada Bunglow, Berhampur-760004, Dist. Ganjam, Odisha. |

Further details can be seen from the e-procurement portal https://tendersorissa.gov.in
Superintending Engineer
RWS&S Division, Berhampur
O-349 OIPR - 25035/11/0021/2526



**WANTED**
ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
6370964966



**DOCUMENT LOST**
I, Sri Priyabrata Sahu, S/o – Brundaban Sahu of village – Singuri, PO – Kadopada, PS – Barkote, Dist – Deogarh, Odisha – 768110 state that I have passed B.Tech Engineering Mechanical Branch from GIET (Gandhi Institute of Excellent Technocrats), Gangapada, Bhubaneswar in the year 2015. The original B.Tech pass certification issued by the concerned authority has been lost near Baramunda market, Bhubaneswar on dt. 29.06.2025 at about 6:00 PM and inspite of thorough search the same could not be traced out.



**AFFIDAVIT**
I **Rajkishore Barik** (61 years), S/o-Late Babaji Barik, residing At-Kachara Sahi, Po- Pachhikote Ps-Korai, Dist- Jajpur, PIN-755019, Odisha declare by this affidavit No- 70AA745859, dated-23/06/2025, that my former name was **Raj Barik** which has been corrected to **Rajkishore Barik.** So **Raj Barik** and **Rajkishore Barik** is one and same person. Henceforth I will be known as **Rajkishore Barik** for all future purposes.
**Rajkishor Barik**



**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914



**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-IN BUILT-BLOCK-475, ତା.23.06.2025ରିଖ
**କାର୍ଯ୍ୟର ନାମ :** ସମ୍ପୂର୍ଣ୍ଣ ବ୍ଲକ୍ (Block) କାର୍ଯ୍ୟ ପ୍ରଣାଳୀ ନିମନ୍ତେ ଅନୁଗୁଳ, ତାଳଚେର ରୋଡ୍ ଏବଂ ବୁଢ଼ାପଙ୍କ ଷ୍ଟେସନର EI ସିଷ୍ଟମରେ ବ୍ଲକ୍ ଉପକରଣ ପରିବର୍ତ୍ତେ ଅନ୍ତର୍ନିର୍ମିତ (In built) ବ୍ଲକ୍‌ର ବ୍ୟବସ୍ଥା।
**ଟେଣ୍ଡର ମୂଲ୍ୟ :** ₹ 1,40,72,511.00, EMD : ₹ 2,20,400/-
ବିଡ୍ ଆରମ୍ଭ ହେବା ତାରିଖ : ତା.01.07.2025ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.15.07.2025ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-298/Q/25-26



**AFFIDAVIT**
I GOVIND AMMA , W/o PURNA CHANDRA ACHARY, resisdent of DHANVI TOWNSHIP, HOUSE NO.2, DONGAGUDA, Po-BARINIPUT, Jeypore, Dist-Koraput, Odisha -764006, Odisha declare by this Affidavit No.2915, Dated - 30/06/2025, that now onwards I shall be known as **GOVINDAMMA ACHARY** for all future purpose.



**AFFIDAVIT**
By virtue of an affidavit sworn before The Notary Public, Rairakhol, no.1569, dated 23/06/2025, I, **Beauty Bagh**, D/o- Subash Bagh resident of Village- Harijanpada, P.O./P.S.-Rairakhol, Dist.- Sambalpur, Pin.-768106, state that, my actual and correct name is **Beauty Bagh** but in my State Bank of India, Rairakhol Branch account my name has been wrongly noted as **Rupeli Bagh**. Hence **Beauty Bagh** and **Rupeli Bagh** is one and same person.



**AFFIDAVIT**
I, Mohammad Sajid Husen, S/o-Mohammad Sabbir resident of Vill-Baddundu, P.O-Baddundu, P.S.-Bahalda, Dist-Mayurbhanj Pin-757046, Odisha, declare by this affidavit No.440374, Dtd-03.04.2025 now onwards I shall be known as **Mohammad Sajid Hussain** for all future purposes.
**Mohammad Sajid Hussain**



**AFFIDAVIT**
By virtue of an affidavit sworn before The Executive Magistrate, Bhawanipatana on dated 30/05/2025, I, **Asutosh Purohit**, father of Shuneyana Purohit (minor) declare that, my daughter have changed her name from **Shuneyana Purohit** to **Sunayana Purohit**. Henceforth, she will be known as **Sunayana Purohit** in all proceeding request to all person to designate and address her such assumed name of **Sunayana Purohit** accordingly.
**Ashutosh Purohit**



**AFFIDAVIT**
By virtue of an affidavit sworn before The Executive Magistrate, Nabarangpur, no.403, dated 22/05/2025, I, **MUNAWAR BEGUM**, W/o- Sheikh Shafeek resident of Danteshwari ward No.20, Jagdalpur, Po/Ps.-Jagdalpur, Dist.- Bastar (C.G.), Pin-494001, state that, the actual and correct name of my husband is **SHEIKH SHAFEEK**. My son's actual and correct name is **SHEIKH SAHIL.** Hence my son will be known as **SHEIKH SAHIL, S/o- SHEIKH SHAFEEK and MUNAWAR BEGUM** (Mother).



**AFFIDAVIT**
By virtue of an affidavit sworn before The Executive Magistrate, Nabarangpur, no.404, dated 22/05/2025, I, **MUNAWAR BEGUM**, W/o- Sheikh Shafeek resident of Danteshwari ward No.20, Jagdalpur, Po/Ps.-Jagdalpur, Dist.- Bastar (C.G.), Pin-494001, state that, the actual and correct name of my husband is **SHEIKH SHAFEEK**. My son's actual and correct name is **SHEIKH SAHIR.** Hence my son will be known as **SHEIKH SAHIR, S/o- SHEIKH SHAFEEK and MUNAWAR BEGUM** (Mother).



**AFFIDAVIT**
By virtue of an affidavit sworn before the Notary Public, Rayagada, no.10685 dtd.30.06.2025, I, Sri Monotosh Mondal, S/o- Sri Golak Mondal resident of Jagannath Mandir Street, near Opposite KNK Rice Mill Rayagada, Po/Ps/Tah/Dist.: Rayagada, Odisha state that, my name is mentioned as **Monotosh Mondal** in my son's Aadhaar Card. In his 10th Migration Certificate my name has been mentioned as **Manotosh Mondal**. Hence **Monotosh Mondal** and **Manotosh Mondal** is one and same person.



**AFFIDAVIT**
By virtue of an affidavit sworn before The Executive Magistrate, Nabarangpur, no.402, dated 22/05/2025, I, **SHAIK SHAKEEL ALI**, S/o- Shaik Amjad Ali, resident of Vill./Po.- Jatabal, Ps.-Dabugam, Dist. Nabarangpur, Odisha, Pin-764071 state that, the actual and correct name of my wife is **GAUSIYA BEGUM**. But in the Birth Certificate of my son **SHAIK NOMAAN ALI** her name has been mentioned as Gousia Bano. Hence **Gousia Bano** and **GAUSIYA BEGUM** is one and same person.



**AFFIDAVIT**
ମୁଁ ସଶି ଶର୍ମା, ବିଧବା - ରାଜୁ ଶର୍ମା, ବସିନ୍ଦା - ବ୍ଲକ୍ ଲିଙ୍କ୍ ରୋଡ୍, କୁଆରମୁଣ୍ଡା, ପୋଷ୍ଟ - କୁଆରମୁଣ୍ଡା, ଥାନା - ବିରମିତ୍ରାପୁର, ଜିଲ୍ଲା - ସୁନ୍ଦରଗଡ଼, ଓଡିଶା, ପିନ୍ - ୭୭୦୦୩୯, ଏହି ଅଫିଡାବିଟ୍ ନଂ A/32 ତାରିଖ 30/05/2025 ଦ୍ୱାରା ଘୋଷଣା କରୁଛି ଯେ ବର୍ତ୍ତମାନରୁ ଆଗକୁ ମୋ ନାମ **ଶଶି ଶର୍ମା** ଭାବରେ ସମସ୍ତ କାର୍ଯ୍ୟପାଇଁ ବ୍ୟବହୃତ ହେବ।

# ତଳମୁଣ୍ଡରେ ଉଛୁଳୁଛି ବୈତରଣୀ ଓ ସାଳନ୍ଦୀ



● ମଇଁଶିଆ ଦଳ ଭାସି ଆସିଲା
● ତିନିତର ନଦୀଘାଟରେ ପରିବହନ ବନ୍ଦ

**ଭଦ୍ରକ/ଆରଡି, ୩୦।୬(ସମିସ)**

ଗତ ୩ଦିନ ଧରି ଲଗାଣ ବର୍ଷା ପ୍ରଭାବରେ ତଳମୁଣ୍ଡରେ ଅର୍ଥାତ ଆରଡ଼ିର ତଳିଆ ଅଞ୍ଚଳରେ ଉଛୁଳିବାରେ ଲାଗିଛି ବୈତରଣୀ ଓ ସାଳନ୍ଦୀ ନଦୀ। ନଦୀ ଉଛୁଳିଥିଲେ ମଧ୍ୟ ବନ୍ୟା ଆଶଙ୍କା ନାହିଁ। ହେଲେ ତଳିଆ ଜମି ସବୁ ଜଳାର୍ଣ୍ଣବ ହୋଇପଡ଼ିଛି। ଅନ୍ୟପକ୍ଷରେ ମୌସୁମୀ ଓ ଲଘୁଚାପ ପ୍ରଭାବରେ ପୂର୍ବାଳି ପବନ ଯୋଗୁଁ ସମୁଦ୍ର ଅଶାନ୍ତ ହୋଇପଡ଼ିଥିବାରୁ ଧାମାରା ମୁହାଣ ନିକଟରୁ ଉଠୁଛି ଉଚ୍ଚ ଜୁଆର। ଯାହାଫଳରେ ଉଭୟ ବର୍ଷା ଓ ଜୁଆରପାଣିରେ ଫୁଲିବାରେ ଲାଗିଛି ବୈତରଣୀ ଓ ସାଳନ୍ଦୀ ନଦୀ। ଏପରିକି ଉପରମୁଣ୍ଡରେ ସାଳନ୍ଦୀ ନଦୀରେ ଭର୍ତ୍ତି ହୋଇ ରହିଥିବା ମଇଁଶିଆ ଦଳ ଭାସି ଆସିବାରୁ ଆରଡ଼ି ତିନିତର ନଦୀଘାଟରେ ଜମାଟ ବାନ୍ଧିବାରୁ ଯାତ୍ରୀ ପରିବହନ ବାଧାପ୍ରାପ୍ତ ହୋଇଥିଲା। ଦଳ ଏପରି ଭର୍ତ୍ତି ହୋଇଥିଲା ମୋଟର ଚାଳିତ ବୋଟ ଯାତାୟତ ସମ୍ଭବପର ହୋଇନଥିଲା। ଫଳରେ ନଦୀର ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ ଶହଶହ ଯାତ୍ରୀ। ବିଶେଷକରି ସୋମବାର ଥିବାରୁ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସିଥିବା ବହୁ ଶ୍ରଦ୍ଧାଳୁଭକ୍ତ ମଧ୍ୟ ତିନିତର ଘାଟ ନିକଟରେ ଦୀର୍ଘ ସମୟ ଧରି ଅଟକି ରହିଥିବା ଦେଖିବାକୁ ମିଳିଥିଲା।

# ବୈତରଣୀରେ ଜଳସ୍ତର ବୃଦ୍ଧି



**ବାରିକପୁର, ୩୦।୬ (ସମିସ):** ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୁଇ ତିନି ଦିନ ଧରି ଲଘୁଚାପ ଜନିତ ବର୍ଷା ଜାରି ରହିଛି। ଯଦିଓ ସେଭଳି ବଡ଼ଧରଣର ବର୍ଷା ହୋଇନାହିଁ ତଥାପି ଝିପିଝିପି ବର୍ଷା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ସାମାନ୍ୟ ଜଳସ୍ତର ବୃଦ୍ଧି ପାଇଥିବା ଜଣାପଡ଼ିଛି। ସ୍ଥାନୀୟ ଓ ବର୍ଷା ପରିମାଣକୁ ଛାଡି ନଦୀର ଉପରମୁଣ୍ଡରେ କିଛି ବର୍ଷା ହୋଇଥିବା କାରଣରୁ ଜଳ ସ୍ତର ବୃଦ୍ଧି ଘଟିଛି। କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଠାରେ ସର୍ବାଧିକ ୪୧ ଓ ସ୍ୱାମପାଟଣା ଠାରେ ୩୧ ମିମି ବର୍ଷା ହୋଇଥିବା ସରକାରୀ ଭାବେ ରେକର୍ଡ କରାଯାଇଛି। ତେଣୁ ବୈତରଣୀ ଆଖୁଆପଦା ଆନିକଟ ଠାରେ ଆଜି ଦିନ ତମାମ ଜଳସ୍ତର ବୃଦ୍ଧି ଘଟି ସନ୍ଧ୍ୟା ୭ଟା ସୁଦ୍ଧା ୧୭.୭୦ ମିଟରରେ ପହଞ୍ଚିଛି। ଅଦ୍ୟାବଧି ଯେତିକି ବର୍ଷା ହୋଇଛି। ଏହା ଦ୍ୱାରା ବନ୍ୟା ଆଶଙ୍କା ନାହିଁ ବୋଲି ଜଣାଯାଇଛି। ସୂଚିତ ଆନିକଟ ଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ରହିଥିବା ବେଳେ ବିପଦ ସଂକେତ ରହିଛି ୧୮.୩୩ମିଟର। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଯଦି ୨୪ ଘଣ୍ଟା ମଧ୍ୟରେ ବର୍ଷା ହୁଏ ତାହେଲେ ବନ୍ୟା ସମ୍ପର୍କରେ ସଠିକ୍ ଚିତ୍ର ଜଣାପଡ଼ିବ।

# ସାଳନ୍ଦୀ ଗତିପଥକୁ ନେଇ ଚିନ୍ତାରେ ଗ୍ରାମବାସୀ



**ବନ୍ତ/ଆଗରପଡ଼ା, ୩୦।୬(ସମିସ):** ଗତ କିଛି ଦିନ ହେଲା ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେବାରୁ ସାଳନ୍ଦୀ ନଦୀ ପାଣି କ୍ରମଶଃ ଫୁଲି ଗ୍ରାମାଭିମୁଖି ହେଉଥିବାରୁ ନଦୀକୂଳିଆ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ସାଳନ୍ଦୀ ନଦୀ ବନ୍ତ ବ୍ଲକର ଆଗରପଡ଼ା ଦେଇ ବହି ଯାଇଥିବା ବେଳେ ଏହାର ଶାଖା ପ୍ରଶାଖା ନଦୀ ଗୁଡ଼ିକ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାକୁ ପ୍ରବାହିତ ହୋଇଛି। ଏହି ନଦୀରେ କେନ୍ଦୁଝର ଜିଲ୍ଲା ହଦଗଡ଼ ଠାରେ ଏକ ଡ୍ୟାମ ପ୍ରତିଷ୍ଠା କରାଯାଇଛି। ଏଥିରେ ଜଳନିୟନ୍ତ୍ରିତ ହେବା ସହ ଏହି ଜଳକୁ ବିଭିନ୍ନ କେନାଲ ମାଧ୍ୟମରେ ଛଡାଯିବା ଫଳରେ ୩ ଗୋଟି ଜିଲ୍ଲାର ଚାଷୀ ଉପକୃତ ହେଉଛନ୍ତି।

ତେବେ ଗତ କିଛି ବର୍ଷ ହେଲା ନଦୀକୂଳରେ ଶତାଧିକ ବେଆଇନ ଇଟାଭାଟି ଚାଲିଥିବାରୁ ନଦୀ ପଠାରୁ ମାଟି ଖନନ କରାଯାଉଛି। ଫଳରେ ନଦୀର କୂଳ ଖାଇ ଏହାର ଗତି ପଥରେ ପରିବର୍ତ୍ତନ ଦେଖାଦେଇଛି। ଆଗରପଡ଼ା ଥାନା ଗୋପିନାଥପୁର, ମହାନ୍ତିପଡ଼ା, ଚାରିଗାଁ ଏବଂ ଅଣିଜୋ ଆଦି ପଞ୍ଚାୟତ ଅନ୍ତର୍ଗତ ସାଳନ୍ଦୀ ନଦୀରୁ ଦୀର୍ଘ ଦିନ ଧରି ବେନିୟମ ଭାବେ ମାଫିଆମାନେ ବାଲି ଖୋଳି ନେଉଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଘାଟ ଗୁଡ଼ିକୁ ୨୦୨୦ରେ ନିଲାମ କରାଯାଇଥିଲା। ଏହା ପରେ ମଧ୍ୟ ବେଆଇନ୍ ଭାବେ ବାଲି ଖୋଳା ଚାଲିଛି। ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କିଛି ସୁଫଳ ମିଳିପାରୁ ନାହିଁ। ପ୍ରତିଦିନ ଏହି ପରି ବେଧଡ଼କ ବାଲି ଖୋଳାଯାଉଥିବାରୁ ନଦୀର ଗତି ପଥ ପରିବର୍ତ୍ତନ ଘଟୁଛି। ଯାହାକି ପୂର୍ବ ବର୍ଷ ପରି ସାମାନ୍ୟ ବର୍ଷା ହେଲେ ନଦୀ ବଢ଼ି ପାଣି ଗାଁ ମଧ୍ୟକୁ ପଶିଆସି ଲୋକ ମାନଙ୍କର ବ୍ୟାପକ କ୍ଷତି ପହଞ୍ଚାଇବା ଆଶଙ୍କା ସୃଷ୍ଟି କରିଛି। ସାଳନ୍ଦୀ ନଦୀର ପାର୍ଶ୍ୱରେ ଥିବା କାଣ୍ଡବା, ସାହୁପଡ଼ା, ଶ୍ରୀରାମପୁର, ଅମରସିଂହପୁର, ଚାରିଗାଁ, ଚକ୍ରାପାଡ଼ୀ, ଅଣିଜୋ, ଇଟୁଆ, ବିରିଡିହି ଆଦି ଗ୍ରାମଗୁଡିକରେ ଅବାଧ ବାଲି ଖନନ ଯୋଗୁଁ ଆଗକୁ ସାଳନ୍ଦୀ ନଦୀରେ ଲୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି।

## ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଅବସର ସମ୍ବର୍ଦ୍ଧନା



**ବାସୁଦେବପୁର, ୩୦।୬(ସମିସ):** ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁମୋହନ ମୋହନ ସ୍ୱାଇଁଙ୍କର ଆଜି ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାର ପ୍ରାଧ୍ୟାପକ ଗିରିଶ ଚନ୍ଦ୍ର ପୁଥାଳ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ବିଜୟ କୁମାର ଅଗସ୍ତୀ ଆୟୋଜିତ ସଭାର ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଅଧ୍ୟାପିକାଙ୍କ ପକ୍ଷରୁ ବିଦାୟୀ ଅଧ୍ୟକ୍ଷାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପିକା ସ୍ୱର୍ଣ୍ଣଲତା ନାୟକ, ଅଧ୍ୟାପକ ବିପ୍ଳବ ଯେନା ପ୍ରମୁଖ ଉଦବୋଧନ ଦେଇଥିବା ବେଳେ ଅଧ୍ୟାପିକା ସୁଜାତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀମାନେ ବିଦାୟୀ ଅଧ୍ୟକ୍ଷ ଶ୍ରୀସ୍ୱାଇଁଙ୍କୁ ଏକ କାର୍ ଯୋଗେ ତାଙ୍କ ବାସଭବନରେ ଛାଡି ଆସିଥିଲେ।

## ବଦଳି ଆଦେଶକୁ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ବେଖାତିର

**ଭଦ୍ରକ, ୩୦।୬(ସମିସ):** ଭଦ୍ରକ ଜିଲ୍ଲା ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ପରିଦର୍ଶକ ଭାବେ ଦୀର୍ଘବର୍ଷ ହେବ କାର୍ଯ୍ୟରତ ଅଧିକାରୀ ଭଦ୍ରକ ଜିଲ୍ଲାରୁ ଯାଜପୁର ଜିଲ୍ଲାକୁ ବଦଳି ଆଦେଶ ହୋଇଥିଲେ ମଧ୍ୟ ଏବେ ସୁଦ୍ଧା ସେ ନିଜ ସ୍ଥାନ ଛାଡ଼ିବାକୁ ନାରାଜ। ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ତାଙ୍କ ଡେପୁଟେସନ୍ ବାତିଲି ଆଦେଶ କରାଯାଇ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ରିଲିଫ୍ ଅର୍ଡ଼ର ୫୬୫ ତା. ୨୫-୬-୨୫ରିଖରେ ହେବା ସତ୍ତ୍ୱେ ସେ କାହା ନିର୍ଦ୍ଦେଶନାମାରେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଅଛନ୍ତି। କେଉଁ ଉଦ୍ଦେଶ୍ୟରେ ସେ ସେଠାରେ ରହିବାକୁ ଚାହୁଁଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଆଦେଶକୁ ବେଖାତିରି କରିବା କାହାର ବାହୁ ଛାୟାଛତ୍ରରେ ରହି ଏଭଳି ସାହାସ କରିପାରୁଛନ୍ତି। ଏହିଭଳି ଏକ ଅନିୟମିତତା ହେବା ଫଳରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷର ବଢ଼ିବାରେ ଲାଗିଛି।

## ସମ୍ଭାବନା ପକ୍ଷରୁ ସାହିତ୍ୟ ଆସର

**ଭଦ୍ରକ, ୩୦।୬(ସମିସ):** ରବିବାର ସମ୍ଭାବନା ସାହିତ୍ୟ ସଂସଦ ତାର ୨ୟ ମାସିକ ଶେଷ ରବିବାର ସାହିତ୍ୟ ଆସର ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆସରକୁ ଗାଳ୍ପିକ ତଥା ଶିକ୍ଷାବିତ ପବିତ୍ର ପାଣିଗ୍ରାହୀ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ସାହିତ୍ୟିକ ଇଂ.ଅଭୟ ସୂତାର, ସମୀକ୍ଷକ ଭାବେ ଅଧ୍ୟାପକ ଡ ବିଶ୍ୱରଞ୍ଜନ ଦାସ ଯୋଗଦେଇଥିଲେ। ବିଳାସିନୀ ମହୁରୀ ଓ ସସ୍ମିତା ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ଭାବନାର କାର୍ଯ୍ୟକାରୀ ସମ୍ପାଦକ ଅରୂପାନନ୍ଦ ନାୟକ ସ୍ୱାଗତ ଭାଷଣ, ସମ୍ପାଦକ ରୁତୁରାଜ ଅକ୍ଷୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୂଜ୍ୟପୂଜା ସଂସଦ ସମ୍ପାଦକ ରୂପକବିହାରୀ ରାୟ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟଙ୍ଗ କବି ବିଜୟ ବହଳି, କବି ବିଜୟ ଜେନା, ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, ସମ୍ଭାବନା କଳାସମ୍ପାଦକ ଚୂଡ଼ାମଣି ଦାସ, ସାହିତ୍ୟ ଏକାଡେମୀ ସଦସ୍ୟ ଭରତଚନ୍ଦ୍ର ଦାସ ଏ ଆସର ସହଯୋଗ କରିଥିଲେ। ନୂତନ ସଦସ୍ୟ ଭାବେ ସାମ୍ବାଦିକ ଜ୍ଞାନ ପାଣି ସହଯୋଗ କରିଥିଲେ।

## 'ଭାଇବ୍ରାଣ୍ଟ ଧାମନଗର' ଏକ ଫେକ୍ ଆଇଡି ନୁହେଁ

**ଭୁବନେଶ୍ୱର, ୩୦।୬ (ସମିସ):** ଦୈନିକ 'ସକାଳ'ରେ ଗତ ୨୭ ତାରିଖ ଭଦ୍ରକ ସଂସ୍କରଣରେ ପ୍ରକାଶିତ ଖବର 'ଧାମନଗରରେ ବହୁ ଫେକ୍ ଆଇଡି ସକ୍ରିୟ; ମାଷ୍ଟର ମାଇଣ୍ଡକୁ ଚିହ୍ନଟ ଦାବି କଲା ବିଜେଡି' ଶୀର୍ଷକରେ କେତୋଟି ସୋସିଆଲ୍ ମିଡିଆ ଆଇଡିର ନାମ ପ୍ରକାଶ ପାଇଥିଲା। ଏଥିରେ ଥିବା ସମସ୍ତ ସୋସିଆଲ୍ ମିଡିଆ ଆଇଡିର ନାମ ବିଜେଡି ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁସାରେ ଲେଖାଯାଇଥିଲା। ତେବେ ଏଥିରେ ଥିବା 'ଭାଇବ୍ରାଣ୍ଟ ଧାମନଗର' ଆଇଡିର ଆଡ୍‌ମିନ୍ ମନୋଜ କୁମାର ଦାସ ଏହାର ପ୍ରତିବାଦ କରିଛନ୍ତି। ତାଙ୍କ ସୋସିଆଲ୍ ମିଡିଆ ଆଇଡି ଫେକ୍ ନୁହେଁ, ଓରିଜିନାଲ୍ ବୋଲି ସେ ତାଙ୍କ ସ୍ପଷ୍ଟୀକରଣରେ ସୂଚନା ଦେଇଛନ୍ତି। ଏହି ଫେସବୁକ୍ ଆଇଡିଟି ମନିଟାଇଜ୍ ହୋଇଛି। ଏଥିଲାଗି ଆଧାର କାର୍ଡ, ପାନ୍ କାଡ, ଆକାଉଣ୍ଟ ନମ୍ବର, ମୋବାଇଲ୍ ନମ୍ବର ମଧ୍ୟ ଆଇଡି ସହିତ ସଂଯୋଗ ହୋଇଛି। ତା' ସହ ବାୟୋମେଟ୍ରିକ ଭେରିଫିକେସନ ମଧ୍ୟ କରାଯାଇଛି। ତେଣୁ ଏ ଆଇଡିଟି ସମ୍ପୂର୍ଣ୍ଣ ଭାବେ ଓରିଜିନାଲ୍ ବୋଲି ସେ କହିଛନ୍ତି।

## ଚୋରା ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ଯୁବ ଗୋଷ୍ଠୀ

**ଭଣ୍ଡାରିପୋଖରୀ/ବାରିକପୁର, ୩୦।୬ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ଗହଳିରେ ଚୋରା ମଦ ବ୍ୟବସାୟ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଏହାକୁ ରୋକିବାରେ ବିଫଳ ହୋଇଛି। ତେଣୁ ଗ୍ରାମବାସୀଙ୍କ ଦ୍ୱାରା ଚୋରା ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନା ମୁତାବକ ବ୍ଲକ ର ପାଟୁଳି ଗାଁରେ ଚୋରା ନିଶା କାରବାର ବୃଦ୍ଧି ପାଉଛି। ୬ ଗୋଟି ୱାର୍ଡ ବିଶିଷ୍ଟ ଗାଁର ୬ ଗୋଟି ସ୍ଥାନରେ ବେଆଇନ ଭାବେ ମଦ ଓ ଗଞ୍ଜେଇ ବିକ୍ରି ହେଉଛି। ସଞ୍ଜ ହେଲେ ଗାଁ ଛକ ଠାରୁ ତାରିଣୀ ମନ୍ଦିର ଓ ପଞ୍ଚାୟତ କାର୍ଯ୍ୟାଳୟ ଯାଏଁ ନିଶାଗ୍ରସ୍ତଙ୍କ ଭିଡ ଜମୁଛି। ରାସ୍ତାରେ ଗାଁ ଝିଅ ବୋହୂମାନେ ଯିବାକୁ କୁଣ୍ଠାବୋଧ କରୁଛନ୍ତି। ହାତ ପାହାନ୍ତାରେ ମଦ ଓ ଗଞ୍ଜେଇ ମିଳୁଥିବା ହେତୁ କଲେଜ ପଢୁଆ ପିଲାଙ୍କ ଠାରୁ ଆରମ୍ଭ କରି ନବ ଯୁବକମାନେ ଏଥିରେ ବେଶି ଆଶକ୍ତ ହୋଇ ନିଶା ସେବନ କରୁଛନ୍ତି। ପ୍ରତ୍ୟେକ ଦିନ ଗାଁରେ କିଛି ନା କିଛି ଗଣ୍ଡଗୋଳ ଓ ପାଟିତୁଣ୍ଡ ହେଉଛି। ଅବକାରୀ ବିଭାଗ ଓ ଥାନା ସବୁ ଜାଣି ସୁଦ୍ଧା ଚୋରା ବେପାରୀମାନଙ୍କ ଉପରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେଣୁ ପରିଶେଷରେ ଗ୍ରାମର କିଛି ଯୁବକ ବେଆଇନ ମଦ କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ଏନେଇ ତାରିଣୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚୋରା ବ୍ୟବସାୟୀ ମାନଙ୍କୁ ମଦ ଓ ଗଞ୍ଜେଇ ବେପାର ନକରିବା ପାଇଁ ଚେତାବନୀ ଦିଆଯାଇଛି। ପ୍ରଶାସନକୁ ମଧ୍ୟ ଏହା ଉପରେ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏହାସତ୍ତ୍ୱେ ଯଦି ଚୋରା ନିଶା କାରବାର ବନ୍ଦ ନହୁଏ ତାହେଲେ ଛୁଆପିଲା ଙ୍କୁ ଧରି ଗ୍ରାମବାସୀ ମାନେ ଥାନା ଠାରୁ ଆରମ୍ଭ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ସବୁଠି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆୟୋଜିତ ବୈଠକରେ ଗ୍ରାମର ବିପିନି ବିହାରୀ ଦାସ, ବିଚିତ୍ରାନନ୍ଦ ଦେ, ରାଜେନ୍ଦ୍ର ପଣ୍ଡା, ପ୍ରଶାନ୍ତ ଜେନା, ବଳଭଦ୍ର ପଣ୍ଡା, କୈଳାସ ଚନ୍ଦ୍ର ମଳିକ, ଯୋଗେନ୍ଦ୍ର ମଲ୍ଲିକ, ଦିବାକର ସାହୁ, କୈଳାସ ଜେନା, କମଳାକାନ୍ତ ପଣ୍ଡା, ଅଜିତ ଦତ, ଅକ୍ଷୟ ପାଲ, ନିରାକାର ଜେନା ପ୍ରମୁଖ ଉପସ୍ଥିତ ରହି ଗାଁରେ ସମ୍ପୂର୍ଣ୍ଣ ମଦ ନିଷିଦ୍ଧ ପାଇଁ ବିଭିନ୍ନ ଆଲୋଚନା କରି ଶପଥ ଗ୍ରହଣ କରିଛନ୍ତି।

## ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ୫୩୮ ବର୍ଷ ତଳର କନ୍ଥାବସ୍ତ୍ର ପ୍ରଦର୍ଶନ



**ଭଦ୍ରକ, ୩୦।୬(ସମିସ):** ଭଦ୍ରକ ସହରର ସର୍ବପୁରାତନ ବୈଷ୍ଣବ ପୀଠ ସନ୍ଥିଆ (ସନ୍ଥନଗର)ସ୍ଥିତ ଶ୍ରୀ ଶ୍ରୀ ରାଧାମୋହନ ମନ୍ଦିରରେ ଆଷାଢ଼ ଶୁକ୍ଳ ପଞ୍ଚମୀ ତିଥିରେ ଐତିହାସିକ ୫୩୮ ବର୍ଷ ତଳର ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଦିବ୍ୟ ଅଙ୍ଗଲାଗି କନ୍ଥାବସ୍ତ୍ର ପ୍ରଦର୍ଶନ ତଥା ଶ୍ରୀରାଧାମଦନମୋହନ ଜୀଉଙ୍କର ପ୍ରତିଷ୍ଠାତା ସାର୍ବଭୌମ ଶ୍ରୀ ଗଙ୍ଗା ନାରାୟଣ ବିଦ୍ୟା ବାରିଷ୍ଠିଙ୍କ ତିରୋଧାନ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ୫ଟାରେ ମଙ୍ଗଳ ଆରତି ପରେ ଶ୍ରୀବିଗ୍ରହଙ୍କ ବିଶେଷ ପୂଜା କରାଯାଇ ଶ୍ରୀଲି ରଙ୍ଗନାରାୟଣଙ୍କ ଉଦ୍ଦେଶ୍ୟରେ ଶ୍ରୀଜୀଉଙ୍କ ତରଫରୁ ଗୋସ୍ୱାମୀ ପରିବାର ଦେବକୁମାର ଗୋସ୍ୱାମୀ ଦ୍ୱାରା ଓ ମନ୍ଦିରର କୁଳ ପୁରୋହିତ କେଦାର ଭଟ୍ଟାଚାର୍ଯ୍ୟଙ୍କ ପୌରୋହିତ୍ୟରେ ଶ୍ରାଦ୍ଧଉତ୍ସବ ସମ୍ପାଦିତ ହୋଇଥିଲା। ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଫଳମୂଳ ନୈବେଦ୍ୟ ମଧ୍ୟ ଅର୍ପଣ କରାଯାଇଥିଲା। ପରେ ମନ୍ଦିରର ମହନ୍ତ ମହାରାଜ ତଥା ଗ୍ରାମର ବରିଷ୍ଠ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରୀମନ୍ ମହାପ୍ରଭୁଙ୍କ ଲୀଳା କୀର୍ତନ ପରିବେଶିତ ହୋଇଥିଲା। ମନ୍ଦିରର ମହନ୍ତ ଆଶୀଷ ଦେବ ଗୋସ୍ୱାମୀ ଉକ୍ତ ମହୋତ୍ସବ ତଥା ମଦନ ମୋହନଙ୍କ ମହନୀୟତା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ ପରେ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ଭକ୍ତମାନେ କନ୍ଥା ଦର୍ଶନ କରିବା ସହ ପ୍ରସାଦ ସେବନ କରି ନିଜକୁ କୃତାର୍ଥ ମଣିଥିଲେ।

## ତିହିଡ଼ିରେ ଜିଲ୍ଲାସ୍ତରୀୟ ଜନଶୁଣାଣି



**ତିହିଡ଼ି, ୩୦।୬(ସମିସ):** ଭଦ୍ରକ ଜିଲ୍ଲା ତିହିଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସହିତ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ, ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତି ଦାସ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିର ରଞ୍ଜନ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ବିଡିଓ ନିରଞ୍ଜନ ବାରିକ, ତହସିଲଦାର ଜୟଦର୍ଥ ଆଚାର୍ଯ୍ୟ, ଡେପୁଟି କଲେକ୍ଟର ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଅନ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ମାନ ନେଇଥିଲେ। ଆଜିର ଏହି ଜନଶୁଣାଣି ଶିବିରରେ ମୋଟ ୧୨୧ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୦୦ଟି ବ୍ୟକ୍ତିଗତ ଥିଲାବେଳେ, ୧୮ଟି ସାମୂହିକ ଥିଲା। ରେଡକ୍ରସରୁ ଦୁଇ ଜଣଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ଭଦ୍ରକରେ ବିଶ୍ୱ କର୍ତ୍ତବ୍ୟ ଦିବସ ପାଳିତ



**ଭଦ୍ରକ, ୩୦।୬(ସମିସ):** ଏଲଖା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ କର୍ତ୍ତବ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ଡ. ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ କୃଷିକବି ଇଂ.ଅରୁଣ ପାତ୍ର, ସମ୍ମାନିତ ଅତିଥି ଭାବରେ ସମାଜସେବୀ ଜଗନ୍ନାଥ କର, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ସାମଲ ଯୋଗଦେଇଥିଲେ। ଉକ୍ତ ଦିବସର ପ୍ରତିଷ୍ଠାତା ପରିବେଶବିତ ତଥା ମାନବାଧିକାର କର୍ମୀ ସ୍ୱର୍ଗତ ରାଧାକାନ୍ତ ତ୍ରିପାଠୀଙ୍କର ବହୁମୁଖୀ କାର୍ଯ୍ୟାବଳି ମଧ୍ୟରୁ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ସମଗ୍ର ମାନବ ସମାଜ ନିଜର ଅଧିକାର ପ୍ରତି ଯେତେ ସଚେତନ କର୍ତବ୍ୟ ପ୍ରତି ସେତେ ଯତ୍ନଶୀଳ ନୁହେଁ ବୋଲି ବିବିଧ ଉଦାହରଣ, ଗଳ୍ପ ଦ୍ୱାରା ସମବେତ ଜନତାଙ୍କୁ ସମ୍ବୋଧିତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ସେଠୀ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଭାପତି ରମେଶ ଜେନା, ସଦସ୍ୟ ମଦନ ମୋହନ ଜେନା, ତ୍ରିଲୋଚନ ବେହେରା, ନିଖିତ୍ କାଦ୍ରି, ବୁଟର୍ ନିଶା, କାଉନ୍‌ସିଲର ଅଞ୍ଜନଜେନା ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ର ଯଶୋଦା ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ପକ୍ଷରୁ ବୃକ୍ଷରୋପଣ



**ଦୋବଲ, ୩୦।୬(ସମିସ):** ଦୋବଲ ନିକଟସ୍ଥ ଦିହୁଡି ଆନନ୍ଦପୁର ପଞ୍ଚାୟତ ସ୍ଥିତ ଜଗନ୍ନାଥ ହାଇସ୍କୁଲ ପରିସରରେ ବିଶିଷ୍ଟ ଶିକ୍ଷାବିତ୍ ରାମଚନ୍ଦ୍ର ଦାଶ ସ୍ମୃତିସଂସଦ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସ୍ମୃତି ସଂସଦର ସମ୍ପାଦକ ବୃନ୍ଦାବନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିତ ତ୍ରିଲୋଚନ ବେହେରା, ଗିରିଶ ଚନ୍ଦ୍ର ମହାନ୍ତି ଓ ହୃଦାନନ୍ଦ କର, ଅଧ୍ୟାପକ ହିମାଂଶୁ ଦାଶ, ସମାଜସେବୀ ନାରାୟଣ ଚନ୍ଦ୍ର ଦାସ, ମଦନମୋହନ ପାଣିଗ୍ରାହୀ, ସାମ୍ବାଦିକ ମଦନ ମୋହନ ଦାସ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ମଦ ଜବତ, ୨ ଗିରଫ

**ବାରିକପୁର, ୩୦।୬(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୨ଗୋଟି ସ୍ଥାନରୁ ବେଆଇନ ମଦ ଜବତ ହୋଇଛି। ସୂଚନା ମୁତାବକ ଥାନା ଅଧିନ ମଞ୍ଜୁରୀ ରୋଡ ଫାଣ୍ଡି ଅଞ୍ଚଳ ବଡ ସାଶନ ଠାରୁ ୮ ଲିଟର ଆସ୍କା ଫର୍ଟି ମଦ ଜବତ କରାଯାଇଛି। ଏହାଛଡା ଚୋରା ବ୍ୟବସାୟୀ ଜଣଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ସେହିଭଳି ସଦର ଅଞ୍ଚଳରୁ ମଧ୍ୟ ଚୋରା ମଦ ଜବତ ହୋଇଥିବା ବେଳେ ବିକ୍ରେତାଙ୍କୁ ମଧ୍ୟ ଗିରଫ କରା ଯାଇଛି। ଏନେଇ ଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଜେଲ୍

ଯାଜପୁର,୩୦।୬(ସମିସ)

ଯାଜପୁର ଥାନା ଅଞ୍ଚଳର ଜନୈକା କଲେଜ ପଢୁଥିବା ୧୬ ବର୍ଷୀୟା ନାବାଳିକାକୁ ବାରମ୍ବାର ଦୁଷ୍କର୍ମ କରିଥିବା ଘଟଣାରେ ସୋମବାର ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍।

ବିବରଣୀରୁ ପ୍ରକାଶ, ଯାଜପୁର ଥାନା ଅଞ୍ଚଳର ଜନୈକା ୧୬ ବର୍ଷୀୟା କଲେଜ ପଢୁଥିବା +୨ ଛାତ୍ରୀ ତା' ମାମୁ ଘରେ ରହି ଏକ ସାଇକଲ ଯୋଗେ କଲେଜକୁ ଯିବା ଆସିବା କରେ। ଯାଜପୁର ଥାନା ଅଞ୍ଚଳର ଦେବୀଦ୍ୱାରା ଗ୍ରାମର କୃଷ୍ଣଚନ୍ଦ୍ର ବିଶୋଇଙ୍କ ପୁଅ ଦୀନବନ୍ଧୁ ବିଶୋଇ ଓରଫ ଜଡ଼ା (୩୧) ନାବାଳିକାକୁ ଏକତରଫା ପ୍ରେମ କରି ରାସ୍ତାରେ କଲେଜ ଯାଉଥିବା ବିଭିନ୍ନ ସମୟରେ ବାରମ୍ବାର ପ୍ରେମ ନିବେଦନ କରିଆସୁଥିଲା। ତେବେ ଦିନେ ନାବାଳିକା କଲେଜରୁ ଘରକୁ ଫେରୁଥିବା ସମୟରେ ଘୁଷୁରିଆ ସାହି ପୋଲ ନିକଟରେ ଛାତ୍ରୀ ଜଣକୁ ଅଟକାଇ ସେଠାରେ ଥିବା ଏକ ଜଙ୍ଗଲିଆ ସ୍ଥାନକୁ ଅଭିଯୁକ୍ତ ଦିନବନ୍ଧୁ ବିଶୋଇ ନେଇ ଯାଇଥିଲା। ସେହି ସ୍ଥାନରେ ଅଭିଯୁକ୍ତ ନାବାଳିକାକୁ ଜୋର ଜବରଦସ୍ତ ଦୁଷ୍କର୍ମ କରି ତାକୁ ଅଚେତ କରିଦେଇଥିଲା। ଏହି ଅଚେତ ଅବସ୍ଥାରେ ଅଭିଯୁକ୍ତ ନାବାଳିକାର ଅଶ୍ଳୀଳ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲା। ନାବାଳିକାର ସଂଜ୍ଞା ଆସିଲା ପରେ ଏହି ଘଟଣାକୁ କେଉଁଠାରେ ପ୍ରକାଶ ନ କରିବା ପାଇଁ ଧମକ ଦେଇ ଅଶ୍ଳୀଳ ଫଟୋ ଓ ଭିଡିଓ ଦେଖାଇ କହିଥିଲା ଯଦି ଏହି ଘଟଣା କାହାକୁ ପ୍ରକାଶ କରେ ତା'ହେଲେ ସେ ସୋସିଆଲ ମିଡିଆରେ ଭାଇରାଲ କରିଦେବ। ଏହି ଫଟୋ ଓ ଭିଡିଓ ଭାଇରାଲ କରିଦେବାର ଭୟ ଦେଖାଇ ଅଭିଯୁକ୍ତ ଜଣକ ନାବାଳିକା ସହ ୫ଥର ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲା। ଏହି ଭୟରେ ନାବାଳିକା ଜଣକ କଲେଜରୁ ଯିବା ଆସିବା ବନ୍ଦ କରି ଏକ ମେସ୍‌ରେ ରହି ପାଠ ପଢୁଥିଲା। ମାତ୍ର ଗତ ୨୦୨୪ ମସିହା ଅଗଷ୍ଟ ୮ ତାରିଖ ଦିନ କଲେଜରୁ ମେସ୍‌କୁ ଫେରୁଥିବା ବାଟରେ ଛାତ୍ରୀକୁ ଅଟକାଇ ଅଭିଯୁକ୍ତ ତା' ସହ ଏକ ଲଜ ଯିବା ପାଇଁ ତାକୁ ପ୍ରସ୍ତାବ ଦେଇଥିଲା। ଛାତ୍ରୀ ଜଣକ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାରୁ ଅଭିଯୁକ୍ତ ତାକୁ ମାଡ଼ ମାରିବା ସହ ନାବାଳିକାର ବାପା ପାଖକୁ ଝିଅର ସମସ୍ତ ଅଶ୍ଳୀଳ ଫଟୋ ଏବଂ ଭିଡିଓକୁ ପଠାଇ ଦେଇଥିଲା। ଏହାକୁ ପାଇବା ପରେ ନାବାଳିକାର ବାପା ଯାଜପୁର ଟାଉନ ଥାନାରେ ସେହିଦିନ ଏକ ଲିଖିତ ଏତଲା କରିଥିଲା। ଏହି ଲିଖିତ ଏତଲାକୁ ଭିତ୍ତି କରି ଟାଉନ ଥାନାଧିକାରୀ ଯାଜପୁର ଟାଉନ ଥାନା କେଶ ନଂ. ୩୩୨/୨୪ ମୁତାବକ ଏକ କେଶ ରୁଜୁ କରି ସବଇନ୍ସପେକ୍ଟର ସଂଯୁକ୍ତା ବେହେରାଙ୍କୁ ତଦନ୍ତ କରିବା ପାଇଁ ଦାୟିତ୍ୱ ପ୍ରଦାନ କରିଥିଲେ। ସବଇନ୍ସପେକ୍ଟର ସଂଯୁକ୍ତା ବେହେରା ଘଟଣାର ସମସ୍ତ ଦିଗକୁ ତଦନ୍ତ କରି ୨୦୨୪ ମସିହା ଅଗଷ୍ଟ ୩୦ ତାରିଖରେ ଅଭିଯୁକ୍ତ ଦିନବନ୍ଧୁ ବିଶୋଇକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସେହିଦିନ ଠାରୁ ଅଭିଯୁକ୍ତ ବିଚାରଧୀନ କଏଦୀ ଭାବେ ଯାଜପୁର ଜିଲ୍ଲା ଜେଲ୍‌ରେ ରହିଥିବା ବେଳେ ସୋମବାର ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଶରତ କୁମାର ଦେହୁରୀ ୯ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଦିନବନ୍ଧୁ ବିଶୋଇ ଓରଫ ଜଡାକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶରେ ଦଣ୍ଡିତ କରି ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଜରିମାନା ଅର୍ଥ ଅନାଦେୟରେ ଅଭିଯୁକ୍ତ ଅଧିକ ୩ ବର୍ଷ ଜେଲ୍ ଭୋଗିବ ବୋଲି ରାୟରେ ପ୍ରକାଶିତ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ୭ଲକ୍ଷ ଟଙ୍କା ପିଡ଼ୀତାକୁ ସହାୟତା କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରିଥିଲେ।

## ନଦୀବନ୍ଧରୁ ଚୋରି ବାଇକ୍ ଜବତ

ଧର୍ମଶାଳା,୩୦।୬(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ନଦୀବନ୍ଧ ନିକଟରୁ ଶନିବାର ଚୋରି ହୋଇଥିବା ଏକ ବାଇକ୍ (ଓଡି୦୬ଜି୦୫୩୫)କୁ ଧର୍ମଶାଳା ପୁଲିସ ଉଦ୍ଧାର କରିଛି। ରବିବାର ସକାଳୁ ବାଇକ୍‌ଟି କାଏମା ନଦୀବନ୍ଧ ପାଖରେ ଥୁଆ ହୋଇଥିବା ଲୋକେ ଦେଖିବାକୁ ପାଇଥିଲେ। ପରେ ଏ ବାବଦରେ ଧର୍ମଶାଳା ଥାନାକୁ ଖବର ଦେବାରୁ ପୁଲିସ ତୁରନ୍ତ ଆସି ଘଟଣାସ୍ଥଳରେ ପହଞ୍ଚି ବାଇକଟିକୁ ଜବତ କରିଥିଲା। ଜବତ ବାଇକ୍‌ଟି ନେଉଳପୁର ଅଞ୍ଚଳର ଜଣାପଡିଛି। କେହି ଦୁର୍ବୃତ୍ତ ଚୋରି କରି ନେଉଥିବା ସମୟରେ ତେଲ ସରିଯିବାରୁ ସେଠାରେ ଛାଡି ଚାଲି ଯାଇଥିବା ପୁଲିସ ସନ୍ଦେହ କରୁଛି।

## ବିଜେପି ମଣ୍ଡଳ ସ୍ତରୀୟ ସମାବେଶ

ବନ୍ତ/ଆଗରପଡ଼ା,୩୦।୬(ସମିସ): ବନ୍ତ ବ୍ଲକ ଡ.ମହତାବ ମଣ୍ଡଳସ୍ତରୀୟ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅମୂଲ୍ୟ ରତ୍ନ ନନ୍ଦଙ୍କ ସଭା ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା ଓ ଭଦ୍ରକ ବିଧାୟକ ସୀତାଂଶୁ ମହାପାତ୍ର ଯୋଗଦେଇଥିଲେ। ବରଡେଶ୍ୱର ମଣ୍ଡଳ ସଭାପତି ଇଂ.ପ୍ରମୋଦ ଜେନା, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ତପନ ମହାନ୍ତି, ବରିଷ୍ଠ ଆଇନଜୀବୀ ମାଧବାନନ୍ଦ ଦାସ, ପୂର୍ବତନ ମଣ୍ଡଳ ସଭାପତି ଶିବାନନ୍ଦ ଦାଶ ଅଧିକାରୀ ପ୍ରମୁଖ କର୍ମୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ପୂର୍ବତନ ମଣ୍ଡଳ ସଭାପତି ଗୋପାଳକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଶୋକ ପରିଡା, ଚିନ୍ମୟ ମହାପାତ୍ର, ମଦନ କଟୁଆଳ, ରାଜିବ୍ ଲୋଚନ ରାୟ, ପ୍ରଦୀପ ପୁହାଣ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା

ଯାଜପୁର, ୩୦।୬ (ସମିସ): ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସୁକାନ୍ତ ସାହୁ ସରକାରୀ ଚାକିରିରୁ ଅବସର ନେଇଥିବା ଉପଲକ୍ଷେ ସୋମବାର ଅପରାହ୍ନରେ ସହକାରୀ ଜିଲ୍ଲାପାଳ ନିବେଦିତା ପ୍ରଧାନ, ସହକାରୀ ଜିଲ୍ଲାପାଳ ବାସୁଦେବ ନାୟକ, ବିଭାଗୀୟ ଅଧିକାରୀ ସୁଧାକର ପ୍ରଧାନ, ଲକ୍ଷ୍ମୀଧର ସଏ, ବରିଷ୍ଠ ରାଜସ୍ୱ ସହାୟକ ଅଶୋକ ମିଶ୍ର, ଅତିଶ ପରିଡ଼ା, ମାନସୀ ସାହୁ, ମିନତୀ ସ୍ୱାଇଁ ଓ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ତାଙ୍କର ସୁଖ, ସମୃଦ୍ଧି, ସୁସ୍ଥ ଓ ନିରାମୟ ଜୀବନଯାପନ କାମନା କରିଛନ୍ତି।

## ଦୁର୍ଘଟଣାରେ ଯୁବକ ଗୁରୁତର

ସୁକିନ୍ଦା,୩୦।୬(ସମିସ): ସୁକିନ୍ଦା ଆଶୋକଝର ରାସ୍ତାର ମାଧାପୁର୍ ନିକଟରେ ଏକ ଯୁବକ ଦୁର୍ଘଟଣାରେ ଆହତ ହୋଇ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଆହତ ଯୁବକ ହେମନ୍ତ ନାୟକଙ୍କ ପୁଅ ମୁନା ନାୟକ ବୋଲି ଜଣାପଡିଛି। ମୁନା ସୁକିନ୍ଦା ବିରିଗଡା ରେଲୱେ ପୋଲ ନିକଟରେ ଗୁରୁତର ଆହତ ଅବସ୍ଥାରେ ପଡ଼ିରହିଥିଲା। ଖବର ପାଇ ସୁକିନ୍ଦା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ମୂନାକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୁନା ମୁଣ୍ଡରେ ଗଭୀର ଆଘାତ ଲାଗି ତାର ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। କୌଣସି ଏକ ଗାଡ଼ି ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା କୁହାଯାଉଛି।

## ଧର୍ମଘଟ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ,୩୦।୬(ସମିସ): ଆସନ୍ତା ଜୁଲାଇ ୯ ରେ ସର୍ବଭାରତୀୟ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେଉଛି ଏହି ଧର୍ମଘଟକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ବିଭିନ୍ନ ଟ୍ରେଡ ୟୁନିୟନ ଓ ଗଣସଂଗଠନ ଗୁଡିକ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକଙ୍କ ସଂଯୋଜନାରେ ଭଦ୍ରକ ନେତାଜୀ ନଗରସ୍ଥିତ ଜାନକୀ ନିଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଜିଲ୍ଲା ଉପସଭାପତି ରାଧାନାଥ ଦାସ, ଓଡିଶା କୃଷକସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଓଡିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ, ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଏଆଇସିସିଟିୟୁ ଜିଲ୍ଲା ସଂପାଦକ ସମର ବଳ, ଏଆଇଟିୟୁସି ଜିଲ୍ଲା ସଂପାଦକ ରମେଶ ଯେନା, ଚାଷୀ ନେତା ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ବିଜେଡି ନେତା ବିକାଶ ଶ୍ରେଷ୍ଠ, ଜିଲ୍ଲା ସଂଯୋଜକ ନାସିରୁଦ୍ଦିନ ଖାନ୍, ଦେବାଶିଷ ଭାରତୀ, ନବନିର୍ମାଣ ଯୁବ ଛାତ୍ର ସଂଗଠକ ଜାହିର ଖାନ୍, ଭଦ୍ରକ ବ୍ଲକ ପୂର୍ବତନ ଉପସଭାପତି ପ୍ରଫୁଲ୍ଲ ନାୟକ, ଏଆଇୟୁଟିୟୁସିର ଜିଲ୍ଲା ସଭାପତି ରାମଚନ୍ଦ୍ର ଶଙ୍ଖୁଆ ପ୍ରମୁଖ ଯୋଗଦେଇ ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି।

## ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି

ଭଦ୍ରକ,୩୦।୬(ସମିସ): ଚଳିତ ରଥଯାତ୍ରାରେ ଘଟିଥିବା ବିଶୃଙ୍ଖଳାକୁ ନେଇ ଆଇନ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ସିପିଆଇ(ଏମ)। ଏହା ସହିତ ବିଭିନ୍ନ ସମସ୍ୟାକୁ ନେଇ ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟିର ଏକ ବୈଠକ କରଣପୋଖରୀ ଠାରେ ବରିଷ୍ଠ ନେତା ଜୟୀରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ ଯୋଗଦେଇଥିଲେ। ଜୁଲାଇ ୯ ଚାନ୍ଦବାଲିରେ ଭାରତ ବନ୍ଦକୁ ସଫଳ କରିବାକୁ ଆଞ୍ଚଳିକ କମିଟିର ସଭ୍ୟସଭ୍ୟା ନିବେଦନ କରିଥିଲେ। ଏହି ବୈଠକରେ ସିପିଆଇ(ଏମ)ର ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଆଞ୍ଚକ କମିଟି ସଭ୍ୟ ଦିବାକର ସେନାପତି, ପ୍ରତାପ ମହାଳିକ, ସୁଶାନ୍ତ ସେଠୀ,ଅଶୋକ ଭୋଇ, ଗଣେଶ ଚନ୍ଦ୍ର ଯେନା ପ୍ରମୁଖ ଯୋଗଦେଇଥିଲେ।

## ମାଉସୀ ମା' ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଧର୍ମଶାଳା,୩୦।୬(ସମିସ): ଧର୍ମଶାଳା ବ୍ଲକ ହାଟପଡିଆସ୍ଥିତ ମାଉସୀ ମା' ମନ୍ଦିରରେ ପ୍ରତ୍ୟେକ ଦିନ ହଜର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗୁଛି। ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ତିନି ଠାକୁର ମାଉସୀ ମା' ଘରକୁ ନଅ ଦିନ ପାଇଁ ଆସିଥିବା ବେଳେ ମନ୍ଦିରରେ ରହି ପୂଜା ପାଉଛନ୍ତି। ସନ୍ଧ୍ୟାରେ ଚଣ୍ଡିଖୋଲ ବୀଣାପାଣି କଳା ନିକେତନ କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ମୁନସୀ ମେଳଣ କମିଟିର ସଭାପତି ତଥା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ, ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଦାସ,ଭାଲୁଖାଇ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି କଳ୍ପତରୁ ସାହୁ, ସମ୍ପାଦକ ମନୋଜ ରଣା, ମୁନସୀ ମେଳଣ କମିଟିର ସଦସ୍ୟ ଗଗନ ବରାଳ,ବିଚିତ୍ର ସ୍ୱାଇଁ,ଚନ୍ଦ୍ରମଣି ପଣ୍ଡିତ,ରବିନ୍ଦ୍ର କୁମାର ମହାନ୍ତି, ଆଲୋକ ଲେଙ୍କା, ଶରତ ଓଝା,ମନୋଜ ରାଉଳ, ପ୍ରବୋଧ ପାତ୍ର, ଅମୀୟ ମହାନ୍ତି, ରମେଶ ମହାନ୍ତି ପ୍ରମୁଖ ବହୁ ସଦସ୍ୟ ପରିଚାଳନାରେ ସହାୟତା କରିଥିଲେ।

## ମାନପୁର ଓଭର ବ୍ରିଜ୍ ପାଲଟିଛି ମରଣଯନ୍ତା

ଦାନଗଦି, ୩୦।୬ (ସମିସ): ମାନପୁର ଓଭର ବ୍ରିଜ ଉପରେ ସଡ଼କ ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ସ୍ଥାନୀୟ ଯୁବକ ମାନେ ତାଙ୍କୁ ଉଦ୍ଧାର କରି ୧୦୮ ଯୋଗେ ଦାନଗଦି ଡାକ୍ତରଖାନାକୁ ନେଇଥିଲେ ହେଲେ ସେଠାରେ ତାଙ୍କ ଅବସ୍ଥା ସଂକଟପନ୍ନ ଥିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠେଇ ଦିଆଯାଇଛି। ଆହତ ମହିଳା ଜଣକ ହେଲେ ଢେଙ୍କାନାଳ ଜିଲ୍ଲା (ବାଲିବ) ଗ୍ରାମର ଭବାନୀ ସୁତାର। ତାଙ୍କ ପଛ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତେବେ ବ୍ରିଜ ଉପରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟିଚାଲିଛି। କିନ୍ତୁ ପ୍ରଶାସନର କୋଣସି ବ୍ୟବସ୍ଥା ନାହିଁ, ମାଲବାହି ଗାଡ଼ି ଗୁଡ଼ିକ ଏହି ରାସ୍ତା ଦେଇ ଯାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଛି। ତୁରନ୍ତ ମାଲ ବାହି ଗାଡ଼ି ଗୁଡିକୁ ଏହି ବ୍ରିଜ ଉପରେ ନ ଛାଡିବାକୁ ଓ କାରଖାନା ଛୁଟି ସମୟରେ ଟ୍ରାଫିକ ବ୍ୟବସ୍ଥା ଯୋଗାଇ ଦେବାକୁ ଲୋକେ ଦାବିକରିଛନ୍ତି।

### ଧାନ ଉଠାକୁ ନେଇ ଉତ୍ତେଜନା

## ଉପଜିଲ୍ଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ଘେରିଲେ ଚାଷୀ

କର୍ୟାଁଗୋଲା,୩୦।୬(ସମିସ): ଟୋକନ ପ୍ରାପ୍ତ ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ଅନାଇ ରହିଥିବା ବେଳେ ମଣ୍ଡିରୁ ଧାନ କ୍ରୟ ପାଇଁ ଆସିନଥିଲେ ମିଲର। ଏଭଳି ସ୍ଥିତିରେ ଶତାଧିକ ଚାଷୀଙ୍କ ହଜାର ହଜାର କ୍ୱିଣ୍ଟାଲ ଧାନ ବ୍ରିକି ହୋଇ ନପାରିବା ଆଶଙ୍କାରେ ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଓ ବ୍ଲକ ଯୋଗାଣ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ସମେତ ପ୍ୟାକ୍ସ କର୍ମକର୍ତ୍ତାଙ୍କୁ ଘେରିଥିଲେ ଶତାଧିକ ଚାଷୀ। ଯାହାକୁ ନେଇ ଆଜି ଦଶରଥପୁର ବ୍ଲକ କମାରଡିହି ପ୍ୟାକ୍ସ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନ ସୃଷ୍ଟି ହୋଇଥିଲା। ପ୍ୟାକ୍ସ ଅଧୀନରେ ଧାନ ବିକ୍ରୟ ପାଇଁ ପଞ୍ଜିକୃତ ଚାଷୀ କୁଆଖିଆ-କର୍ୟାଁଗୋଲା ଜାତୀୟରାଜପଥ ଅନ୍ତର୍ଗତ କମାରଡିହି ଛକ ରାସ୍ତା ଉପରେ ହୋ ହାଲ୍ଲା କରିଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରେ ଗମନାଗମନରେ ବାଧା ଉପୁଜିଥିଲା। ଏକାଧିକ ଯାତ୍ରୀବାହୀ ଓ ମାଲ ବୋଝେଇ ଗାଡ଼ି ରାସ୍ତାରେ ଅଟକି ରହିଥିଲା। ମଣ୍ଡିରେ ପଞ୍ଜିକୃତ ଚାଷୀଙ୍କ ଦାବୀ ମୁତାବକ ଧାନ କ୍ରୟ ପାଇଁ ନିର୍ଭର ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ରାସ୍ତାରୁ ହଟିବେ ନାହିଁ ବୋଲି ଅଡ଼ିବସିଥିଲେ। ପ୍ୟାକ୍ସ ଅଧୀନରେ କମାରଡ଼ିହି, କର୍ୟାଁ, ଖାନନଗର, ଥାଲୁକୁଡ଼ି, ନିଜାମପୁର ଆଦି ପଞ୍ଚାୟତର ୧୫ ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଚଳିତ ରବି ଋତୁ ପାଇଁ ମଣ୍ଡିରେ ୫୨ ହଜାର କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଟୋକନ ମିଳିଥିଲା। ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ନିୟମିତ ଭାବେ ସ୍ୱୀକୃତିପ୍ରାପ୍ତ ମିଲର ଧାନ ଉଠାଉନଥିବାରୁ ମଣ୍ଡି ଆରମ୍ଭ ହେବା ଦିନ ଠାରୁ ଧାନ କିଣାରେ ଅବ୍ୟବସ୍ଥା ସୃଷ୍ଟି ହୋଇଥିଲା। ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜିକୃତ ଚାଷୀଙ୍କୁ ମିଳିଥିବା ଟୋକନ ଅବଧିର ଶେଷ ତାରିଖ ଆଜି ଶେଷ ହୋଇଥିବା ବେଳେ ଅବଶିଷ୍ଟ ଧାନ ବିକ୍ରିକୁ ନେଇ ପଞ୍ଜିକୃତ ଚାଷୀ ଆଶଙ୍କାରେ ପଡ଼ିଥିଲେ। ସମସ୍ତ ଚାଷୀଙ୍କ ଧାନ କ୍ରୟ ପାଇଁ ମଣ୍ଡି ଅବଧି ଜୁନ୍ ୩୦ ପରିବର୍ତ୍ତେ ଅଧିକ ୧୫ଦିନ ବୃଦ୍ଧି କରିବା ଦାବିରେ ଶତାଧିକ ଚାଷୀ ସକାଳୁ କମାରଡିହି ପ୍ୟାକ୍ସ କାର୍ଯ୍ୟାଳୟ ସମ୍ମୁଖରେ ହୋ ହାଲ୍ଲା କରିଥିଲେ। ଫଳରେ ଆଜି ମଣ୍ଡିରେ ଆରମ୍ଭ ହୋଇଥିବା ଧାନ କ୍ରୟ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଉପଜିଲ୍ଲାପାଳ, ତାପସ ରଞ୍ଜନ ଦେଉରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାଣି, ବ୍ଲକ ଯୋଗାଣ ଅଧିକାରିଣୀ ତପସ୍ୱିନୀ ରାୟ, ତହସିଲଦାର ଶୁଭ୍ରାଂଶୁ ସାହୁ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିବା କ୍ଷଣି ସମସ୍ତଙ୍କୁ ଶତାଧିକ ଚାଷୀ ଘେରିଯାଇଥିଲେ। ରାତ୍ର ୮ ଘଟିକା ପର୍ଯ୍ୟନ୍ତ ପ୍ୟାକ୍ସ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଷୀଙ୍କୁ ଯେତେ ବୁଝାସୁଝା କଲେ ମଧ ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାକୁ ଅଡିବସିଥିଲେ। ଉପ-ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଚାଷୀମାନଙ୍କ ସହ ଆଲୋଚନା କରି କିଛି ଚାଷୀଙ୍କ ଅଗ୍ରୀମ ଆଇସ୍କାନ କରାଯିବାକୁ ସ୍ଥିର ହେବା ସହିତ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ମଣ୍ଡି ଓ ଟୋକନ ଅବଧି ବୃଦ୍ଧି କରିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା।

### ଅସୁରକ୍ଷିତ ପରିବେଶରେ ଚାଲିଛି ଶିକ୍ଷାଦାନ

## ସ୍କୁଲ ଛାତରୁ ଗଳିଲା ପ୍ଲାଷ୍ଟର



ବନ୍ତ/ଆଗରପଡ଼ା,୩୦।୬(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ପୁରୁଷଣ୍ଡ ନୋଡ଼ାଲ ବିଦ୍ୟାଳୟର ଏକ ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଗଳିପଡ଼ିଥିବାର ଦେଖିବାକୁ ମିଳିଛି। ସୌଭାଗ୍ୟବସତଃ ଶ୍ରେଣୀ ଗୃହରେ କେହି ବି ପିଲା ଉପସ୍ଥିତ ନଥିବାରୁ ଏକ ସୁନିଶ୍ଚିତ ବିପଦରୁ ରକ୍ଷା ମିଳିଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ସୂଚନା ଅନୁଯାୟୀ ସୋମବାର ଶ୍ରେଣୀ ଗୃହ ଖୋଲିବା ବେଳକୁ ସେ ଉକ୍ତ ଗୃହର ଛାତରୁ ପ୍ଲାଷ୍ଟର ଗୁଡ଼ିକ ଗଳିପଡ଼ିଥିବା ଦେଖିବାକୁ ପାଇଥିଲେ। ଗତ କିଛି ଦିନ ଧରି ଲଘୁଚାପ ଜନିତ ବର୍ଷା ହେତୁ ଛାତରେ ପାଣି ଜମି ରହିବା ଦ୍ୱାରା ଏହିପରି ହୋଇଥିବା ଜଣାପଡ଼ିଛି। ସେହିପରି ଉକ୍ତ ବିଦ୍ୟାଳୟର ସମ୍ମୁଖ ଭାଗରେ ଜଳ ନିଷ୍କାସନର କୌଣସି ସୁବନ୍ଦୋବସ୍ତ କରାଯାଇନଥିବାରୁ ଏବଂ ବିଦ୍ୟାଳୟ ସମ୍ମୁଖ ଭାଗରେ ଯାଇଥିବା ରାସ୍ତା ବିଦ୍ୟାଳୟ ପରିସରରୁ ଅଧିକ ଉଚ୍ଚତାରେ ଥିବାରୁ ବାହାର ପାଣି ବିଦ୍ୟାଳୟ ପରିସରକୁ ପଶୁଥିବା ବେଳେ ବିଦ୍ୟାଳୟ ପରିସରର ପାଣି ମଧ ନିଷ୍କାସନ ହୋଇ ନପାରି ଜମି ରହି ପିଲାଙ୍କ ପାଇଁ ଆଉ ଏକ ବିପଦ ସୃଷ୍ଟି କରୁଛି। ଆଗାମୀ ଦିନରେ ଏହା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ କୁ ପ୍ରଭାବ ପକାଇବା ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଚଳିତ ଶିକ୍ଷା ବର୍ଷରେ ଉକ୍ତ ବିଦ୍ୟାଳୟରେ ସମୁଦାୟ ୧୩୯ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିଶୁ ବାଟିକା ସମେତ ୧ମ ରୁ ୮ମ ଶ୍ରେଣୀ ନିମନ୍ତେ ୫ଟି ଶ୍ରେଣୀ ଗୃହ ଉପଲବ୍ଧ ଅଛି। ତେଣୁ ଶିଶୁ ବାଟିକା ଓ ୫ମ ଶ୍ରେଣୀ ପିଲା ଗୋଟିଏ ଗୃହ, ୧ମ, ୨ୟ ଓ ୪ର୍ଥ ଶ୍ରେଣୀର ପିଲା ମିଳାମିଶା ହୋଇ ଆଉ ଗୋଟିଏ ଗୃହରେ ଶିକ୍ଷାଲାଭ କରୁଛନ୍ତି। ଶ୍ରେଣୀ ଗୃହ ସମସ୍ୟାରୁ ଏହିପରି ଶିକ୍ଷାଦାନ ଚାଲୁଛି। ଯାହାକି ପିଲାଙ୍କ ଗୁଣାତ୍ମକ ଶିକ୍ଷାଲାଭ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ଏହିପରି ସ୍ଥଳେ ବର୍ଷବର୍ଷ ଧରି ବିଦ୍ୟାଳୟର ମରାମତି କରାଯାଉନଥିବାରୁ ଏହା ପିଲାଙ୍କ ଜିବନ ପ୍ରତି ବିପଦ ସୃଷ୍ଟି କରୁଛି। ଉକ୍ତ ଘଟଣାକୁ ନେଇ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ପରିଚାଳନା କମିଟିରେ ଉକ୍ତ ସମସ୍ୟା ଉପସ୍ଥାପନ କରିବା ସହ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ମରାମତି ବାବଦରେ ଅର୍ଥ ମହଜୁଦ ଥିବାରୁ ଯଥାଶୀଘ୍ର ଏହାର ମରାମତି କରାଯିବ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେଇଥିବା ସେ ପ୍ରକାଶ କରିଥିଲେ।

## ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀଙ୍କ ଅବସର



ମଇଁଦା,୩୦।୬(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଅଧୀନ ସରକାରୀ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶମ୍ଭୁନାଥ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟବକ୍ତା ଜିଲ୍ଲା କ୍ରୀଡାଧିକାରୀ ଫକିର ମୋହନ ଟୁଡୁ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ଶାରୀରିକ ଶିକ୍ଷାଧିକାରୀ ନନ୍ଦ କିଶୋର ନାୟକ, ବରିଷ୍ଠ କ୍ରୀଡା ଶିକ୍ଷକ ମଧୁସୂଦନ ଧଳ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ପତି, ସେକ୍ ନିଜାମୁଦ୍ଦିନ, ଏମ୍‌ଆଇସି କୋଅଡିନେଟର ସତ୍ୟବ୍ରତ ପାଢି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧିର ଚନ୍ଦ୍ର ସାମଲ, ରାଜେନ୍ଦ୍ର କୁମାର ଦାସ, ସତ୍ୟନାରାୟଣ ମହାନ୍ତି, ଗଣେଷ ପ୍ରସାଦ ସାମଲ, ଶଙ୍କର୍ଷଣ ବେହେରା, ଅକ୍ଷୟ କୁମାର ମଲ୍ଲିକ, ହରିହର ଜେନା, ରାଜେଶ ସେଠୀ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୀତିକାର ନଳିନୀ ପ୍ରଭା ଦାସ ପରିଚାଳନା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କ ବିଦାୟ ସମ୍ବର୍ଦ୍ଧନା ସଭା

ବାସୁଦେବପୁର,୩୦।୬(ସମିସ): ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ପଞ୍ଚାୟତର ଭାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ବାରିକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାର ଶିକ୍ଷକ ଗୟାଧର ଦାସ ସଂଯୋଜନା କରିଥିଲେ। ଆୟୋଜିତ ସଭାର ବିଦାୟୀ ପ୍ରଧାନ ଶିକ୍ଷକ ରାଜକିଶୋର ବାରିକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଉର୍ମିଳା କର, ଏବିଓ ତପନ କୁମାର ଦ୍ୱିବେଦୀ, କମଳାକାନ୍ତ ପାଢୀ, ବ୍ରାହ୍ମଣଗାଁ ପଞ୍ଚାୟତର ସମିତି ସଭ୍ୟ ଗୁରୁପ୍ରସାଦ ମହାନ୍ତି, ଜୟନ୍ତ ଦାସ, ପ୍ରଧାନ ଶିକ୍ଷୟତ୍ରୀ ରମ୍ଭାମଣୀ ପଣ୍ଡା, ସିଆରସିସି ଅଭିଷେକ ପାତ୍ର, ସନ୍ତୋଷ ଦୀକ୍ଷିତ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ହିମାଦ୍ରୀ ନନ୍ଦିନୀ ମିଶ୍ର, ସ୍କୁଲ ପରିଚାଳନା କମିଟିର ସଭାପତି ବାବୁରାମ ଯେନା ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇ ଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ରାଜକିଶୋର ବାରିକଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ଅବସର କାଳୀନ ସମ୍ବର୍ଦ୍ଧନା ସଭା

ଅସୁରାଳି,୩୦।୬(ସମିସ): ଧାମନଗର ବ୍ଲକ ଅଧୀନ ହସନାବାଦ ପଞ୍ଚାୟତ ନୂଆସାହି ବିଶ୍ୱେଶର ଉଚ୍ଚ ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷକ ପର୍ଶୁରାମ କରଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମଲ୍ଲିକ, ରଞ୍ଜନ ଭୂୟାଁ, ହୃଦାନନ୍ଦ ନାୟକ, ଧରଣୀଧର ବସନ୍ତିଆ, ବରିଷ୍ଠ ଶିକ୍ଷକ ତୃପ୍ତି ରଞ୍ଜନ ବିଶ୍ୱାଳ, ଅଜୟ ଦାସ, ସୁକୁଲି



କିସ୍କୁ, ରୂପକ ମିଶ୍ର, ମଦନ ସାମନ୍ତରାୟ, ଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ସିଆରସିସି ଅଜୟ ମଲ୍ଲିକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ଥାନୀୟ ଲୋକନାଥପୁର, ନୂଆସାହି, ଅନଳଡିହ ଆଦି ଗ୍ରାମର ସତ୍ୟାନନ୍ଦ ମଲ୍ଲିକ, ସ୍ମୃତିରଞ୍ଜନ ବିଶ୍ୱାଳ, ଲଲାଟେନ୍ଦୁ ପାତ୍ର, ସୌମ୍ୟ ରଞ୍ଜନ ନାୟକ, ମମତା ବେହେରା ଓ ବହୁ ଗ୍ରାମବାସୀ ସଭାସ୍ଥଳରେ ଉପସ୍ଥିତ ଥିଲେ। ପରିଶେଷରେ ବିଦାୟୀ ଶିକ୍ଷକଙ୍କ ସମେତ ଅନ୍ୟ ବିଦାୟୀ ଶିକ୍ଷକ ଗୋଲକ ଚନ୍ଦ୍ର ବିଶ୍ୱାଳ, ଲଲାଟେନ୍ଦୁ ଦାସ, ଅନିରୁଦ୍ଧ ବିଶ୍ୱାଳ, ଦେବେନ୍ଦ୍ର ପଣ୍ଡା, ପ୍ରଶାନ୍ତ ବେହୁରିଆଙ୍କୁ ମଧ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

## ପ୍ରଧାନମନ୍ତ୍ରୀ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

ଧାମନଗର,୩୦।୬(ସମିସ)



ରାଜ୍ୟରେ ମୋହନ ସରକାରଙ୍କ ବର୍ଷ ପୂର୍ତି ଓ ମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ବର୍ଷକ ମଧ୍ୟରେ ଧାମନଗରର ବିକାଶ ପାଇଁ କେଉଁ କେଉଁ ପଦକ୍ଷେପ ନେଇଛନ୍ତି। ସେନେଇ ଏକ ରିପୋର୍ଟ କାର୍ଡର ଉନ୍ମୋଚନ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଧାମନଗର ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ଉନ୍ମୋଚନ କରାଯାଇଛି। ଏହାସହ ଧାମନଗର ଏନ୍‌ଏସି ଓ ପଞ୍ଚାୟତ ସମିତିର ୫ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏନ୍‌ଏସି ଅଞ୍ଚଳରେ ୩.୩୮ କୋଟି ଟଙ୍କାର ବ୍ୟୟରେ ହେବାକୁ ଥିବା ଗୋଶାଳା, ୩.୧୬ କୋଟି ଟଙ୍କାରେ ହେବାକୁ ଥିବା ଆଧୁନିକ ପାର୍କ ଓ ଆମ୍ଫିଥିଏଟର, ମଳ ଉପଚାର କେନ୍ଦ୍ରର ଶିଳାନ୍ୟାସ କରାଯାଇଛି। ସେହିପରି ଧାମନଗର ବ୍ଲକ ଅଧୀନରେ ବିଭିନ୍ନ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଓ ବ୍ଲକ କାର୍ଯ୍ୟାଳୟ ପରିସରରେ କର୍ମଚାରୀଙ୍କ ପାଇଁ କମନରୁମ୍ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ। ତା' ସହିତ ୪୧୭ ଜଣ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)ର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ମନ୍ତ୍ରୀ ତାଙ୍କ ରିପୋର୍ଟ କାର୍ଡରେ ଦର୍ଶାଇଥିବା ପ୍ରକଳ୍ପ ମଧ୍ୟରୁ ଧାମନଗରରେ ସ୍ପୋର୍ଟ୍ସ କଂପ୍ଲେକ୍ସ, ପଧାନିର କୁଟୁରିଆରେ ଭୂତଳ ନଳ ଯୋଗେ ଜଳସେଚନ ପ୍ରକଳ୍ପ ମେଗା ପ୍ରକଳ୍ପ। ସ୍ପୋର୍ଟ୍ସ କଂପ୍ଲେକ୍ସ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏଥିରେ ଅନ୍ତର୍ଜାତୀୟ ସ୍ତରର ଫୁଟବଲ୍ ପଡ଼ିଆ, ସିନ୍ଥେଟିକ ଆଥଲେଟିକ ଟ୍ରାକ, କ୍ରିକେଟ କୋଚିଂ, ସନ୍ତରଣ କ୍ରୀଡ଼ା ଓ ୧୦୦ ଶଯ୍ୟା ବିଶିଷ୍ଟ କ୍ରିଡ଼ା ଛାତ୍ରାବାସ ରହିବ। ଏହାଛଡ଼ା ଅସୁରାଳିରେ ସହିଦ ଷ୍ଟାଡିୟମର ଉନ୍ନତିକରଣ ପାଇଁ ୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂଆ କୋଠା ନିର୍ମାଣ ଲାଗି ୧୯ କୋଟି, ହସନାବାଦରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧ କୋଟି ୨୫ ଲକ୍ଷ ଟଙ୍କା ଦିଆଯାଇଛି। ବର୍ଷକ ମଧ୍ୟରେ ଧାମନଗର ଅଞ୍ଚଳରେ ନୂଆ ରାସ୍ତା ନିର୍ମାଣ, ପୁରୁଣା ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ପାଇଁ ୧୨୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଧାମନଗରର ମୁଖ୍ୟ ସମସ୍ୟା ବନ୍ୟା ସମସ୍ୟାର ସମାଧାନ ପାଇଁ ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସକେପରେ ସୁରକ୍ଷା ପ୍ରାଚୀର ଓ ସ୍ଲୁଇସ ଗେଟ୍ ନିର୍ମାଣ କରାଯାଇଛି। ତା ସହିତ ବନ୍ୟା ସମୟରେ ଯୋଗାଯୋଗ ବିଚ୍ଛିନ୍ନ ଭଳି ସମସ୍ୟା ଓ ଜଳ ନିଷ୍କାସନ ପାଇଁ ୧୩୭ କୋଟି ଟଙ୍କାର ପ୍ରକଳ୍ପ ହାତକୁ ନିଆଯାଇଥିବା ମନ୍ତ୍ରୀ ତାଙ୍କର ରିପୋର୍ଟ କାର୍ଡରେ ଦର୍ଶାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏନ୍‌ଏନସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ଶାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ବିଡିଓ ବନବିହାରୀ ଦିନ୍ଦା, ସାଂସଦ ବ୍ଲକ ଓ ନଗର ପ୍ରତିନିଧି ମନୋରଞ୍ଜନ ମଲ୍ଲିକ,ସରୋଜ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ।

## ଉନ୍ନତିକରଣ ପ୍ରକଳ୍ପର ଶୁଭ ଶିଳାନ୍ୟାସ

ଅସୁରାଳି,୩୦।୬(ସମିସ): ଆଜି ବିଭିନ୍ନ ଉନ୍ନତିକରଣ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ଏହି ଅବସରରେ ଧୂଷୁରୀ ଠାରେ ଅନେକ ସରକାରୀ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଓ ଉନ୍ନତିକରଣ ପାଇଁ ଶିଳାନ୍ୟାସ କରାଯାଇଛିଫ ସେହିପରି ଧୂଷୁରୀ ପତ୍ରିସାହି ଠାରେ ଗେଙ୍ଗୁଟି ନଦି ର ବାମ ପାର୍ଶ୍ୱ ବନ୍ଧର ସୁରକ୍ଷା ପ୍ରାଚୀର ପ୍ରକଳ୍ପର ମଧ ଶିଳାନ୍ୟାସ କରା ଯାଇଛି। ଦୀର୍ଘ ବର୍ଷ ଧରି ସାଧାରଣ ଜନତା ଏଥିପାଇଁ ଦାବି କରି ଆସୁଥିଲେ। ଏଣୁ ବହୁ ଦିନର ପ୍ରତିକ୍ଷୀତ ଦାବି ପଘରଣ ହେବା ପରେ ସଧାରଣ ଜନତା ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଚନ୍ତି।ଏହି ପରିପ୍ରେକ୍ଷୀରେ ବରିଷ୍ଠ ନେତା ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ମନୋଜ ମଲ୍ଲିକ, ଅନିରୁଦ୍ଧ ସାହୁ ଓ ଧାମନଗର ଜଳ ସମ୍ପଦ ବିଭାଗର ଏସଡିଓ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।





# ଜନ୍ମବେଦୀରେ ଦର୍ଶନ ଦେଲେ ଦାରୁଦିଅଁ

ଜନ୍ମବେଦୀରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଦାରୁଦିଅଁ। ଯଜ୍ଞବେଦୀରେ କଳାସାଆନ୍ତଙ୍କୁ ଦେଖି ଓଦା ହୋଇଛି ଭକ୍ତଙ୍କ ଆଖି। ସୋମବାର ଆଡ଼ପ ମଣ୍ଡପରେ ହଜାର ହଜାର ଶ୍ରଦ୍ଧାଳୁ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଖରା-ଛାଇ ଭିତରେ ବିଶ୍ୱନିୟନ୍ତାଙ୍କ ସାନ୍ନିଧ ପାଇବା ପାଇଁ ଦର୍ଶନାର୍ଥୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଅନ୍ୟପଟେ ରାସମଣ୍ଡପରେ ସୋମବାର ଦାରୁବିଗ୍ରହଙ୍କୁ ଲାଗି ହୋଇଛି ଅନ୍ନପ୍ରସାଦ। ଶ୍ରଦ୍ଧାଳୁ ବି ପାଇଛନ୍ତି ଚଳିତବର୍ଷ ପ୍ରଥମ ଆଡ଼ପ ଅବଢ଼ା। ପୁଣି ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ଶ୍ରୀମୁଖ ଶୃଙ୍ଗାର।

ରବିବାର ଗୋଟିପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଥିଲେ ଚତୁର୍ଦ୍ଧା ମୂର୍ତ୍ତି। ସ୍ୱାଭାବିକ ହୋଇଥିଲା ଆଡ଼ପ ପହଣ୍ଡି। ସନ୍ଧ୍ୟା ୬ଟା ୫୦ରେ ପହଣ୍ଡି ଆରମ୍ଭ ହୋଇଥିବା ବେଳେ ରାତି ୧୦ଟାରେ ଶେଷ ହୋଇଥିଲା। ଜନ୍ମବେଦୀରେ ଠାକୁର ପହଞ୍ଚିବା ପରେ ବଡ଼ସିଂହାର ଓ ପହୁଡ଼ ନୀତି ହେବାର ବିଧି ରହିଛି। କିନ୍ତୁ ସମୟ ଅଭାବରୁ ଏହି ନୀତି ହୋଇପାରିନଥିଲା। ରାତି ୧ଟା ୪୦ରେ ରୁନ୍ଧା ଶେଷ ହୋଇଥିଲା। ରାତି ୨ଟା ୧୫ରେ ଚାରମାଳ ଫିଟାଇବାକୁ କୋଠସୁଆଁସିଆମାନେ ପ୍ରବେଶ କରି ୩ଟା ୩୫ରେ ବାହାରିଥିଲେ। ଏହାପରେ ସୁଦର୍ଶନ ରୁନ୍ଧା, ଶ୍ରୀମୁଖ ଖଣ୍ଡୁଆ ମଇଲମ, ଚକାପୋଛା, ସିଂହାସନ ଧୂଆ ହୋଇ ଭୋର୍ ୫ଟା ୧୦ରେ ମହାସ୍ନାନ ଶେଷ ହୋଇଥିଲା। ସୋମବାର ସକାଳ ୭ଟା ୪୦ରେ ମଙ୍ଗଳ ଆଳତି କରାଯାଇଥିଲା। ପୂର୍ବାହ୍ନ ୯ଟା ୫୫ରେ ଅବକାଶ ବଢ଼ିବା ପରେ ପୂର୍ବାହ୍ଣ ୧୦ଟା ୧୦ରେ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ମନ୍ଦିର ମୁଖ୍ୟଦ୍ୱାର ଦେଇ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି



ନାକଚଣା ଦ୍ୱାର ଦେଇ ବାହାରକୁ ବାହାରିଥିଲେ। ମଧ୍ୟାହ୍ନ ୧୨ଟା ୩୦ରେ ଗୋପାଳବଲ୍ଲଭ ସରିଥିବା ବେଳେ ଅପରାହ୍ଣ ୧ଟା ୪୫ରେ ସକାଳ ଧୂପ ନୀତି ବଢ଼ିଥିଲା। ଏହାପରେ ବାହାରିଥିଲା ଆଡ଼ପ ଅବଢ଼ା। ପ୍ରଥମ ଦିନରେ ହଜାର ହଜାର ଶ୍ରଦ୍ଧାଳୁ ଆଡ଼ପ ଦର୍ଶନ କରି ପାଇଥିଲେ ଆଡ଼ପ ଅବଢ଼ା। ସକାଳ ଧୂପରେ କମ୍ ଅବଢ଼ା ବାହାରିଥିବା ବେଳେ ଭୋଗମଣ୍ଡପରେ ପର୍ଯ୍ୟାପ୍ତ ମହାପ୍ରସାଦ ବାହାରିଥିଲା। ବର୍ଷକୁ ଥରେ ଆଡ଼ପ ଅବଢ଼ା ମିଳୁଥିବାରୁ ଶ୍ରଦ୍ଧାଳୁମାନେ ଉତ୍କଣ୍ଠାର ସହ ପାଇ ସାଙ୍ଗରେ ମଧ୍ୟ ନେଇଯାଉଥିଲେ।

## ମହାପ୍ରଭୁଙ୍କର ହେଲା ଶ୍ରୀମୁଖ ଶୃଙ୍ଗାର

ଅନ୍ୟପକ୍ଷରେ ମଙ୍ଗଳବାର ହେରାପଞ୍ଚମୀ। ଏହାର ପୂର୍ବ ଦିନ ମହାପ୍ରଭୁଙ୍କ ବନକଲାଗି ହେବାର ପରମ୍ପରା ରହିଛି। ତେଣୁ ସୋମବାର ଗୁଣ୍ଡିଚା ମନ୍ଦିରରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ସନ୍ଧ୍ୟାରେ ଦତ୍ତମହାପାତ୍ର ସେବକମାନେ ପ୍ରବେଶ କରି ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ଏହି ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ।







## ଆଜି ହେରା ପଞ୍ଚମୀ

**ରଥଯାତ୍ରାର ଏକ ବିଶେଷ ନୀତି ହେଉଛି ହେରାପଞ୍ଚମୀ। ଏହା ରଥଯାତ୍ରାରୁ ପଞ୍ଚମ ଦିବସରେ ଅର୍ଥାତ୍ ଆଷାଢ଼ ଶୁକ୍ଳ ଷଷ୍ଠୀରେ ପାଳିତ ହୋଇଥାଏ। ମହାପ୍ରଭୁ ଗୁଣ୍ଡିଚା ଘରେ ବିଜେ କରିଥିବା ସମୟରେ ଏହି ନୀତି ପାଳିତ ହୋଇଥାଏ। ଏଥିରେ ଦାମ୍ପତ୍ୟ ଜୀବନର ମାନଅଭିମାନ ପ୍ରତିଫଳନ ଦେଖିବାକୁ ମିଳିଥାଏ। ଶ୍ରୀ ଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ଯାଇଥାନ୍ତି। କିନ୍ତୁ ସାଙ୍ଗରେ ମା' ଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ ସେ ଅଭିମାନ କରନ୍ତି। ସେଥିପାଇଁ ମହାଲକ୍ଷ୍ମୀ ରାଗରେ ନନ୍ଦିଘୋଷ ରଥର ଖଣ୍ଡେ କାଠ ଭାଙ୍ଗି ଦିଅନ୍ତି।**



ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)ଙ୍କୁ ଛାଡ଼ି ଜଗନ୍ନାଥ ମହାପ୍ରଭୁ ଭାଇ-ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରା କରିଛନ୍ତି। ତାଙ୍କୁ ସାଙ୍ଗରେ ନ ଆଣିଥିବାରୁ ଅଭିମାନରେ ରହିଛନ୍ତି ଶ୍ରୀଦେବୀ। ତେଣୁ କାଳିଆ ଠାକୁରଙ୍କୁ ଫେରାଇ ନେବାକୁ ଗୁଣ୍ଡିଚା ମନ୍ଦିର ଆସନ୍ତି ଶ୍ରୀଦେବୀ। ହେଲେ ୯ ଦିନର ଯାତ୍ରା ନ ସରିବା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀମନ୍ଦିର ଫେରିବେ ନାହିଁ ବୋଲି ଶ୍ରୀଦେବୀଙ୍କୁ କୁହନ୍ତି। ଏଥିରେ ରାଗିଯାଇ ଫେରିବା ବେଳେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଭାଙ୍ଗି ଦେଇଯାଆନ୍ତି। ଏହି ପରମ୍ପରାକୁ ହେରାପଞ୍ଚମୀ କୁହାଯାଏ। ଆସନ୍ତାକାଲି (ମଙ୍ଗଳବାର) ଏହି ନୀତି ପାଳିତ ହେବ। ଶ୍ରୀମନ୍ଦିରରୁ ଶ୍ରୀଦେବୀ ଆସିବେ ଗୁଣ୍ଡିଚା ମନ୍ଦିର। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି।

ଭୋର୍ ୪ଟାରେ ଦ୍ୱାରଫିଟା ଯାଇ ୫ଟା ସୁଦ୍ଧା ମଙ୍ଗଳଆଳତି ବଢ଼ିବ। ମଇଲମ, ତଡ଼ପଲାଗି ନୀତି ପରେ ସକାଳ ୬ଟାରେ ଅବକାଶ ନୀତି ସମ୍ପନ୍ନ ହେବ। ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟା ସାହାଣମେଲା ଦର୍ଶନ ରହିଛି। ଏହାପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ହୋଇ ଠାକୁରଙ୍କ ବେଶ ବଢ଼ିବ। ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦ ମଧ୍ୟରେ ସକାଳ ଧୂପ ଏବଂ ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଭୋଗମଣ୍ଡପ ବଢ଼ିବ। ପରେ ମହାପ୍ରଭୁଙ୍କ ମଇଲମ, ଯାତ୍ରାଙ୍ଗୀ ମହାସ୍ନାନ, ଘଣ୍ଟଛତା ସର୍ବାଙ୍ଗ, ନୂଆଲୁଗା ଲାଗି ବେଶ ହେବ। ଅପରାହ୍ଣ ୩ଟାରୁ ୪ଟା ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ ନୀତି ବଢ଼ି ଅପରାହ୍ଣ ୫ଟା ୩୦ ସୁଦ୍ଧା ଦ୍ୱିତୀୟ ଭୋଗମଣ୍ଡପ ବଢ଼ିବ। ଏହାପରେ ମଇଲମ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ ବାଡ଼ରେ ମହାସ୍ନାନ, ତିନିବାଡ଼ରେ ଘଣ୍ଟଛତା ସର୍ବାଙ୍ଗ, ନୂଆଲୁଗା ଲାଗି ଏବଂ ଅଳଙ୍କାର ଲାଗି ଠାକୁରଙ୍କ ବେଶ ହେବ। ପରେ ସନ୍ଧ୍ୟାଧୂପ ସମ୍ପନ୍ନ ହେବ। ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ରଥ ନିକଟରେ

### ନନ୍ଦିଘୋଷ ରଥ ଭାଙ୍ଗିବେ ଲକ୍ଷ୍ମୀ ସାଆନ୍ତାଣୀ

ନୀତି ସାରି ଶ୍ରୀଦେବୀ ରାତି ୯ଟା ୩୦ରେ ଜଗମୋହନକୁ ବିଜେ କରିବେ। ଏହାପରେ ଶ୍ରୀଦେବୀଙ୍କୁ ଆଜ୍ଞାମାଳ ଲାଗି ହେବା ପରେ ସନ୍ଧ୍ୟାଧୂପ ଟେରା ପଡ଼ିବ। ରାତି ୯ଟା ୫୦ ସୁଦ୍ଧା ସନ୍ଧ୍ୟାଧୂପ ବଢ଼ିବ। ପରେ ମଇଲମ, ଚନ୍ଦନଲାଗି ଓ ବଡ଼ସିଂହାର ହୋଇ ରାତି ୧ଟା ସୁଦ୍ଧା ପହୁଡ଼ ହେବାକୁ ନୀତି ନିର୍ଘଣ୍ଟ କରାଯାଇଛି।

# ମିଳିଲା ଆଡ଼ପ ଅବଢ଼ା

## ତୃପ୍ତ ହେଲା ଭକ୍ତ ପ୍ରାଣ

ମହାପ୍ରଭୁ ଆଡ଼ପମଣ୍ଡପରେ ବିଜେ କରିଥିବା ବେଳେ ବାହାରିଥାଏ ଆଡ଼ପ ଅବଢ଼ା। ଏହି ଆଡ଼ପ ଅବଢ଼ା କେବଳ ରଥଯାତ୍ରା ସମୟରେ ହିଁ ମିଳିଥାଏ। ଏହାକୁ ପାଇବା ପାଇଁ ଭକ୍ତ ଉତ୍ସୁକତାର ସହ ଅପେକ୍ଷା କରିଥା'ନ୍ତି। ସୋମବାର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ପାଇଛନ୍ତି ଆଡ଼ପ ଅବଢ଼ା। ତୃପ୍ତ ହୋଇଛି ଭକ୍ତ ପ୍ରାଣ। ଅନେକ ଭକ୍ତ ସକାଳୁ ଆସି ଦର୍ଶନ ସାରିଥିଲେ ହେଁ ଅବଢ଼ା ପାଇଁ ଅପେକ୍ଷା କରିଥିଲେ। ପ୍ରଥମ ଆଡ଼ପ ଅବଢ଼ା ପାଇବା ପରେ ସେମାନେ ବେଶ୍ ଖୁସି ହୋଇଥିଲେ।

ନୟାଗଡ଼ର ତିଳୋତ୍ତମା ସାହୁ କହିଛନ୍ତି, ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ ଶୁଣିଥିଲି। ତେଣୁ ଦର୍ଶନ କରିବାକୁ ଇଚ୍ଛା ଥିଲା।



ରବିବାର ପୁରୀରେ ପହଞ୍ଚି ଜଣେ ବନ୍ଧୁଙ୍କ ଘରେ ରହିଥିଲି। ସୋମବାର ଦର୍ଶନ ସହ ଆନନ୍ଦ ବଜାରରେ ବସି ଆଡ଼ପ ଅବଢ଼ା ଖାଇବାର ସୌଭାଗ୍ୟ ପାଇଲି। ମନ ମୋର ତୃପ୍ତ ହୋଇଗଲା। ଅନ୍ୟ ଜଣେ ଶ୍ରଦ୍ଧାଳୁ ଗୀତା ସୁବୁଦ୍ଧି ବେଶ୍ ଭାବବିହ୍ୱଳ ହୋଇ କହିଥିଲେ, ଆଡ଼ପ ମଣ୍ଡପରେ ମହାବାହୁଙ୍କୁ ଭଲ ଭାବେ ଦର୍ଶନ ସହ ଗୁଣ୍ଡିଚା ମନ୍ଦିରରେ ଅବଢ଼ା ସେବନ କଲୁ। ଏହାଠୁ ଆନନ୍ଦ ଜୀବନରେ ଆଉ କିଛି ନାହିଁ। ମନ ପୂରିଗଲା। ତେବେ ଏହି ଭିଡ଼ ଭିତରେ ଏମିତି କିଛି ବ୍ୟକ୍ତି ଥିଲେ ଯେଉଁମାନେ ଆଡ଼ପ ଅବଢ଼ା କିଣି ଆଣି ଶ୍ରଦ୍ଧାଳୁଙ୍କୁ ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ନାକଚଣା ଦ୍ୱାରରେ ବସିଥିବା ଅସହାୟ ବ୍ୟକ୍ତିଙ୍କୁ ମଧ୍ୟ ନିଜେ ଅବଢ଼ା ପରଷି ଦେଉଥିଲେ। ଅଳପ ହେଉ ପଛେ ଆଡ଼ପ ଅବଢ଼ା ପାଇ ତୃପ୍ତ ହେଉଥିଲେ ଭକ୍ତ।

## ନବଦିନାତ୍ମକ ବ୍ରତରେ ମୋକ୍ଷପ୍ରାପ୍ତି

ମହାପ୍ରଭୁଙ୍କ ଘୋଷଯାତ୍ରାଠାରୁ ଅନେକ ବ୍ରତଧାରୀ ୯ ଦିନାତ୍ମକ ହବିଷ୍ୟ ବ୍ରତ କରିଥା'ନ୍ତି। କାହିଁକେଉଁ କାଳରୁ ଏହି ନବଦିନାତ୍ମକ ବ୍ରତ ପାଳନ କରିଆସୁଛନ୍ତି ବ୍ରତଧାରୀ। ବିଶେଷ କରି ସେବାୟତ ଘରର ବୟସ୍କା ମହିଳାମାନେ ଏହି ବ୍ରତ ଅଧିକ କରିଥା'ନ୍ତି। ଇନ୍ଦ୍ରଦ୍ୟୁମ୍ନରେ ବୁଡ଼ ପକାଇ ସଂକଳ୍ପ କରିବା ପରେ ଯଜ୍ଞ ନୃସିଂହଙ୍କୁ ପ୍ରଣାମ କରି ରଥାରୂଢ଼ ବିଗ୍ରହଙ୍କୁ ମଧ୍ୟ ଦର୍ଶନ କରନ୍ତି। ରଥରେ ମହାପ୍ରଭୁଙ୍କୁ ଶୁଖିଲା ଭୋଗ ଲାଗି ହୋଇଥିବାରୁ ବ୍ରତଧାରୀମାନେ ମଧ୍ୟ ଫଳ ଓ ଜଳଖିଆ ଖାଦ୍ୟ ଭାବରେ ଗ୍ରହଣ କରିଥା'ନ୍ତି। ମହାପ୍ରଭୁ ଆଡ଼ପ ମଣ୍ଡପକୁ ବିଜେ କରିବା ପରେ ବ୍ରତଧାରୀମାନେ ମଧ୍ୟ ଆଡ଼ପ ମଣ୍ଡପରେ ଦର୍ଶନ କରି ଆଡ଼ପ ଅବଢ଼ା ସେବନ କରନ୍ତି। ପୁରୀର ଷୋହଳ ଶାସନର ପୁରୁଖା ଲୋକ ଏହି ବ୍ରତ ମଧ୍ୟ କରିଥା'ନ୍ତି। ଏହି ନବଦିନାତ୍ମକ ବ୍ରତ ପାଳନ କରିଲେ ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି।



# ଘଣ୍ଟନାଦରେ କମ୍ପିଉଠେ ପରିବେଶ

ଘଣ୍ଟର ଧ୍ୱନୀ ଶୁଣିଲେ ଦେହରେ ଏକ ପ୍ରକାରର ଶିହରଣ ଖେଳିଯାଏ। ମନ, ଆତ୍ମା ସବୁ ଚିହିଁକି ଉଠିପଡ଼ନ୍ତି। ଏହିଭଳି ମଧ୍ୟ ମହାପ୍ରଭୁଙ୍କର ରଥଯାତ୍ରାରେ ଘଣ୍ଟୁଆମାନଙ୍କ ଘଣ୍ଟନାଦରେ ଚତୁର୍ଦ୍ଦିଗ କମ୍ପି ଉଠେ। ଘଣ୍ଟୁଆମାନେ ଅଣ୍ଟାକୁ ହଲେଇ ହଲେଇ, ନାଚି ନାଚି ସମତାଳରେ ଘଣ୍ଟ ବାଦନ କରୁଥିବାବେଳେ ଗଗନ ପବନ ବି ଏହି ଘଣ୍ଟ ନାଦରେ ପ୍ରକମ୍ପିତ ହୋଇ ଉଠେ। ଏହି ସମତାଳରେ ଘଣ୍ଟ ଶବ୍ଦକୁ ଅନୁଭବ କରିବା ପାଇଁ ଶ୍ରଦ୍ଧାଳୁମାନେ ଚାତକ ପରି ଚାହିଁ ରହିଥା'ନ୍ତି। ମହାପ୍ରଭୁ ଶ୍ରୀମନ୍ଦିରରୁ ପହଣ୍ଡି, ରଥଟଣାବେଳେ ଏହି ଘଣ୍ଟୁଆମାନେ ଶ୍ରଦ୍ଧାଳୁଙ୍କୁ ଭେଟିଦିଅନ୍ତି ଏକ ଆଧ୍ୟାତ୍ମିକ ସିହରଣ। ଏହି ଘଣ୍ଟୁଆ ସେବାକୁ ପ୍ରାୟ ୮୦ରୁ ୯୦ ଜଣ ଘଣ୍ଟୁଆ ଗୋଷ୍ଠୀଗତ ଭାବେ ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଏହି ଘଣ୍ଟନାଦ ସେବା ଯୋଗାଇ ଦିଅନ୍ତି।

ଘଣ୍ଟ ଏକ କାଠିଆରୁ ଆରମ୍ଭ ହୋଇ ୧୬ କାଠିଆ ତାଳରେ ବଜାଯାଇଥାଏ। ଜଣେ ଘଣ୍ଟୁଆ ସେବକ ଏକ ତାଳରେ ଘଣ୍ଟ ବଜାଇଲେ ଏହାକୁ ସମସ୍ତେ ଅନୁକରଣ କରିଥା'ନ୍ତି। ଘଣ୍ଟୁଆମାନେ ନାଚି ନାଚି ଅଣ୍ଟା ହଲେଇ ହଲେଇ ଘଣ୍ଟ ବଜାଇବା ଶୈଳୀ କେଉଁଠି ଦେଖିବାକୁ ମିଳେନାହିଁ। ଏଣୁ ଏହାକୁ ବିଜେଘଣ୍ଟ ବୋଲି କୁହାଯାଇଥାଏ। ରଥଯାତ୍ରା ସମୟରେ ସବୁ ଘଣ୍ଟୁଆଙ୍କୁ ନିଯୋଗ ପକ୍ଷରୁ ନୂଆ ବସ୍ତ୍ର ଓ ଘଣ୍ଟ ଯୋଗାଇ ଦିଆଯାଏ। ଏହି ସେବାରେ ପୁରୀର ୨୪ ଘର ଏବଂ କଟକ ଭଟିମୁଣ୍ଡି ଗାଁର ୧୨ ଘର ନିୟୋଜିତ ହୁଅନ୍ତି। ଆଠ ତାଳରେ ଘଣ୍ଟ ବାଦ୍ୟ ପରିବେଷଣ ହୋଇଥାଏ। ରଥ ଓ ପହଣ୍ଡି ସମୟର ଘଣ୍ଟ ତାଳ ଅଲଗା ଅଲଗା ରହିଥାଏ। ବିଶେଷକରି ପହଣ୍ଡିବେଳେ ତାଳ ମହାପ୍ରଭୁ ଯେତେ ଆଗକୁ ବଢ଼ନ୍ତି ଘଣ୍ଟର ଧ୍ୱନୀ ସେତେ ତୀବ୍ର ହୁଏ। ଏକତାଳି, ଝୁମ୍ପା, ପଟପଟା, ଖଣ୍ଡିକିଆ, ଅଠର, କାଠିଆ, ଘଣ୍ଟବାଦ୍ୟ ପରିବେଷଣବେଳେ ଘଣ୍ଟୁଆଙ୍କ ଅଣ୍ଟା ମଧ୍ୟ ସେହି ଅନୁରୂପ କମନୀୟ ହେଉଥାଏ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।


**ମୀନ:** ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୬୨: କଲିକତା ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୮୭୯: ଭାରତରେ ପୋଷ୍ଟ କାର୍ଡ ପ୍ରଚଳନ ହେଲା।
- ୧୯୨୧- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ହେଲା।
- ୧୯୯୭- ଭାରତର ପ୍ରଥମ ସାଇନ୍ସ ସିଟି କଲିକତାରେ ଖୋଲାଗଲା।
- ୨୦୧୩- କ୍ରୋଏସିଆ ୟୁରୋପୀୟ ସଂଘର ୨୮ ତମ ଦେଶ ହେଲା।
- ୨୦୧୭- ଭାରତରେ ପ୍ରଥମ ଥର ଜିଏସ୍‌ଟି(ବସ୍ତୁ ଏବଂ ସେବା କର) ଲାଗୁ କରାଗଲା।


## ଆଜି ବାହୁଡ଼ିଥିଲେ

# ପଲ୍ଲୀକବି ନନ୍ଦକିଶୋର ବଳ




ନନ୍ଦ କିଶୋର ବଳ ଓଡ଼ିଆ ସାହିତ୍ୟର ପ୍ରାକ୍-ଆଧୁନିକ କାଳର ଜଣେ କବି ଥିଲେ। ସେ ଓଡ଼ିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ 'ପଲ୍ଲୀ କବି' ବୋଲି ସମ୍ବୋଧନ କରାଯାଇଥାଏ। ତାଙ୍କ କବିତାରେ ପଲ୍ଲୀର ଦୃଶ୍ୟ, ପଲ୍ଲୀ ଜୀବନ, ମାଟି ପ୍ରତି ଭଲପାଇବା ଏବଂ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବାର ଆବେଗ ପ୍ରତିଫଳିତ ହୋଇଥାଏ। ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀବୃଦ୍ଧି କରିବାରେ ସେ ନିରନ୍ତର ପ୍ରୟାସ କରିଥିଲେ। ତାଙ୍କ ଲେଖାରେ ପଲ୍ଲୀ ଜୀବନର ସୁନ୍ଦର ଚିତ୍ର ଅତି ନିଖୁଣ ଭାବେ ପ୍ରତିଫଳିତ ହୋଇଥିଲା। ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା। ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ। ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା। ୧୮୭୫ ମସିହା ଡିସେମ୍ବର ୨୨ତାରିଖରେ ନନ୍ଦକିଶୋର କଟକ ଜିଲ୍ଲା କୁସୁପୁର ଗ୍ରାମରେ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା। ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ। ନନ୍ଦକିଶୋର କଲେଜ ପଢ଼ିବା ଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ। ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି। ତାଙ୍କ ସନେଟ୍‌ଗୁଡ଼ିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ଛୋଟ ପିଲାଙ୍କ ପାଇଁ 'ନାନାବାୟା ଗୀତ' ଲେଖି ଓଡ଼ିଶାର ପୁରପଲ୍ଲୀରେ ସେ ପରିଚିତ ଥିଲେ। ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି। ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ। ସେହିପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି। ଶୋକ କବିତା ଲେଖିବାରେ ମାହିର ଥିଲେ ନନ୍ଦକିଶୋର। ସରଳ, ସାବଲୀଳ ଭାଷା ଓ ମନୋରମ ଶବ୍ଦ ସଂଯୋଜନା ତାଙ୍କ ଶୋକ କବିତାର ମୁଖ୍ୟ ବୈଶିଷ୍ଟ୍ୟ ଥିଲା। କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା। ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ। ଗାଉଁଲି ସରଳ ଜୀବନକୁ ଯୌତୁକ ଓ ବାଲ୍ୟବିବାହ କିପରି କଳୁଷିତ କରିଥାଏ, ତାହାର ଛବି ଏଥିରେ ଦେଖିବାକୁ ମିଳିଥାଏ। ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ଉଦ୍ୟମ କରିଥିଲେ। ତାଙ୍କର ଦକ୍ଷତା ଓ କୃତିତ୍ୱକୁ ସ୍ୱୀକୃତି ଜଣାଇ ୧୯୨୪ ମସିହାରେ ଇଂରେଜ ସରକାର ତାଙ୍କୁ "ରାୟ ବାହାଦୂର" ଉପାଧି ପ୍ରଦାନ କରିଥିଲେ।

# ଜାତୀୟ ଚିକିତ୍ସକ ଦିବସ



ମାନବ ସମାଜ ପାଇଁ ଡାକ୍ତରମାନେ ହେଉଛନ୍ତି ଆଶୀର୍ବାଦ ସ୍ୱରୂପ। ଏଥିପାଇଁ ସେମାନଙ୍କୁ ଦ୍ୱିତୀୟ ଭଗବାନର ଆଖ୍ୟା ଦିଆଯାଏ। ଡାକ୍ତରମାନେ ହିଁ ଜଣେ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତ କରିବାରେ ସାହାଯ୍ୟ କରନ୍ତି। ଡାକ୍ତରଙ୍କ ତ୍ୟାଗ ଓ ସମର୍ପିତ ଭାବନାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ରେ 'ଜାତୀୟ ଚିକିତ୍ସକ ଦିବସ' ପାଳନ କରାଯାଇଥାଏ। ଜଣେ ରୋଗୀ ଯେତେବେଳେ ନିଜ ରୋଗ ସହ ଲଢୁଥାଏ ସେତେବେଳେ ତାକୁ ଆରୋଗ୍ୟ କରିବାରେ ଡାକ୍ତରଙ୍କ ଗୁରୁ ଦାୟିତ୍ୱ ରହିଥାଏ। ତେବେ ଡାକ୍ତରମାନଙ୍କ ଏହି ମହାନ ଅବଦାନ, ଉତ୍ସର୍ଗୀକୃତ ସେବା ପାଇଁ ସେମାନଙ୍କୁ କୃତଜ୍ଞତା ଏବଂ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଏ। ଏହା ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ଉଭୟ ଜନ୍ମ ଓ ମୃତ୍ୟୁ ଦିବସ। ୧୮୮୨ ମସିହା ଜୁଲାଇ ୧ ତାରିଖରେ ବିଧାନ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ଓ ୧୯୬୨ରେ ସେହି ଦିନରେ ଅଶୀ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ସେ ତାଙ୍କ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ। ତାଙ୍କର ସମ୍ମାନାର୍ଥେ ତଥା ଡାକ୍ତରମାନଙ୍କ ତ୍ୟାଗ, ସେବା, ଚିକିତ୍ସାକୁ ଉଚିତ ସମ୍ମାନ ପ୍ରଦର୍ଶନ ନିମନ୍ତେ ୧୯୯୧ ମସିହାରେ ପ୍ରଥମ ଥର ପାଇଁ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଇଥିଲା। ପ୍ରତିବର୍ଷ ଏହି ବିଶେଷ ଦିନ ପାଳନ କରିବାକୁ ଏକ ଥିମ୍ ରଖାଯାଏ। ଚଳିତବର୍ଷର ଥିମ୍ ରହିଛି- "Behind the Mask: Who Heals the Healers?"।

# ସୌରଭଙ୍କ ବାୟୋପିକ୍‌ରେ ରାଜକୁମାର



ବଲିଉଡ୍ ଅଭିନେତା ରାଜକୁମାର ରାଓ ଖୁବ୍‌ଶୀଘ୍ର ପୂର୍ବତନ ଭାରତୀୟ କ୍ରିକେଟର୍ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍‌ରେ ନଜର ଆସିବେ। ନିକଟରେ ଖୋଦ୍ ରାଜକୁମାର ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଏକଥା କହିଛନ୍ତି। ରାଜକୁମାର କହିଥିଲେ ଯେ, " ଦାଦା ଯେତେବେଳେ କହି ସାରିଲେଣି, ମୁଁ ବି କହିଦେଉଛି। ହଁ ମୁଁ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍‌ରେ ଅଭିନୟ କରୁଛି। ଏହା ମୋ ପାଇଁ ଗୁରୁ ଦାୟିତ୍ୱ। ଏଥିପାଇଁ ମୁଁ ନର୍ଭସ୍ ମଧ୍ୟ ଅଛି। ଏଥିରେ ଅଭିନୟ କରିବାବେଳେ ବହୁତ ମଜା ମଧ୍ୟ ଲାଗିବ।"

କିଛି ଦିନ ପୂର୍ବରୁ ସୌରଭ ଏକ ସାକ୍ଷତକାରରେ କହିଥିଲେ ଯେ, 'ମୋ ବାୟୋପିକ୍ ପାଇଁ ରାଜକୁମାର ସବୁଠୁ ଭଲ କଳାକାର ହେବେ।' ଏହାର ସୁଟିଂ ୨୦୨୬ରେ ହେବ ଓ ଏହା ଡିସେମ୍ବର ୨୦୨୬ରେ ମୁକ୍ତିଲାଭ କରିବ ବୋଲି ସେ କହିଥିଲେ। ହେଲେ ଏଯାଏଁ ଫିଲ୍ମର ନିର୍ଦ୍ଦେଶକ ଅନ୍ୟ କଳାକାରଙ୍କ ସମ୍ପର୍କରେ ଘୋଷଣା କରି ନାହାନ୍ତି। ତେବେ ବିକ୍ରମାଦିତ୍ୟ ମୋଟୱାନି ଏହାର ନିର୍ଦ୍ଦେଶନା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାପୂର୍ବରୁ ରାଜକୁମାର ବିକ୍ରମାଦିତ୍ୟଙ୍କ ଫିଲ୍ମ 'ଟ୍ରାପ୍‌ଡ'ରେ କାମ କରିଥିଲେ।





# ଫଟୋରୁ ଜାଣିହେବ ଛେଳିର ଓଜନ



ଏଆଇ ଦିନକୁ ଦିନ ଦ୍ରୁତ ଗତିରେ ବିକଶିତ ହେଉଛି। ଏଆଇ କୃଷି ଯାନ୍ତ୍ରିକରଣରେ ଦକ୍ଷତା, ଉତ୍ପାଦକତା, ପାଣିପାଗର ସଠିକ୍ ପୂର୍ବାନୁମାନ, ମୃତ୍ତିକା ପରୀକ୍ଷଣ, ସାର ବା କୀଟନାଶକ ଆବଶ୍ୟକ, ତାହା ବତାଇପାରିବ। ଏହି କ୍ରମରେ ଏବେ ଛେଳିପାଳନରେ ଏଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାଧାରଣତଃ ଛେଳିର ଓଜନ ଅନୁଯାୟୀ ମୂଲ୍ୟ ମିଳିଥାଏ। ବେଳେ ବେଳେ ଛେଳିର ଅଧିକ ଓଜନ ଥାଇ ବି ଛେଳିପାଳକ ଉଚିତ ମୂଲ୍ୟ ପାଇ ପାରନ୍ତିନି। ତେଣୁ କେନ୍ଦ୍ରୀୟ ଛେଳି ଗବେଷଣା ପ୍ରତିଷ୍ଠାନ (ସିଆଇଆର୍‌ଜି) ଏଆଇ ଆଧାରିତ ସ୍ମାର୍ଟଫୋନ୍ ଆପ୍ ବିକଶିତ କରିଛନ୍ତି। ଏହି ଆପ୍ ଜରିଆରେ ଏବେ ଛେଳିପାଳକ ଭିନ୍ନ ଭିନ୍ନ କୋଣରୁ ଛେଳିର ଫଟୋ ନେଇ ଏହାର ସଠିକ୍ ଓଜନ ଏବଂ ଦାମ୍ ବିଷୟରେ ଜାଣିପାରିବେ। ଫଳରେ ଛେଳିପାଳକଙ୍କୁ ଆଉ ତୃତୀୟ ପାର୍ଟି ଲୋକ ଠକି ପାରିବେନି। ସିଆଇଆର୍‌ଜି ନିର୍ଦ୍ଦେଶକ ଡା ମନୀଷ କୁମାର ଚଟଲୀ କୁହନ୍ତି, ଏହି ଆପ୍ ୩ରୁ ୪ ମାସମଧ୍ୟରେ ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ହୋଇପାରେ। ଏହାର ଉପଯୋଗ ବହୁତ ସରଳ। ତେଣୁ କ୍ଷୁଦ୍ର ଏବଂ ମଧ୍ୟମ ଚାଷୀଙ୍କ ପାଇଁ ଏହା ଅଧିକ ଲାଭଦାୟକ ହେବ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ



- ଖରିଫ ମକା/ଡାଲିଜାତୀୟ ଫସଲରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ୬ଧାଡ଼ି ଚିନାବାଦାମ ସହିତ ୨ ଧାଡ଼ି ହରଡ଼ ସମ ବ୍ୟବଧାନରେ ଅନ୍ତଃ ଫସଲ ହିସାବରେ ଚାଷ କଲେ ଯବକ୍ଷାରଜାନ ସାର ମିଳିବା ସହିତ ଉପକାରୀ କୀଟମାନଙ୍କର ସଂରକ୍ଷଣ ଓ ବଂଶ ବୃଦ୍ଧି ହୋଇଥାଏ।
- ଏକ ଏକର ମକା ଚାଷ ପାଇଁ ୬ରୁ ୭ କିଗ୍ରା ବିହନ ଦରକାର ପଡ଼ିଥାଏ। ଉପଯୁକ୍ତ ଗଛ ସଂଖ୍ୟା ରଖିବା ପାଇଁ ମକା ବିହନକୁ ବିହନ ବୁଣାଯନ୍ତ୍ର ବ୍ୟବହାର କରି ଲଙ୍ଗଳ ସିଆର ପଛରେ ଧାଡ଼ିରେ ୪ରୁ ୫ସେମି ଗଭୀରରେ ବୁଣନ୍ତୁ।
- ବର୍ଷାଛାଡ଼ିଗଲା ପରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ କପର ହାଇଡ୍ରୋକ୍ସାଇଡ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାରବେନଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ।

# ରାଗ ଲଙ୍କା





**ଲଙ୍କା ଏକ ଅର୍ଥକରୀ ଫସଲ। ଭାରତୀୟ ଜଳବାୟୁରେ ଭିନ୍ନ ଭିନ୍ନ ସ୍ଥାନରେ ଲଙ୍କା ଚାଷ କରାଯାଇଥାଏ। ତନ୍ମଧ୍ୟରୁ କିଛି ଲଙ୍କା ସବୁଠାରୁ ରାଗ ଲଙ୍କା ଭାବେ ମାନ୍ୟତା ପାଇଛି। ତେବେ ଭାରତକୁ ବାଦ୍ ଦେଲେ, ବିଶ୍ୱର ଭିନ୍ନ ଭିନ୍ନ ସ୍ଥାନରେ ମଧ୍ୟ ଲଙ୍କା ଚାଷ କରାଯାଇଥାଏ। ତେବେ ଏହି ରାଗ ଲଙ୍କାର ବିଶେଷତ୍ୱ କ'ଣ, ଏହି ଲଙ୍କା ଚାଷ କରି ଜଣେ ଲାଭବାନ ହୋଇପାରିବେ କି ନାହିଁ ଜାଣିବା...**

**ଭୂତ ଜୋଲୋକିଆ:** ପୂର୍ବୋତ୍ତର ଭାରତ ଯଥା- ଆସାମ, ନାଗାଲାଣ୍ଡ ଏବଂ ମଣିପୁରରେ ଚାଷ କରାଯାଉଥିବା ଭୂତ ଜୋଲୋକିଆ ବିଶ୍ୱର ସବୁଠୁ ରାଗୁଆ ଲଙ୍କା ଭାବେ ଗିନିଜ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଏହାକୁ "ଘୋଷ୍ଟ ପେପର, ରାଜା ମିର୍ଚ୍ଚ, କିଙ୍ଗ ମିର୍ଚ୍ଚ କୁହାଯାଏ। ଏହି ଲଙ୍କା ଛୁଇଁଲେ ହାତ ଜଳାପୋଡ଼ା ହୁଏ। ଏହି ଲଙ୍କାକୁ ୧୦ଲକ୍ଷରୁ ଅଧିକ ସ୍କୋଭିଲ ୟୁନିଟ୍ (ଏସ୍‌ଏଚ୍‌ୟୁ)ରେ ମାପ କରାଯାଇଛି। ଆଚାର, ସସ୍, ପାଉଡର, ତେଲ ଆଦି ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ଏହି ଲଙ୍କା ଚାଷ ପାଇଁ ନିଗିଡ଼ା, ବାଲିଆ ଦୋରସା ମାଟି ସର୍ବୋତ୍ତମ। ୨୦ରୁ ୩୦ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରା, ୭୦% ଆର୍ଦ୍ରତାରେ ଚାଷ ଭଲ ହୁଏ। ଫସଲରେ ଜୈବିକ ଖତ ଯଥା ପ୍ରୟୋଗ କରାଯାଏ। ନିୟମିତ ହାଲୁକା ଜଳ ସିଞ୍ଚନ କରାଗଲେ ଗଛ ଲଗାଇବାର ୭୫ରୁ ୯୦ ଦିନରେ ଫଳ ପ୍ରଥମ ଅମଳଯୋଗ୍ୟ ହୋଇଥାଏ। ଏକ ଏକର ଜମିରେ ୮ରୁ ୧୦ କ୍ୱିଣ୍ଟାଲ ଲଙ୍କା ଉତ୍ପାଦନ ହୁଏ। କିଲୋପ୍ରତି ୫୦୦୦ରୁ ୭୦୦୦ ଟଙ୍କା ବିକ୍ରି ହୁଏ। ଏହି ଲଙ୍କାକୁ ଶୁଖାଇ କିମ୍ବା ପ୍ରକ୍ରିୟାକୃତ ଉତ୍ପାଦ ରୂପେ ବିକ୍ରି କଲେ ଏଥିରୁ ଅଧିକ ଲାଭ ମିଳିଥାଏ।

**କାରୋଲିନା ରିପର:** ଆମେରିକାର ଏଡକରି ଏହାକୁ ବିକଶିତ କରିଥିଲେ। ୨୦୧୩ରେ ଗିନିଜ ବିଶ୍ୱ ରେକର୍ଡସ ଏହାକୁ ବିଶ୍ୱର ସବୁଠୁ ରାଗ ଲଙ୍କା ବୋଲି ଦାବି କରିଥିଲା। ଏହି ଲଙ୍କାରେ ୧୬, ୪୦,୦୦୦ ଏସ୍‌ଏଚ୍‌ୟୁ (ରାଗର ଏକକ) ରହିଛି। ଦକ୍ଷିଣ କାରୋଲିନା, ଆମେରିକାରେ ଏହି ଚାଷ ହୁଏ। ଚାଷ ପାଇଁ ଆର୍ଦ୍ର ଜଳବାୟୁ, ଜଳନିଷ୍କାସିତ ମାଟି ଏବଂ ସୂର୍ଯ୍ୟକିରଣର ଆବଶ୍ୟକତା ଥାଏ। ୧୨ରୁ ୧୬ ଇଞ୍ଚ କୁଣ୍ଡରେ ମଞ୍ଜିରୁ ଗଜା କରି ଚାଷ କରାଯାଇଥାଏ। ଗରମ ସସ୍ ଏବଂ ମସଲା ପାଉଡରରେ ଏହାକୁ ବ୍ୟବହାର କରାଯାଏ। ଏହି ଲଙ୍କାର ଚାହିଦା ମଧ୍ୟ ଅଧିକ।

**ପିପରଏକ୍ସ:** ଆମେରିକାର ଏଡ୍ କରି କାରୋଲିନା ରିପର ସହ ମିଶାଇ ଏହି ରାଗୁଆ ଲଙ୍କା ବିକଶିତ କରିଥିଲେ। ମୁଖ୍ୟତଃ ଏହି ଲଙ୍କା ସସ୍, ଚଟ୍‌ନୀ ଏବଂ ମସଲାଯୁକ୍ତ ଖାଦ୍ୟ ବନାଇବାରେ ଉପଯୋଗ କରାଯାଏ। ବିଭିନ୍ନ ଜଳବାୟୁରେ ଏହି ଚାଷ କରାଯାଇପାରେ। ଏହି ଲଙ୍କା ସବୁଠୁ ରାଗ ଲଙ୍କା ଭାବେ ୨୦୨୩ ମସିହାରେ ଗିନିଜ୍ ବିଶ୍ୱ ରେକର୍ଡରେ ସାମିଲ ହୋଇଥିଲା। ଏହି ଲଙ୍କାରେ ୨୬, ୯୩,୦୦୦ଏସ୍‌ଏଚ୍‌ୟୁ ରହିଛି। ଏହି ଲଙ୍କାର ଡିମାଣ୍ଡ ମଧ୍ୟ ଅଧିକ।

**ତ୍ରିନିଦାଦ ମୋରୁଗା ସ୍କର୍ପିୟନ:** ବିଶ୍ୱର ରାଗୁଆ ଲଙ୍କା ତ୍ରିନିଦାଦ ମୋରୁଗା ସ୍କର୍ପିୟନ ତ୍ରିନିଦାଦ ଏବଂ ଟୋବାଗୋ ଅଞ୍ଚଳରେ ଚାଷ କରାଯାଇଥାଏ। ମୁଖ୍ୟତଃ ୯୦ରୁ ୧୦୦ ଦିନ ମଧ୍ୟରେ ଲଙ୍କା ପ୍ରଥମ ଅମଳଯୋଗ୍ୟ ହୋଇଥାଏ। ନାରଙ୍ଗୀ- ଲାଲ୍ ରଙ୍ଗର ଏହି ଲଙ୍କା ବହୁତ ନରମ। ଏହି ଲଙ୍କା ବହୁତ ରାଗ।

**ଡ୍ରାଗନ୍ସ ବ୍ରିଥ୍:** ୟୁକେ ନିବାସୀ ମାଇକ୍ ସ୍ମିଥ୍ ନଟିଂହାମ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ସହ ମିଳିତ ଭାବେ ଏହି ଲଙ୍କା ବିକଶିତ କରିଥିଲେ। ଏହି ଲଙ୍କା ସବୁଠୁ ରାଗୁଆ ଲଙ୍କା ବୋଲି ବିବେଚନା କରାଯାଏ। ଅନ୍ୟ ଲଙ୍କା ତୁଳନାରେ ଏହା ୨୦୦୦ ଗୁଣ ଅଧିକ ରାଗ। ଜିଭରେ ବାଜିଲେ ଏହା ଜଳାପୋଡ଼ା ହୁଏ। ଏହା ଖାଦ୍ୟପେୟ ପାଇଁ ବ୍ୟବହାର କରାଯାଏନି।

**୭ପଟ୍ ଡଗଲା:** ଏହି ଲଙ୍କା ତ୍ରିନିଦାଦ ଦ୍ୱୀପ ଏବଂ ଟୋବାଗୋରେ ଚାଷ କରାଯାଇଥାଏ। ଏହି ଲଙ୍କା ୭ଟି ପାତ୍ର ଭୋଜନକୁ ରାଗ କରିପାରୁଥିବାରୁ ଏହାର ନାଁ ଏମିତି ରଖାଯାଇଛି।

**ନାଗା ଭାଇପର:** ଭୂତ ଜୋଲୋକିଆ, ତ୍ରିନିଦାଦ ସ୍କର୍ପିୟନ୍ ଆଦି ଲଙ୍କାକୁ ମିଶାଇ ଇଂଲଣ୍ଡର ଗେରାଲ୍ଡ ଫାଉଲର ଏହି ରାଗ ଲଙ୍କା ବିକଶିତ କରିଥିଲେ। ଏହା ସବୁଠୁ ରାଗ ଲଙ୍କା ତାଲିକାରେ ମଧ୍ୟ ସାମିଲ ରହିଛି। ସେହିପରି ୟୁକେର ଇନ୍‌ଫିନିଟ୍ ଲଙ୍କା, ୭ପଟ ପ୍ରିମୋ, ଗୁଣ୍ଟୁର ଲଙ୍କା ଅତ୍ୟଧିକ ରାଗ ପାଇଁ ଖ୍ୟାତି ଅର୍ଜିଛି।

# ଏଫ୍‌ପିଓ ଗଢ଼ୁଛନ୍ତି ଶୀତଳ ଭଣ୍ଡାର ଭବିଷ୍ୟତ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ ଏକ୍ସଲେନ୍ସ) ଦ୍ୱାରା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ କୃଷକ ଉତ୍ପାଦକ ସଂଗଠନ( ଏଫପିଓ) ଗୁଡ଼ିକ ନିମନ୍ତେ ଶୀତଳ ଭଣ୍ଡାର ନିର୍ମାଣ ଲାଗି ଆର୍ଥିକ ସହାୟତା ଯୋଗାଇଦେବେ ସରକାର। ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ର, ସିବିବିଓ, ସମ୍ପୃକ୍ତ ସରକାରୀ ଓ ଘରୋଇ ବିଭାଗ, କୃଷକ ଉତ୍ପାଦକ ସଂଗଠନ ଓ ଯୋଜନା କାର୍ଯ୍ୟନ୍ୱୟ ଏଜେନ୍ସି ପ୍ରତିନିଧିଙ୍କୁ ନେଇ ଭୁବନଶ୍ୱରସ୍ଥିତ ଓୟୁଏଟି ନେତୃତ୍ୱରେ ଏକ ବୈଠକ ହୋଇଥିଲା।

ସେଣ୍ଟର ଅଫ ଏକ୍ସଲେନ୍ସର ଅନୁସନ୍ଧାନକାରୀ ତଥା ଯୁଗ୍ମ ନିର୍ଦ୍ଦେଶିକା ସମ୍ପ୍ରସାରଣ, ଓୟୁଏଟି ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଶୀତଳ ଭଣ୍ଡାର ସ୍ଥାପନ ପାଇଁ ୬.୫ କୋଟି ଏବଂ ଜମି ପାଇଁ ୬୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡ଼ି ମିଳିବାର ସରକାରୀ ସୁବିଧା ଥିବା ଆପିକଲର ସ୍କିମ୍ ଅଫିସର ଚିନ୍ମୟ ବେହେରା କହିଛନ୍ତି। ଶୀତଳ ଭଣ୍ଡାର ଅତି କମ୍‌ରେ ୫୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ହେବା ଦରକାର। କମ୍ ସୁଧ ଋଣ ଏବଂ ପୁରୁଣା ଶୀତଳ ଭଣ୍ଡାରର ପୁନରୁଦ୍ଧାର ପାଇଁ ୧.୫ କୋଟି ସହାୟତା ଦେବାକୁ ଆପିକଲ୍ ବ୍ୟାଙ୍କ ସହିତ ଯୋଗାଯୋଗ କରିଛି। ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଉଭୟ କୃଷକ ଉତ୍ପାଦକ ସଂଗଠନ ଏବଂ ଘରୋଇ ସଂସ୍ଥାମାନେ ଆବେଦନ କରିପାରିବେ। ଏହି ଯୋଜନାରେ ୨୫୨ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା ରହିଛି। ଏଥିନିମନ୍ତେ ଗୋ -ସୁଗମ (GO-Sugam)ପୋର୍ଟାଲ ମାଧ୍ୟମରେ ଆବେଦନ କରାଯାଇଥାଏ। ଆଗାମୀ ଦିନରେ ଏଫ୍‌ପିଓମାନଙ୍କୁ ଏହି ଯୋଜନାରେ ସାମିଲ କରି ସେମାନଙ୍କୁ ମଧ୍ୟ ଶୀତଳ ଭଣ୍ଡାର ତିଆରି କରିବାର ସୁଯୋଗ ଦିଆଯିବ।

● ୪୦ ବର୍ଷ ବୟସ ପରେ ଟି-୨୦ରେ ୨ଟି ଶତକ

## ଡୁ ପ୍ଲେସିସ୍ ବିଶ୍ୱର ପ୍ରଥମ ବ୍ୟାଟର୍

ଡଲାସ୍, ୩୦।୬ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର୍ ଫାଫ୍ ଡୁ ପ୍ଲେସିସ୍ ବିଶ୍ୱର ପ୍ରଥମ ବ୍ୟାଟର୍ ଭାବେ ୪୦ ବର୍ଷ ବୟସ ଅତିକ୍ରାନ୍ତ କରିସାରିବା ପରେ ଟି-୨୦ରେ ଦୁଇଟି ଶତକ ହାସଲ କରିବାର ବିରଳ କୀର୍ତ୍ତିମାନ କରିଛନ୍ତି। ଆମେରିକାରେ ଚାଲିଥିବା ମେଜର କ୍ରିକେଟ୍ ଲିଗ୍ (ଏମ୍‌ସିଏଲ୍)ରେ ସୋମବାର ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ନ୍ୟୁୟର୍କ ଦଳ ବିପକ୍ଷରେ ଶତକ ଅର୍ଜନ କରି ଡୁ ପ୍ଲେସିସ୍ ଏହି ସଫଳତା ପାଇଛନ୍ତି। ଏହି ମ୍ୟାଚରେ ଡୁ ପ୍ଲେସିସ୍ ୯ ଛକା ଓ ୫ ଚୌକା ବଳରେ ୫୩ ବଲରେ ୧୦୩ ରନ କରିଥିଲେ। ଫଳରେ ତାଙ୍କ ଦଳ ଟେକ୍ସାସ ସୁପର୍ କିଙ୍ଗ୍‌ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୩ ରନ କରିଥିଲା। ଜବାବରେ ଏମ୍‌ଆଇ ନ୍ୟୁୟର୍କ କାଇରନ ପୋଲାର୍ଡଙ୍କ ୭୦ ରନ ସତ୍ତ୍ୱେ ୯ ୱିକେଟ୍‌ରେ ୧୮୯ ରନ କରି ପରାସ୍ତ ହୋଇଥିଲା। ୪୦ ବର୍ଷୀୟ ଡୁ ପ୍ଲେସିସ୍ ଏମ୍‌ସିଏଲ୍‌ର ଚଳିତ ସିଜନରେ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଏଥିପୂର୍ବରୁ ଜୁନ ୨୦ରେ ସେ ସାନ୍ ଫ୍ରାନସିସ୍କୋ ଦଳ ବିପକ୍ଷରେ ୫୧ ବଲରେ ୧୦୦ ରନ କରିଥିଲେ। ସେତେବେଳେ ଡୁ ପ୍ଲେସିସ୍‌ଙ୍କୁ ୪୦ ବର୍ଷ ୩୪୨ ଦିନ ହୋଇଥିଲା। ଏହାର ୧୧ ଦିନ ପରେ ସେ ଦ୍ୱିତୀୟ ଶତକ ଅର୍ଜନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୪୦ ବର୍ଷ ବୟସ ପରେ ଟି-୨୦ କ୍ରିକେଟ୍‌ରେ ଶତକ ହାସଲ କରିବାରେ ଇଂଲଣ୍ଡର ଗ୍ରାଏମ ହିକ୍ ପ୍ରଥମ ବ୍ୟାଟର୍ ଥିଲେ।



● ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ

## ଆୟୁଷ ଜିତିଲେ ପ୍ରଥମ ଟାଇଟଲ୍

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଆୟୁଷ ସେଟ୍ଟୀ ଚାମ୍ପିଅନ ହୋଇଛନ୍ତି। ସେହିଭଳି ମହିଳା ସିଙ୍ଗଲ୍ସ ଫାଇନାଲରେ ତନଭୀ ଶର୍ମା ପରାଜୟର ସମ୍ମୁଖୀନ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ସୋମବାର ସକାଳେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆୟୁଷ ୨୧-୧୮, ୨୧-୧୩ ସିଧାସଳଖ ଗେମ୍‌ରେ କାନାଡାର ବ୍ରିଆନ ୟଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ୨୦ ବର୍ଷୀୟ ଆୟୁଷଙ୍କ କ୍ୟାରିୟରର ଏହା ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍। ସେହିଭଳି ବିଶ୍ୱ ମାନ୍ୟତାର ୩୪ତମ ସ୍ଥାନରେ ରହିଥିବା ଆୟୁଷ ଚଳିତ ବର୍ଷ ପ୍ରଥମ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ କୌଣସି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଶେଷଥର ଲାଗି ଲକ୍ଷ୍ୟ ସେନ ୨୦୨୩ରେ କାନାଡା ଓପନ୍‌ରେ ଚାମ୍ପିଅନ ହୋଇଥିଲେ।



● ଦ୍ୱିତୀୟ ୟୁଥ୍ ଦିନିକିଆ

## ଭାରତୀୟ ବ୍ୟାଟର୍‌ଙ୍କ ମିଳିତ ସଫଳତା

ନର୍ଥାମ୍ପଟନ, ୩୦।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ୟୁଥ୍ (୧୯ ବର୍ଷରୁ କମ୍) ଦିନିକିଆ ମ୍ୟାଚରେ ଭାରତୀୟ ବ୍ୟାଟର୍‌ଙ୍କ ମିଳିତ ସଫଳତା ଦେଖିବାକୁ ମିଳିଛି। ସ୍ଥାନୀୟ କାଉଣ୍ଟି ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତୀୟ ୟୁଥ୍ ଦଳ ୪୯ ଓଭରରେ ୨୯୦ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ସମସ୍ତ ଆଗ ଧାଡ଼ିର ବ୍ୟାଟର୍ ଉପଯୋଗୀ ପାଳି ଖେଳିଥିଲେ। ବିହାନ ମାଲ୍‌ହୋତ୍ରା ସର୍ବାଧିକ ୪୯, ରାହୁଲ କୁମାର ୪୭ ଓ କନିଷ୍କ ଚୌହାନ ୪୫ ରନ କରିଥିଲେ। ପ୍ରଥମ ମ୍ୟାଚରେ ୧୯ ବଲରେ ୪୮ ରନର ଦ୍ରୁତ ପାଳି ଖେଳିଥିବା ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀ ଆଜି ମଧ୍ୟ ୪୫ ରନ କରି ଆଉଟ୍ ହୋଇଥିଲେ। ତେବେ ଅଧିନାୟକ ତଥା ଚେନ୍ନାଇ ସୁପର୍ କିଙ୍ଗ୍‌ସ ବ୍ୟାଟର୍ ଆୟୁଷ ମହାତ୍ରେ ଖାତା ଖୋଲିବା ପୂର୍ବରୁ ପ୍ରଥମ ବଲ୍‌ରେ ଆଉଟ୍ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ୟୁଥ୍ ପକ୍ଷରୁ ଏଏମ୍ ଫ୍ରେଞ୍ଚ ୪ ଏବଂ ଜ୍ୟାକ୍ ହୋମ୍ ଓ ଆଲେକ୍ସ ଗ୍ରୀନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଏହି ଚ୍ୟାଲେଞ୍ଜିଂ ଲକ୍ଷ୍ୟକୁ ପିଛା କରିଥିବା ଇଂଲଣ୍ଡ ଶେଷ ଖବର ସୁଦ୍ଧା ୧୫ ଓଭରରେ ୩ ୱିକେଟ୍ ହରାଇ ୬୫ ରନ ସଂଗ୍ରହ କରିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୬ ୱିକେଟ୍‌ରେ ଜିତି ଭାରତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି।



### ଗୋଟିଏ ଦିନ ପରେ ଦ୍ୱିତୀୟ ଟେଷ୍ଟ ମୁକାବିଲା

# ଇଂଲଣ୍ଡ ଦଳ ଘୋଷଣା; ଦ୍ୱନ୍ଦ୍ୱରେ ଭାରତ

ଏଜ୍‌ବାଷ୍ଟନ,୩୦।୬ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଠାରେ ଆସନ୍ତା ବୁଧବାର ଖେଳାଯିବ। ଏହା ପୂର୍ବରୁ ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତର ପ୍ରଭାବୀ ପ୍ରଦର୍ଶନକୁ ପ୍ରତିହତ କରି ଇଂଲଣ୍ଡ ବାଜି ମାରିନେଇଥିଲା। ଯାହା ଫଳରେ ଭାରତର ରଣନୀତି ଓ ପ୍ରଦର୍ଶନ ଫେଲ ମାରିଥିଲା। ଏବେ ସିରିଜ୍‌ରେ ଦ୍ୱିତୀୟ ମୁକାବିଲା ଲାଗି ଇଂଲଣ୍ଡ ଦଳ ପ୍ରଥମ ଟେଷ୍ଟ ଭଳି ଗୋଟିଏ ଦିନ ଆଗରୁ ତାହାର ଚୂଡାନ୍ତ ଦଳ ଘୋଷଣା କରିଛି। ପ୍ରଥମ ଟେଷ୍ଟକୁ ୫ ୱିକେଟରେ ଜିତିଥିବା ଇଂଲଣ୍ଡ ଦଳରେ କୌଣସି ଖେଳାଳି ପରିବର୍ତ୍ତନ କରାଯାଇ ନାହିଁ। ବିଶେଷ କରି ଦଳରେ ଜଣେ ଅଧିକ ଖେଳାଳିଭାବେ ସାମିଲ ହୋଇଥିବା ଜୋଫ୍ରା ଆର୍ଚରଙ୍କୁ ମଧ୍ୟ ଏହି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଅନ୍ୟ ପକ୍ଷରେ ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟରେ ମଧ୍ୟ ଦଳ କାହାକୁ ସାମିଲ କରିବ ଓ କାହାକୁ ବାଦ୍ ଦେବ ତାହାକୁ ନେଇ ଭାରତୀୟ ଦଳ ଦ୍ୱନ୍ଦ୍ୱରେ ରହିଛି। ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି ଭାରତୀୟ ଦଳର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ନେଇ। ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳାଇବ କି ନାହିଁ ତାହାକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ ରହିଛନ୍ତି। ଭାରତ ତାହାର ରଣନୀତି ଆଗୁଆ ପ୍ରସ୍ତୁତ କରିପାରୁ ନାହିଁ।



### ବୁମ୍‌ରାଙ୍କୁ ନେଇ ଆଶଙ୍କା

ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ପୂର୍ବପରି ଫିଟ୍ ନାହାନ୍ତି। ଏଣୁ ସିରିଜ୍ ପୂର୍ବରୁ ତାଙ୍କୁ ୫ଟି ମଧ୍ୟରୁ ୩ଟି ଖେଳାଇବାକୁ ଭାରତର ହେଡ୍ କୋଚ୍ ଗୌତମ ଗମ୍ଭୀର କହିଥିଲେ। କିନ୍ତୁ ସେ କେଉଁ ଦୁଇଟି ଟେଷ୍ଟ ଖେଳିବେ ନାହିଁ ତାହା ବୁମ୍‌ରାଙ୍କ ଫିଟନେସ ଉପରେ ନିର୍ଭର କରେ ବୋଲି ପ୍ରଥମ ଟେଷ୍ଟ ହାରିଯିବା ପରେ ଚାପରେ ପଡ଼ି ଗମ୍ଭୀର କହିଥିଲେ। ଏହା ମଧ୍ୟରେ ବୁମ୍‌ରା ଆଜିକୁ ମିଶାଇ ଜୋରଦାର ଅଭ୍ୟାସ କରିଛନ୍ତି। ଯୋଜନା ଅନୁଯାୟୀ ସେ ଏହି ଟେଷ୍ଟରେ ଖେଳି ନ ଥାନ୍ତେ। କିନ୍ତୁ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ଯେପରି ଦୟନୀୟ ହୋଇଥିଲା, ତାହାକୁ ଦେଖିଲେ ବୁମ୍‌ରାଙ୍କ ବିନା ଭାରତ ଦ୍ୱିତୀୟ ଟେଷ୍ଟକୁ ଜିତିବାର ଆଦୌ ସମ୍ଭାବନା ରହିବ ନାହିଁ। ଏ ସମ୍ପର୍କରେ ପୂର୍ବତନ ହେଡ୍ କୋଚ୍ ରବି ଶାସ୍ତ୍ରୀ ମଧ୍ୟ ଖୋଲାଖୋଲି ବୁମ୍‌ରାଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳାଇବା ସମ୍ପର୍କରେ କହିଥିଲେ। ବୁମ୍‌ରାଙ୍କୁ ଦଳରୁ ବାଦ୍ ଦେବା ପୂର୍ବରୁ ଦୁଇଥର ଚିନ୍ତା କରିବାକୁ ଶାସ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଭଳି ସ୍ଥିତିରେ ଭାରତୀୟ ଏକାଦଶରେ କାହାକୁ ସାମିଲ କରାଯିବ, କାହାକୁ ବାଦ୍ ଦିଆଯିବା ତାହା ଟିମ୍ ମ୍ୟାନେଜମେଣ୍ଟ ଲାଗି ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

● ଭାରତର ଦୁଇ ସ୍ପିନର ଖେଳିବେ

ଏହି ଟେଷ୍ଟ ଲାଗି ପ୍ରଥମଥର ଭାରତୀୟ ଦଳର ସମସ୍ତ ଖେଳାଳି ପଡ଼ିଆରେ ଅଭ୍ୟାସ କରିଥିଲେ। ବୁମ୍‌ରା କମ୍ ବୋଲିଂ କରିଥିଲାବେଳେ କୋଚ୍ ଗମ୍ଭୀରଙ୍କ ସହ ବେଶି ସମୟ ଆଲୋଚନା କରିଥିଲେ। କିନ୍ତୁ ଦଳର ଅନ୍ୟ ପେସ୍ ବୋଲର ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଆକାଶ ଦୀପ ଜୋରଦାର ଅଭ୍ୟାସ କରିଛନ୍ତି। ଅଭ୍ୟାସ ଶେଷରେ ସହକାରୀ କୋଚ୍ ରିୟାନ ଟେନ୍ ଡୋଶ୍ଚେଟ ମଧ୍ୟ ଗଣମାଧ୍ୟମ ଆଗରେ ଭାରତର ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଆମେ ଏହି ଟେଷ୍ଟରେ କିଏ ଖେଳିବ କି ନାହିଁ ତାହା ସ୍ଥିର କରି ନାହୁଁ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ସହକାରୀ କୋଚ୍ ଡୋଶ୍ଚେଟ୍। କିନ୍ତୁ ଏହି ମ୍ୟାଚ୍‌ରେ ଦୁଇଜଣ ସ୍ପିନର ଖେଳିବା ପ୍ରାୟ ନିଶ୍ଚିତ କରାଯାଇଛି। କିନ୍ତୁ ସେହି ସ୍ପିନର ବୋଲର ଦୁଇଜଣ କିଏ ତାହା ଜଣାଇ ନାହାନ୍ତି। ଆଜି ଦଳରେ ସ୍ଥାନ ପାଇଥିବା ସ୍ପିନରଙ୍କ ମଧ୍ୟରୁ କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ଜୋରଦାର ଅଭ୍ୟାସ କରିଥିଲେ। ୱାସି ବହୁତ ଭଲ ବ୍ୟାଟିଂ କରୁଛନ୍ତି ବୋଲି ଡୋଶ୍ଚେଟ କହିଛନ୍ତି। କିନ୍ତୁ ରବୀନ୍ଦ୍ର ଜାଡେଜାଙ୍କୁ ବାଦ୍ ଦେବା ସମ୍ପର୍କରେ ସେ କିଛି ସୂଚନା ଦେଇ ନାହିଁ। ଏହି ଟେଷ୍ଟରେ ବୁମ୍‌ରା ଓ ଶାର୍ଦ୍ଦୁଳ ଠାକୁରଙ୍କ ବଦଳରେ ଦୁଇଜଣ ଖେଳାଳି ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି ଡୋଶ୍ଚେଟ୍। ଏହି ଟେଷ୍ଟ ଲାଗି ଜଣେ ଅଧିକ ଖେଳାଳି ଭାବେ ଜୋଫ୍ରା ଆର୍ଚରଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ଘରୋଇ କାମରେ ବ୍ୟସ୍ତ ରହିବାରୁ ସେ ଠିକ୍ ସମୟରେ ଟିମ୍‌ରେ ଯୋଗଦେଇ ପାରି ନ ଥିଲେ। ଏଣୁ ସେ ଅଭ୍ୟାସ କରି ନ ଥିଲେ। ଏବେ ତାଙ୍କୁ ଦ୍ୱିତୀୟ ଟେଷ୍ଟ ଲାଗି ଦଳରେ ସାମିଲ ହୋଇନାହାନ୍ତି। ଦୀର୍ଘ ୪ ବର୍ଷ ପରେ ଆର୍ଚର ଇଂଲଣ୍ଡ ଦଳକୁ ଫେରିଥିଲେ। ତାଙ୍କୁ ବାଦ୍ ଦେବା ଫଳରେ ଇଂଲଣ୍ଡର ପେସ ବାହିନୀ ପୂର୍ବପରି କ୍ରିସ୍ ଓକ୍ସ, ବ୍ରାଇଡନ କାର୍ସ ଓ ଜୋଶ ଟଙ୍ଗ୍ ସମ୍ଭାଳିବେ। ବେନ୍ ଷ୍ଟୋକ୍ସ ଚତୁର୍ଥ ପେସର ଦାୟିତ୍ୱ ନେବେ।

### ଇଂଲଣ୍ଡ ଏକାଦଶ

ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ଓକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

## ରାଜ୍ୟ ଓପନ ବନ୍ଧୁକଚାଳନା ଉଦ୍‌ଯାପିତ




ଭୁବନେଶ୍ୱର,୩୦।୬ (ସମିସ): ଓଡ଼ିଶା ରାଇଫଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଓପନ ବନ୍ଧୁକ ଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ ସୁଟିଂ ରେଞ୍ଜ (୫୦ମିଟର) ଓ ଉତ୍କଳ କରାଟେ ସ୍କୁଲ ସୁଟିଂ ରେଞ୍ଜ (୧୦ ମିଟର) ପରିସରରେ ଅନୁଷ୍ଠିତ ହୋଇଥଲା। ୪୦୦ ପ୍ରତିଯୋଗୀଙ୍କୁ ନେଇ .୨୨ ପିସ୍ତଲ, .୩୨ ପିସ୍ତଲ ଓ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ଆର୍‌କେ ନନ୍ଦ ଓ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଇଫଲ ସଂଘ ସଭାପତି ଗୌରୀ ମହାନ୍ତି, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବଳଭଦ୍ର ଦାସ, ଆଶିଷ ନାୟକ, ସୋନୁ କୁମାର ପଣ୍ଡା ଓ ସତ୍ୟଜିତ ପ୍ରଧାନ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। .୩୨ ପିସ୍ତଲରେ ଆକାଶ ଲୋହାର ଓ ଆଦ୍ୟାଶଙ୍କର ସାହୁ, ୧୦ ମିଟର ଏୟାର ରାଇଫଲ ଓପନ କନିଷ୍ଠରେ ଆୟୁଷ୍ମାନ ଦାଶ, ଦିବ୍ୟ ପ୍ରିୟଦର୍ଶିନୀ ଚେପାଦାର, ବରିଷ୍ଠରେ ବିଶ୍ୱଜିତ ପାତ୍ର ଓ ମ୍ରିଦୁଲା ଦେ, ୧୦ ମିଟର ରାଇଫଲ ପିପ୍ କନିଷ୍ଠରେ ବିଭୁପ୍ରସାଦ ସାମଲ ଓ ପ୍ରାଂଶା ହୋତା, ବରିଷ୍ଠରେ ଇଶାନ ମହାନ୍ତି, ୧୦ ମିଟର ଏୟାର ପିସ୍ତଲ କନିଷ୍ଠରେ ଯଶ ରାଉତ୍ ଓ ସୁଶ୍ରୀ ଛୁଆଲସିଂ, ବରିଷ୍ଠରେ ଅର୍ଦ୍ଧେନ୍ଦୁ ପାଢ଼ୀ ଓ ସ୍ୱାତୀରାଣୀ ଗଡନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ମାଷ୍ଟର ବିଭାଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

### ୱିମ୍ବଲଡନ୍- ୨୦୨୫

## ଆରମ୍ଭରୁ ବିପର୍ଯ୍ୟୟ; ମେଡ୍‌ଭେଡେଭ୍ ବିଦା

ଲଣ୍ଡନ, ୩୦।୬ (ଏଜେନ୍ସି): ସ୍ଥାନୀୟ ଅଲ୍‌ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ସୋମବାରଠାରୁ ଐତିହାସିକ ଗ୍ରାଣ୍ଡସ୍ଲାମ ଟେନିସ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୧୩୮ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ହିଁ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୂର୍ବତନ ୟୁଏସ୍ ଓପନ୍ ଚାମ୍ପିଅନ ରୁଷିଆର ଡାନିଲ ମେଡ୍‌ଭେଡେଭ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୬୪ତମ ସ୍ଥାନରେ ରହିଥିବା ଫ୍ରାନ୍ସର ବେଞ୍ଜାମିନ ବୋନଜି ୭-୬ (୭/୨), ୩-୬, ୭-୬ (୭/୩), ୬-୨ ସେଟ୍‌ରେ ମେଡ୍‌ମେଡେଭଙ୍କୁ ହରାଇ ବିଦାୟର ରାସ୍ତା ଦେଖାଇଛନ୍ତି। ୯ମ ସିଡ୍ ମେଡଭେଡେଭ ଗତ ଦୁଇ ସଂସ୍କରଣ ହେବ ଏଠାରେ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେହିଭଳି ମେଡ୍‌ଭେଡେଭ ୭ମଥର ଲାଗି ୱିମ୍ବଲଡନ ଖେଳୁଥିବାବେଳେ ପ୍ରଥମଥର ପ୍ରଥମ ରାଉଣ୍ଡ ଉଠିପାରିନାହାନ୍ତି। ଏହି ରୁଷୀୟ ତାରକା ଟେନିକ ଖେଳାଳିଙ୍କ ଲାଗି ଚଳିତ ବର୍ଷ ମଧ୍ୟ ନୈରାଶ୍ୟଜନକ ରହିଛି। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ରେ ୨ୟ ରାଉଣ୍ଡରୁ ଏବଂ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍‌ର ପ୍ରଥମ ରାଉଣ୍ଡରୁ ସେ ବିଦାୟ ହୋଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ଅନ୍ୟ ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୨୬ତମ ସ୍ଥାନରେ ରହିଥିବା ଗ୍ରୀସର ଷ୍ଟିଫାନୋସ୍ ସିତ୍‌ସିପାସ୍ ଆଘାତ ଲାଗି ପ୍ରଥମ ରାଉଣ୍ଡ ମ୍ୟାଚ୍ ଅଧାରୁ ଓହରିଯାଇଥିଲେ। ଫ୍ରାନ୍ସର ଭାଲେଣ୍ଟିନ ରୋୟରଙ୍କ ବିପକ୍ଷ ଏହି ମ୍ୟାଚରେ ସିତ୍‌ସିପାସ ପ୍ରଥମ ଦୁଇ ସେଟ୍‌କୁ ୩-୬, ୨-୬ରେ ହାରି ପଛୁଆ ରହିଥିବାବେଳେ ପିଠିରେ ଯନ୍ତ୍ରଣା ଲାଗି ରିଟାୟାର୍ଡ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରିଟେନର କାମେରନ ନୋରି, ଅଷ୍ଟ୍ରେଲିଆର ଜୋର୍ଡନ ଥମ୍ପସନ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।



### ସାବାଲେଙ୍କାଙ୍କ ବିଜୟ ଅଭିଯାନ

ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ବେଲାରୁଷା ଆରିନା ସାବାଲେଙ୍କା ସହଜ ବିଜୟ ସହ ଅଗ୍ରଗତି କରିଛନ୍ତି। ପ୍ରଥମ ରାଉଣ୍ଡରେ ସାବାଲେଙ୍କା ୬-୧, ୭-୫ ସିଧାସଳଖ ସେଟ୍‌ରେ କାନାଡାର ଯୋଗ୍ୟତା ଅର୍ଜନକାରୀ କାରସନ ବ୍ରାନଷ୍ଟିନଙ୍କୁ ପରାସ୍ତ କରିଥିଲେ। ସେହିଭଳି ୧୪ତମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନା ୬-୩, ୬-୧ ସିଧାସଳଖ ସେଟ୍‌ରେ ହଙ୍ଗେରୀର ଆନ୍ନା ବୋନ୍ଦାରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। କିନ୍ତୁ ଦୁଇଥରର ରନର୍ସଅପ୍ ଟ୍ୟୁନିସିଆର ଓନସ୍ ଜାବେଉର୍ ଆଘାତ ପାଇ ପ୍ରଥମ ରାଉଣ୍ଡ ଅଧାରୁ ରିଟାୟର୍ଡ ନେଇଥିଲେ। ଫଳରେ ତାଙ୍କ ପ୍ରତିପକ୍ଷ ବୁଲ୍‌ଗେରିଆର ଭିକ୍ଟୋରିଆ ତୋମୋଭା ବିଜୟୀ ହୋଇଥିଲେ।

### ଓଡ଼ିଶା ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଯୁବ ମୁଷ୍ଟିଯୋଦ୍ଧାଙ୍କ ଅଭିଯୋଗର ବିଚାର କର

ଭୁବନେଶ୍ୱର, ୩୦।୬ (ସମିସ)

ଓଡ଼ିଶାର ଯୁବ ମୁଷ୍ଟିଯୋଦ୍ଧାଙ୍କ ଅଭିଯୋଗର ବିଚାର କର। ସେମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ତାହାର ତୁରନ୍ତ ସମାଧାନ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବିଚାରପତି ବିପି ରାଉତରାୟଙ୍କ ଖଣ୍ଡପୀଠ ଆବେଦନକାରୀ ସୁନୀତା ଜେନା, ରାକ୍ଷୀ ସ୍ୱାଇଁ ଓ ଅନ୍ୟମାନଙ୍କ ଆବେଦନର ବିଚାର କରି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶର ପ୍ରମାଣିତ କପି ପାଇବାର ଦୁଇମାସ ମଧ୍ୟରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା କୋର୍ଟରେ ଦାଖଲ କରିବାକୁ ମଧ୍ୟ କ୍ରୀଡ଼ା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ।

ହାଇକୋର୍ଟରେ ପୁରୀର ସୁନୀତା ଜେନା, ରାକ୍ଷୀ ସ୍ୱାଇଁ ଓ ଅନ୍ୟମାନେ କରିଥିବା ଆବେଦନ ଅନୁଯାୟୀ, ଜାତୀୟ ବକ୍ସିଂ ଚାମ୍ପିଅନସିପ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ଆବେଦନକାରୀଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯାଇ ନ ଥିଲା। ଏହି ପ୍ରତିଯୋଗିତାଟି ନଏଡାରେ ଚଳିତବର୍ଷ ମାର୍ଚ୍ଚ ୨୧ରୁ ୨୭ ତାରିଖଯାଏ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଓଡ଼ିଶା ସୌଖୀନ ମୁଷ୍ଟିଯୋଦ୍ଧା ସଂଘ (ଓଏବିଏ)ର ମନମାନି ଓ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଏହି ଉଦୀୟମାନ ମୁଷ୍ଟିଯୋଦ୍ଧାମାନଙ୍କୁ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ଦିଆଯାଇ ନ ଥିଲା। ଆବେଦନକାରୀମାନେ ସିଧାସଳଖ ଓଏବିଏ ସଭାପତି ଅନୀଲ ବହିଦାର ଜାଣିଶୁଣି ଏପରି କରିଥିବା ସେମାନେ ଆବେଦନରେ ଦର୍ଶାଇଥିଲେ। ବହିଦାର ବାରମ୍ବାର ନିଜ କ୍ଷମତାର ଉଲ୍ଲଙ୍ଘନ କରି ଗତ ଏକ ଦଶନ୍ଧିରେ ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ନ ଦେବାର ଅନେକ ଉଦାହରଣ ରହିଛି। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଥିଲା ପୁରୀର ୫ଜଣ କନିଷ୍ଠ ମୁଷ୍ଟିଯୋଦ୍ଧାଙ୍କ କ୍ଷେତ୍ରରେ। ଏହି ମୁଷ୍ଟିଯୋଦ୍ଧାମାନେ ଜାତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ସେମାନଙ୍କୁ ସୂଚନା ଦିଆ ନ ଯାଇ ଦଳ ପଠାଯାଇଥିଲା। ଏମାନେ କ୍ରୀନମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବାପରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସମର୍ଥ ହୋଇଥିଲେ। ଏଣୁ ଓଏବିଏର ପକ୍ଷପାତିତା ଓ ମନମାନି ଯୋଗୁଁ ରାଜ୍ୟରେ ମୁଷ୍ଟିଯୁଦ୍ଧ କ୍ରୀଡ଼ାରେ ସଫଳତା ମିଳୁନାହିଁ।



ଏହି ରିଟ୍ ପିଟିସନ ଡବ୍ଲ୍ୟୁ/.ପି.(ସି) ନଂ.୧୪୨୨୬ ଅଫ୍ ୨୦୨୫ର ବିଚାର କରି ବିଚାରପତି ରାଉତରାୟ ଆବେଦନକାରୀ ସୁନୀତା ଜେନା ଓ ଅନ୍ୟମାନଙ୍କ ଅଭିଯୋଗର ତୁରନ୍ତ ସାମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଓଡ଼ିଶାରେ ଭାରତୀୟ କ୍ରୀଡ଼ାବିକାଶ ସଂହିତା-୨୦୧୧ କାର୍ଯ୍ୟକାରୀ ନ ହେବା ଫଳରେ କ୍ରୀଡ଼ା ପ୍ରଶାସନରେ ସ୍ୱଚ୍ଛତା ଓ ଦାୟିତ୍ୱ ସୁନିଶ୍ଚିତ କରାଇବାକୁ ମଧ୍ୟ ଆବେଦନ କରାଯାଇଥିଲା। ଓଏବିଏର ଦାୟିତ୍ୱହୀନତା ଓ ନେତୃତ୍ୱର ଦୁର୍ବଳତା ବଳରେ ସମ୍ବିଧାନର ଧାରା ୧୪ ଓ ୨୧ ଅନୁଯାୟୀ ଖେଳାଳିମାନଙ୍କ ମୌଳିକ ଅଧିକାର ଉଲ୍ଲଙ୍ଘନ ହୋଇଛି। ଖେଳାଳିମାନଙ୍କ ଅଧିକାର ରକ୍ଷା କରିବା ଓ ଖେଳର ଉନ୍ନତି କରିବା ଲାଗି ସରକାର ଦୃଢ଼ ପଦକ୍ଷେପ ନେବାକୁ ମଧ୍ୟ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଜେ. ଭୂୟାଁ ମକଦ୍ଦମା ପରିଚାଳନା କରୁଥିଲେ।

### ପ୍ରଥମ ଟେଷ୍ଟ: ମଲଡର୍‌ଙ୍କ ଶତକ

## ଜିମ୍ବାୱେ ସାମ୍ନାରେ ୫୩୭ ରନ ଟାର୍ଗେଟ୍

ବୁଲାୱାୟୋ, ୩୦।୬ (ଏଜେନ୍ସି): ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୫୩୭ ରନର ବିଶାଳ ବିଜୟ ଲକ୍ଷ୍ୟ ଜିମ୍ବାୱେ ସାମ୍ନାରେ ଧାର୍ଯ୍ୟ କରିଛି। ଜବାବରେ ଘରୋଇ ଜିମ୍ବାୱେ ଏହି କଷ୍ଟସାଧ ଲକ୍ଷ୍ୟକୁ ପିଛା କରି ସୋମବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୮.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୨ ରନ ସଂଗ୍ରହ କରିଛି। ଓପନର୍ ଟି. କାଇଟୋନ ୬୨ ବଲ୍‌ରେ ୧୨ ରନ କରି ଆଉଟ୍ ହୋଇଛନ୍ତି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାବେଳେ ଜିମ୍ବାୱେକୁ ବିଜୟ ଲାଗି ଆଉ ୫୦୫ ରନ ଆବଶ୍ୟକ ହେଉଛି। ସେହିଭଳି ଦକ୍ଷିଣ ଆଫ୍ରିକା ୯ ୱିକେଟ୍ ନେଲେ ବିଜୟୀ ହେବ। ପୂର୍ବରୁ ୧୬୭ ରନରେ ଅଗ୍ରଣୀ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି ଆରମ୍ଭ କରି ରବିବାର ଶେଷ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୪୯ ରନ କରିଥିଲା। ସୋମବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୱିଆନ ମଲଡର୍‌ଙ୍କ ଶତକ ବଳରେ ୮୨.୫ ଓଭରରେ ୩୬୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମଲ୍‌ଡର ୨୦୬ ବଲ୍ ସାମ୍ନା କରି ୧୭ ଚୌକା ଓ ୨ ଛକା ବଳରେ ୧୪୭ ରନ କରି ଆଉଟ୍ ହୋଇଥିଲେ। ଟେଷ୍ଟରେ ଏହା ତାଙ୍କ ଦ୍ୱିତୀୟ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ କେଶବ ମହାରାଜ ୫୧, କୋର୍ବିନ ବୋଷ୍ଟ ଓ କାଏଲ୍ ଭେରେନି ୩୬ ରନ ଲେଖାଏ କରିଥିଲେ। ଘରୋଇ ଜିମ୍ବାୱେ ପାଇଁ ୱେଲିଂଟନ ମାସାକାଜା ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ।



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS